R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୪୮
ତିଥି : ତ୍ରୟୋଦଶୀ
୨୩ ସେପ୍ଟେମ୍ବର ୨୦୨୬, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 348
23 September 2026, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଗଭୀର ଅବପାତରେ ଲଘୁଚାପ



ଭୁବନେଶ୍ୱର, ୨୨।୯ (ସବ୍ୟୁ) : ପଶ୍ଚିମ କେନ୍ଦ୍ରୀୟ ଓ ଏହାର ସଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଗତ ୬ ଘଣ୍ଟା ଧରି ଘଣ୍ଟାପ୍ରତି ୭ କିମି ବେଗରେ ପଶ୍ଚିମ ଆଡକୁ ଗତି କରୁଛି । ଏହା ଗୋପାଳପୁର ଦକ୍ଷିଣ-ପୂର୍ବରେ ୧୫୦ କିମି ଦୂରରେ ଥିବାବେଳେ ଆନ୍ଧ୍ରର କଳିଙ୍ଗପାଟନମ୍ ଠାରୁ ୧୪୦ କିମି, ପୁରୀର ଦକ୍ଷିଣ ଦିଗରେ ୨୧୦ କିମି ଓ ପୂର୍ବ ବିଶାଖାପାଟନମ୍ ଠାରୁ ୨୨୦ କିମି ଦୂରରେ ରହିଛି । ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗଭୀର ଅବପାତର ରୂପ ନେଇ ଗତି କରିବ। ଏହା ପଶ୍ଚିମ କେନ୍ଦ୍ରୀୟ ଓ ଏହାର ସଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆଗାମୀ ୧୨ ଘଣ୍ଟା ମଧ୍ୟରେ ଗଭୀର ଅବପାତର ରୂପ ନେବ। ଏହା ପଶ୍ଚିମ ଓ ଉତ୍ତର-ପଶ୍ଚିମ ଦିଗକୁ ଗତିକରି ୨୩ ତାରିଖ ରାତି ସୁଦ୍ଧା ଉତ୍ତରଆନ୍ଧ୍ର ଓ ଦକ୍ଷିଣ ଓଡ଼ିଶା ଉପକୂଳ ମଧ୍ୟରେ ଯଥା ବିଶାଖାପାଟନମ୍ ଓ ଗୋପାଳପୁର ମଧ୍ୟରେ ଅତିକ୍ରମ ହେବ। ଗଭୀର ଅବପାତ ସୃଷ୍ଟି ହୋଇଛି। ଫଳରେ ସଡ଼ିଶାର ଦକ୍ଷିଣ ଉପକୂଳରେ ପାଗରେ ପରିବର୍ତ୍ତନ ହୋଇଛି। ଦକ୍ଷିଣ ଓଡ଼ିଶାରେ ବର୍ଷା ଆରମ୍ଭ ହୋଇଯାଇଛି। ମୂଶଳ ଧାରାରେ ବର୍ଷା ହେଉଥିବାରୁ ଜନଜୀବନ ପ୍ରଭାବିତ ହୋଇଛି। ଗଛ ପଡ଼ିବା ହେତୁ ୩୨୬ ନଂ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଛି । ଲଗାଣ ବର୍ଷାର ପ୍ରଭାବ ମଧ୍ୟ କୋରାପୁଟ, ମାଲକାନଗିରି, ରାୟଗଡା ଜିଲ୍ଲାରେ ପଡ଼ିଛି । ବଡ ବର୍ଷା ଆସୁଥିବାରୁ ତେଲେଙ୍ଗି ଜଳଭଣ୍ଡାର ଗେଟ୍‌କୁ ଆଗୁଆ ଖୋଲି ଦିଆଯାଇଛି। ଭୂସ୍ଖଳ ପ୍ରବଣ ୧୧ଟି ସ୍ଥାନ ଚିହ୍ନଟ କରାଯାଇଛି । ବର୍ଷାକୁ ଦୃଷ୍ଟିରେ ରଖି ବିଭିନ୍ନ ଜିଲ୍ଲାରେ ସ୍କୁଲ ଛୁଟି କରାଯାଇଛି । ଜଗତସିଂହପୁର, ପୁରୀରେ ଆସନ୍ତାକାଲି ପାଇଁ ସ୍କୁଲ (୯ ପୃଷ୍ଠାରେ)

- ୨୩ ରାତି ସୁଦ୍ଧା ବିଶାଖାପାଟଣା-ଗୋପାଳପୁର ଅତିକ୍ରମ
- ଦକ୍ଷିଣ ଓଡ଼ିଶାରେ ବର୍ଷା ଆରମ୍ଭ, ଜନଜୀବନ ଅସ୍ତବ୍ୟସ୍ତ
- ଗଛ ପଡ଼ିବା ଯୋଗୁଁ ଯାତାୟତ ବାଧାପ୍ରାପ୍ତ
- ପ୍ରବଳ ବର୍ଷା ଲାଗି ୮ ଜିଲ୍ଲାରେ ସ୍କୁଲ ଛୁଟି
- ୨୪ ସକାଳ ଯାଏଁ ୪ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ

## ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କଲେ ଜିଲ୍ଲାପାଳ

ଛତ୍ରପୁର, ୨୨।୯ (ସବ୍ୟୁ): ଗଞ୍ଜାମ ଜିଲ୍ଲାରେ ଗଭୀର ଅବପାତକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ଜାରି ରହିଛି । ଧନଜୀବନ ସୁରକ୍ଷା ସହ "ଜିରୋ କାଜୁଆଲିଟି' ଲକ୍ଷ୍ୟରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ନିୟମିତ ବୈଠକ କରିବା ସହ ସ୍ଥିତି ଉପରେ ନଜର ରଖିଛନ୍ତି । ଏହି କ୍ରମରେ ଜିଲ୍ଲାପାଳ ଚିକିଟି ବ୍ଲକର ଅଲାଡ଼ିପୁର ଓ ରମାୟାପାଟଣାସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀ ସମେତ ପାତ୍ରପୁର ବ୍ଲକର ଆଙ୍କୁଲୀ ତାଡ଼କା ସାହିସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ପ୍ରସ୍ତୁତିର ସ୍ଥିତି ଯାଞ୍ଚ କରିଛନ୍ତି । ଆଶ୍ରୟସ୍ଥଳୀ ଗୁଡ଼ିକରେ ପାନୀୟ (୯ ପୃଷ୍ଠାରେ)

## ଏସିଆନ ଗେମ୍ସ
# ମହିଳା କ୍ରିକେଟରେ ଭାରତକୁ ସ୍ୱର୍ଣ୍ଣ



ନାଗୋୟା, ୨୨।୯ : ଜାପାନରେ ଚାଲିଥିବା ଏସିଆନ ଗେମ୍ସରେ ଭାରତକୁ ପ୍ରଥମ ସ୍ୱର୍ଣ୍ଣ ପଦକ ମିଳିଛି । ଏହି ସ୍ୱର୍ଣ୍ଣିମ ସଫଳତା ଭାରତୀୟ ମହିଳା କ୍ରିକେଟ ଦଳ ହାସଲ କରିଛି । ସ୍ୱର୍ଣ୍ଣ ଲଢେଇରେ ହରମନପ୍ରୀତ କୌରଙ୍କ ଭାରତୀୟ ମହିଳା ଦଳ ଏକତରଫା ଭାବେ ଶ୍ରୀଲଙ୍କାକୁ ଧରାଶାୟୀ କରିଛି । ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୨୧୬ ରନର ବଡ ସ୍କୋର କରିଥିଲା । ଏହାର ଜବାବ୍‌ରେ ଶ୍ରୀଲଙ୍କା ୬୯ ରନରେ ସୀମିତ ରହିଥିଲା । ୩ ବର୍ଷ ପୂର୍ବେ ଚାଇନାରେ ଅନୁଷ୍ଠିତ ଏସିଆନ ଗେମ୍ସର ୧୯ତମ ସଂସ୍କରଣରେ (୯ ପୃଷ୍ଠାରେ)

## ସର୍ବଣା ବିବେକ୍ ଭୁବନେଶ୍ୱର ଡିସିପି



ଭୁବନେଶ୍ୱର, ୨୨।୯ (ସବ୍ୟୁ) : ଆଇପିଏସ୍ ସ୍ତରରେ ଅଦଳବଦଳ ହୋଇଛି । ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଡ. ଶ୍ରବଣା ବିବେକ୍ ଏମ୍‌ଙ୍କୁ ଭୁବନେଶ୍ୱର ଡିସିପି ଭାବେ ନିଯୁକ୍ତି ଦିଆଯାଇଛି । ଆଇପିଏସ୍ ଅଫିସର ଜଗମୋହନ ମୀନା ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବାପରେ ଏହି ପଦବୀ ଖାଲି ରହିଥିଲା ।

ସେହିଭଳି ଢେଙ୍କାନାଳ ଏସ୍‌ପି ୨୦୧୯ ବ୍ୟାଚ୍‌ର ଅଭିନବ ସୋନକରଙ୍କୁ ବ୍ରହ୍ମପୁର ଏସ୍‌ପି ଭାବେ ବଦଳି କରାଯାଇଥିବାବେଳେ ୨୦୨୧ ବ୍ୟାଚ୍‌ର ଏବି ଶିନ୍ଦାଙ୍କୁ ବରଗଡ ଏସ୍‌ଡିପିଓ ଭାବେ ବଦଳି କରାଯାଇଛି । ପାରାଦୀପର ଅତିରିକ୍ତ ଏସ୍‌ପି ଅଜିଙ୍କ୍ୟ ବି.ମାନେଙ୍କୁ ଢେଙ୍କାନାଳ ଏସ୍‌ପି ଭାବେ ବଦଳି କରାଯାଇଛି ।

## ମୌସୁମୀ ଅଧିବେଶନ ଆରମ୍ଭରୁ ହଟ୍ଟଗୋଳ



- ବିଜେଡ଼ିର ପାଠ୍ୟ ପୁସ୍ତକ ତ୍ରୁଟି ପ୍ରସଙ୍ଗରେ ହଙ୍ଗାମା
- କଂଗ୍ରେସର ଏମ୍‌ଏମ୍‌ଡିଆର ସଂଶୋଧନ ଆଇନ ପ୍ରତ୍ୟାହାର

ଭୁବନେଶ୍ୱର, ୨୨।୯ (ସବ୍ୟୁ) : ମୌସୁମୀ ଅଧିବେଶନ ଆରମ୍ଭରୁ ବିରୋଧୀଙ୍କ ହଟ୍ଟଗୋଳ। ଶୋକ ପ୍ରସ୍ତାବ ପରେ ପାଠ୍ୟ ପୁସ୍ତକ ତ୍ରୁଟି ଓ ଏମଏମଡିଆର ସଂଶୋଧନ ଆଇନ ପ୍ରତ୍ୟାହାର ଦାବିରେ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ନାରାବାଜି କରିଥିଲେ। ଫଳରେ ଗୃହ କାର୍ଯ୍ୟ ଚାଲିପରିନଥିଲା।

ମଙ୍ଗଳବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ପୂର୍ବତନ ମନ୍ତ୍ରୀ ଡମ୍ବରୁ ମାଝୀ, ସୁଶାନ୍ତ ସିଂ, ପୂର୍ବ ସରକାରୀ ଦଳ ମୁଖ୍ୟ ସଚେତକ ସତ୍ୟ ଭୂଷଣ ସାହୁ, ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗ, ହାଜି ମହମ୍ମଦ ଆୟୁବ ଖାନ, ଶିବାଜୀ ମାଝୀ ଏବଂ ନେପାଳ ବନ୍ୟାରେ ମୃତକଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଏହି ପ୍ରସ୍ତାବକୁ ସମର୍ଥନ (୯ ପୃଷ୍ଠାରେ)

## ବର୍ଷା ମୁକାବିଲା ଲାଗି ସରକାରଙ୍କ ପ୍ରସ୍ତୁତି

ଭୁବନେଶ୍ୱର, ୨୨।୯ (ସବ୍ୟୁ) : ଲଘୁଚାପ ଗଭୀର ଅବପାତର ରୂପ ନେବାପରେ ଆସନ୍ତା ୨୩ ଏବଂ ୨୪ ସେପ୍ଟେମ୍ବରରେ ଦକ୍ଷିଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ସହ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ବିଚ୍ଛିନ୍ନ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ। ୨୫ ସେପ୍ଟେମ୍ବରରେ ବିଚ୍ଛିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ୨୬ ସେପ୍ଟେମ୍ବରରେ ଓଡ଼ିଶାର ବିଚ୍ଛିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ।

ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ୟାନାମ୍ ଉପକୂଳରେ ଏବଂ ଉପକୂଳ ସଂଲଗ୍ନ ସମୁଦ୍ରରେ ଘଣ୍ଟାପ୍ରତି ୪୦-୫୦ କିମି ବେଗରେ ପବନ ବହିବା ସହ ଝଟକା ପବନର ବେଗ ୬୦ କିମି ପର୍ଯ୍ୟନ୍ତ ପହଞ୍ଚିବା ଆରମ୍ଭ ହୋଇଯାଇଛି। ୨୨ ସେପ୍ଟେମ୍ବର ସନ୍ଧ୍ୟାରୁ ଏହା କ୍ରମାଗତ ଭାବେ ବୃଦ୍ଧି ପାଇ ଘଣ୍ଟାପ୍ରତି ୫୦-୬୦ କିମି ଏବଂ ଝଟକା ପବନର ବେଗ ୭୦ କିମି ପର୍ଯ୍ୟନ୍ତ ହେବାର ସମ୍ଭାବନା ଅଛି। ପଶ୍ଚିମ-କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ, ୨୨ ସେପ୍ଟେମ୍ବର ସନ୍ଧ୍ୟାରୁ ପବନର ବେଗ ବୃଦ୍ଧି ପାଇ ଘଣ୍ଟାପ୍ରତି ୫୦-୬୦ କିମିରୁ ଝଟକା ୭୦ କିମି ଏବଂ ୨୩ ସେପ୍ଟେମ୍ବରରୁ ୨୪ ସେପ୍ଟେମ୍ବର ସନ୍ଧ୍ୟା (୯ ପୃଷ୍ଠାରେ)

## ଥମୁନାହିଁ ଜନନୀ ଯନ୍ତ୍ରଣା
# ଭାରରେ ପ୍ରସୂତି, ଆମ୍ବୁଲାନ୍ସରେ ପ୍ରସବ

ରାୟଗଡ଼ା, ୨୨।୯ (ସବ୍ୟୁ) : ବିକାଶର କଥା ବଡ଼ ବଡ଼ ମଞ୍ଚରେ ଶୁଭେ । ସଡ଼କ ସଂଯୋଗଠାରୁ ଆରମ୍ଭ କରି ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ନେଇ ଯୋଜନା ମଧ୍ୟ କମ ନାହିଁ । ହେଲେ ରାୟଗଡ଼ା ଜିଲାର ପାହାଡ଼ଘେରା ଅଞ୍ଚଳର ବାସ୍ତବ ଚିତ୍ର ଯେମିତିକି ସେମିତି । ଆଜି ବି ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଗାଁରେ ପହଞ୍ଚି ପାରୁନାହିଁ । ଫଳରେ ଗର୍ଭବତୀଙ୍କ ପାଇଁ ଆମ୍ବୁଲାନ୍ସ ପୂର୍ବରୁ "ଭାର' ହିଁ ଭରସା ପାଲଟିଛି । ପଦ୍ମପୁର ବ୍ଲକ ଗୁଲୁଗୁଡ଼ା ପଞ୍ଚାୟତ ଅନ୍ତର୍ଗତ କଞ୍ଚାକରାଡ଼ ଗ୍ରାମରେ ପୁଣି ଏଭଳି ଏକ ଘଟଣା ଦୁର୍ଗମ ଅଞ୍ଚଳରେ ସଡ଼କ ଓ ସ୍ୱାସ୍ଥ୍ୟସେବାର ବାସ୍ତବ ସ୍ଥିତିକୁ ପଦାରେ ପକାଇଛି । ଗାଁକୁ ପକ୍କା ରାସ୍ତା ନଥିବାରୁ ପ୍ରସୂତିଙ୍କୁ ପ୍ରାୟ ୩ କିଲୋମିଟର ଭାରରେ ବୋହି ଆଣିବାକୁ ପଡ଼ିଛି । ଆଉ ହସ୍ପିଟାଲ ପହଞ୍ଚିବା ପୂର୍ବରୁ ଆମ୍ବୁଲାନ୍ସ ଭିତରେ ହିଁ ଜନ୍ମ ନେଇଛି ଏକ କନ୍ୟା ସନ୍ତାନ ।

କଞ୍ଚାକରାଡ଼ ଗ୍ରାମର ଜୁଏଲ ଶବରଙ୍କ ପନି ଶୁସେଣୀ ଶବର ଗର୍ଭବତୀ ଥିଲେ । ଡାକ୍ତରୀ ପରୀକ୍ଷା ଅନୁଯାୟୀ ଆସନ୍ତା ୨୭ ତାରିଖରେ ତାଙ୍କର ପ୍ରସବ (୯ ପୃଷ୍ଠାରେ)

# ସାମରିକ ଚାପ, ଅବରୋଧ ହଟାଇଲେ ଇରାନ ଖୋଲିବ ହର୍ମୁଜ୍ ପ୍ରଣାଳୀ



ନ୍ୟୁୟର୍କ, ୨୨।୯ : ଆମେରିକା ଇରାନ ଉପରେ ସାମରିକ ଚାପ କମାଇବା ସହ ଇରାନୀ ବନ୍ଦରଗୁଡ଼ିକ ଉପରେ ଲାଗିଥିବା ଅବରୋଧ ହଟାଇଲେ ୭ ଦିନ ମଧ୍ୟରେ ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲି ଦିଆଯାଇପାରିବ ବୋଲି ଜଣେ ବରିଷ୍ଠ ଇରାନୀ ଅଧିକାରୀ ସୂଚନା ଦେଇଛନ୍ତି ।

ରବିବାର ଇରାନର ସାମରିକ କେନ୍ଦ୍ରୀୟ କମାଣ୍ଡ କହିଥିଲେ ଯେ, ଆମେରିକା ଆଞ୍ଚଳିକ ଦେଶଗୁଡ଼ିକର ସହଯୋଗରେ ପୁଣି ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି। ଏପରି ପଦକ୍ଷେପ ନିଆଗଲେ ତେହରାନ ପକ୍ଷରୁ 'କୌଣସି ସୀମା ଓ ବିଚାର ବିନା' ପ୍ରତିଶୋଧ ନିଆଯିବ ବୋଲି ଚେତାବନୀ ଦିଆଯାଇଥିଲା।

ଇରାନୀ ଅଧିକାରୀଙ୍କ କହିବା ଅନୁସାରେ, ଆମେରିକା ପ୍ରଥମେ କୂଟନୈତିକ ଉପାୟରେ ସମସ୍ୟାର ସମାଧାନ କରିବାକୁ ଚାହୁଁଛି ବୋଲି ଆନୁଷ୍ଠାନିକ ଭାବେ ଘୋଷଣା କରିବା ଆବଶ୍ୟକ। ଏହା ପରେ ପ୍ରକ୍ରିୟା କିପରି ଆଗକୁ ବଢ଼ିବ, ସେଥିପାଇଁ ଏକ ସମୟସୀମା ଉପରେ ଉଭୟ ପକ୍ଷ ସହମତ ହୋଇପାରିବେ। ବର୍ତ୍ତମାନ ଇରାନର ପ୍ରତିନିଧିମଣ୍ଡଳ ଜାତିସଂଘ ସାଧାରଣ ପରିଷଦ ବୈଠକ ପାଇଁ ନ୍ୟୁୟର୍କରେ ରହିଛି। (୯ ପୃଷ୍ଠାରେ)

## ପିଇଓଙ୍କ ଘରେ ଭିଜିଲାନ୍ସ

ବରଗଡ଼, ୨୨।୯ (ସବ୍ୟୁ) : ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅଧୀନ କଟାଭାଲ ଗ୍ରାମ ପଞ୍ଚାୟତର ପିଇଓ (ପଞ୍ଚାୟତ ନିର୍ବାହୀ ଅଧିକାରୀ) କାର୍ତ୍ତିକେଶ୍ୱର ବେହେରାଙ୍କ ୬ଟି ସ୍ଥାନରେ ଓଡ଼ିଶାଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ କରାଯାଉଛି । ଜଣେ ପିଇଓ ଭାବେ କାର୍ଯ୍ୟରତ କାର୍ତ୍ତିକେଶ୍ୱର ବେହେରାଙ୍କ ବିରୋଧରେ ତାଙ୍କ ଜଣାଶୁଣା ଆୟର ଉତ୍ସ ତୁଳନାରେ ଅଧିକ ସମ୍ପତ୍ତି ଥିବା ଅଭିଯୋଗ ଆସିବା ପରେ ଏହି ଚଢ଼ଉ କରାଯାଇଛି । ସେ କଟାଭାଲ ଜିପିର ପିଇଓ ଥିବା ସହ ଗାଇସିଲେଟ ବ୍ଲକ (୯ ପୃଷ୍ଠାରେ)

# ସଲିସେଟର ଜେନେରାଲ୍‌ଙ୍କ 'ନକ୍ସଲ' ମନ୍ତବ୍ୟରେ କଥା କଟାକଟି



ନୂଆଦିଲ୍ଲୀ, ୨୨।୯ : 'ବନ୍ଦେ ମାତରମ୍' ଗାନକୁ ନେଇ ଦାଏର ଏକ ମାମଲାର ଶୁଣାଣି ସମୟରେ ମଙ୍ଗଳବାର ସୁପ୍ରିମକୋର୍ଟରେ ସଲିସିଟର ଜେନେରାଲ ତୁଷାର ମେହତା ଓ ବରିଷ୍ଠ ଆଇନଜୀବୀ ଏସ୍. ମୁରଲୀଧରଙ୍କ ମଧ୍ୟରେ ତୀବ୍ର କଥା କଟାକଟି ହୋଇଥିଲା। ଆଇନ ପ୍ରଣୟନ ସମ୍ପର୍କରେ ମେହତାଙ୍କ 'ନକ୍ସଲ' ମନ୍ତବ୍ୟକୁ ମୁରଲୀଧର ଦୃଢ଼ ଆପତ୍ତି ଜଣାଇଥିଲେ।

କର୍ଣ୍ଣାଟିକ୍ ସଙ୍ଗୀତଜ୍ଞ ଟି.ଏମ୍. କୃଷ୍ଣଙ୍କ ପକ୍ଷରୁ ମୁରଲୀଧର ଯୁକ୍ତି ରଖି କହିଥିଲେ ଯେ ଆଇନ ପ୍ରଣୟନରେ ଏକପାଖିଆ ବା 'ଉପରୁ ତଳ' ଆଭିମୁଖ୍ୟ ଠିକ୍ ନୁହେଁ। ଏହାର ଜବାବରେ ମେହତା କହିଥିଲେ, ଆଇନ ପ୍ରଣୟନ ସମ୍ବିଧାନ ଅନୁସାରେ ହେବା ଉଚିତ, 'ନକ୍ସଲମାନଙ୍କ ଚିନ୍ତାଧାରା' ଅନୁସାରେ ନୁହେଁ।

ଏହି ମନ୍ତବ୍ୟକୁ ନେଇ ମୁରଲୀଧର ତୁରନ୍ତ ଆପତ୍ତି ଉଠାଇ ଏହାକୁ ପ୍ରତ୍ୟାହାର କରିବାକୁ କହିଥିଲେ। ସେ କହିଥିଲେ ଯେ ଏଭଳି ଶବ୍ଦ ପ୍ରୟୋଗ ଜଣେ ଆଇନ ଅଧିକାରୀଙ୍କ ପଦମର୍ଯ୍ୟାଦା ସହ ସମଞ୍ଜସ ନୁହେଁ। ତେବେ ମେହତା ନିଜ ମନ୍ତବ୍ୟରୁ ପଛକୁ ହଟିନଥିଲେ।

ଶୁଣାଣି କରୁଥିବା ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି. ମୋହନାଙ୍କ ଖଣ୍ଡପୀଠ ଆଇନଗତ ପ୍ରସଙ୍ଗ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ଉଭୟ ପକ୍ଷକୁ କହିଥିଲେ। ବିଚାରପତି ବାଗଚୀ କହିଥିଲେ ଯେ କାହାକୁ 'ନକ୍ସଲ' ବୋଲି ଅଭିହିତ କଲେ ମଧ୍ୟ ତାଙ୍କ ସାମ୍ବିଧାନିକ ଅଧିକାର ହ୍ରାସ ପାଏ ନାହିଁ। କୋର୍ଟ ଏହି ମନ୍ତବ୍ୟଗୁଡ଼ିକୁ ରେକର୍ଡରେ ନେଇନଥିବା ମଧ୍ୟ ସ୍ପଷ୍ଟ କରିଥିଲେ।

ଟି.ଏମ୍. କୃଷ୍ଣ ୧୯୭୧ର 'ପ୍ରିଭେନ୍ସନ୍ ଅଫ୍ ଇନ୍‌ସଲ୍ଟସ୍ ଟୁ ନ୍ୟାସନାଲ୍ ଅନର୍ ଆକ୍ଟ'ରେ ୨୦୨୬ରେ ହୋଇଥିବା ସଂଶୋଧନକୁ ଚ୍ୟାଲେଞ୍ଜ କରିଛନ୍ତି। ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ ଜାତୀୟ ସଙ୍ଗୀତ କିମ୍ବା ଜାତୀୟ ଗୀତ 'ବନ୍ଦେ ମାତରମ୍' ଗାଇବାରେ ଇଚ୍ଛାକୃତ ଭାବେ ବାଧା ସୃଷ୍ଟି କରିବାକୁ ଦଣ୍ଡନୀୟ କରାଯାଇଛି। ଏଥିରେ ସର୍ବାଧିକ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡର ବ୍ୟବସ୍ଥା ରହିଛି। ଏହା ସହିତ କେନ୍ଦ୍ର ସରକାରଙ୍କ ପକ୍ଷରୁ 'ବନ୍ଦେ ମାତରମ୍'ର ସମସ୍ତ ୬ଟି ସ୍ତବକ ନିର୍ଦ୍ଦିଷ୍ଟ ସରକାରୀ, ଔପଚାରିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗାଇବା ସମ୍ପର୍କିତ ନିର୍ଦ୍ଦେଶକୁ ମଧ୍ୟ କୃଷ୍ଣ ଚ୍ୟାଲେଞ୍ଜ କରିଛନ୍ତି।

କୃଷ୍ଣଙ୍କ ପକ୍ଷରୁ ଯୁକ୍ତି ଦିଆଯାଇଛି ଯେ ଗୀତର ପରବର୍ତ୍ତୀ ସ୍ତବକଗୁଡ଼ିକରେ ହିନ୍ଦୁ ଦେବଦେବୀଙ୍କ ପ୍ରତି ଭକ୍ତିଭାବର ଉଲ୍ଲେଖ ରହିଥିବାରୁ ସମସ୍ତଙ୍କ ପାଇଁ ଏହାକୁ ବାଧ୍ୟତାମୂଳକ (୯ ପୃଷ୍ଠାରେ)

# ଆଜି ସୁପ୍ରିମ୍‌କୋର୍ଟରେ ଡିଜିପି ନିଯୁକ୍ତି ଶୁଣାଣି

ଭୁବନେଶ୍ୱର, ୨୨।୯ (ସବ୍ୟୁ) : ଓଡ଼ିଶା ଡିଜିପି ଚୟନ ବିବାଦର ଶୁଣାଣି ପୁଣି ଆସନ୍ତାକାଲି ସୁପ୍ରିମ୍‌କୋର୍ଟରେ ହେବ । ପ୍ରକାଶ ସିଂ ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଉଲ୍ଲଂଘନ, ବରିଷ୍ଠ ଆଇପିଏସ୍ ଅଫିସରଙ୍କ ଇଣ୍ଟିଗ୍ରିଟି ସାର୍ଟିଫିକେଟ ରୋକିବା, ଦୁଇଟି ଅସ୍ଥାୟୀ ଏକ୍ସ କ୍ୟାଡର ଡିଜି ପଦବୀ ସୃଷ୍ଟି ଓ ଜୋନ୍ ଅଫ୍ କନ୍‌ସିଡରେସନ୍‌କୁ ନେଇ କୋର୍ଟରେ ଆଜି ବରିଷ୍ଠ ଓକିଲ ପି. ଚିଦାମ୍ବରମ୍ ଓ କରୁଣା ନନ୍ଦୀ ପ୍ରସଙ୍ଗ ଉଠାଇଥିଲେ। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଓ ଜଷ୍ଟିସ୍ ଭି ମୋହନଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ଏହି ମାମଲାର ପ୍ରାଥମିକ ଶୁଣାଣି ଆରମ୍ଭ କରିଛନ୍ତି ।

ଶୁଣାଣି ସମୟରେ ଆଇନ୍‌ଜୀବୀ ଚିଦାମ୍ବରମ୍ ଯୁକ୍ତି ଦର୍ଶାଇଥିଲେ ଯେ ବିଜେପି ପାହ୍ୟାର ଉପଲବ୍ଧ ଶୀର୍ଷ ୩ ଜଣ ଅଧିକାରୀଙ୍କ ମଧ୍ୟରୁ ଜଣଙ୍କୁ ଅଯୋଗ୍ୟ ଦର୍ଶାଇ ପ୍ରକ୍ରିୟାକୁ ବାହାର କରିବା ଓ ତାଲିକାର ନିମ୍ନ କ୍ରମରେ ଥିବା ଚତୁର୍ଥ ଓ ପଞ୍ଚମ ସ୍ଥାନର ଏଡିଜି ପାହ୍ୟା ଅଫିସରଙ୍କୁ ପଦୋନ୍ନତି ଦେଇ ଜୋନ୍ ଅଫ୍ କନ୍‌ସିଡରେସନ୍‌କୁ ଅଣାଯାଇଛି । ସୁଚିନ୍ତିତ ଢ଼ଙ୍ଗରେ ଆଇପିଏସ୍ ଅଫିସର ସୁଶାନ୍ତ ନାଥଙ୍କ ସଚ୍ଚୋଟତା ପ୍ରମାଣପତ୍ର ରୋକିବା ଓ ଦୁଇଟି ଏକ୍ସ କ୍ୟାଡର ପଦବୀ ସୃଷ୍ଟି କରାଯାଇଛି । ନାଗାଲାଣ୍ଡ ମାମଲା ରାୟ ଆଧାରରେ ଯଦି ୩ ଜଣ ଡିଜିପି ପାହ୍ୟା ଅଧିକାରୀଙ୍କ ଅଭାବ ଥାଏ ତେବେ ନିମ୍ନ ପାହ୍ୟାର ଅଫିସରଙ୍କ ନାମ ବିଚାରକୁ ନିଆଯାଏ। କିନ୍ତୁ ସଂଶୋଧିତ ତାଲିକାରେ ୩ ଜଣ ଡିଜିପି ପାହ୍ୟ ଅଫିସର ଥିଲେ ବି ଜଣଙ୍କର ସଚ୍ଚୋଟତା ପ୍ରମାଣପତ୍ରକୁ ରୋକି ଦିଆଯାଇଛି। ସିବିଆଇ ପକ୍ଷରୁ ଏ ପ୍ରସଙ୍ଗରେ କୌଣସି ଟିପ୍ପଣୀ ଦିଆଯାଇନଥିଲା। ମାତ୍ର ସରକାର ୟୁପିଏସ୍‌ସି ଚୟନ ବୈଠକକୁ ସ୍ଥଗିତ କଲେ। ଦୁଇଟି ଅସ୍ଥାୟୀ ଏକ୍ସ କ୍ୟାଡର ଡିଜି ପଦବୀ ଗଠନ ପାଇଁ ରାଜ୍ୟ ଅନୁରୋଧକୁ କେନ୍ଦ୍ର ସରକାର ଅନୁମୋଦନ କଲେ। ଫଳରେ ୟୁପିଏସ୍‌ସି ବୈଠକକୁ ଘୁଞ୍ଚାଇ ଦିଆଗଲା । ଏଡିଜି ପାହ୍ୟାରୁ ଡିଜିପି ପାହ୍ୟାକୁ ପଦୋନ୍ନତି ପାଇଥିବା ଅଫିସରଙ୍କ ଯୋଗ୍ୟତା ସମ୍ପର୍କରେ ଖଣ୍ଡପୀଠ ପଚାରିଥିଲେ। ଫେବୃଆରୀ ୯ ତାରିଖରେ କେନ୍ଦ୍ର ସରକାର ଅସ୍ଥାୟୀ ଡିଜି ପଦବୀ ସୃଷ୍ଟି ପ୍ରତ୍ୟାଖ୍ୟାନ କରିଥିଲେ। କିନ୍ତୁ ରାଜ୍ୟ ସରକାର ପୁଣିଥରେ ପ୍ରସ୍ତାବ ଦେବାରୁ ଏହାକୁ ଅନୁମୋଦନ କରିଥିଲେ। ତେବେ ଆସନ୍ତାକାଲି ଏ ସମ୍ପର୍କରେ ଚୂଡାନ୍ତ ଶୁଣାଣି ହୋଇପାରେ ବୋଲି କୁହାଯାଉଛି ।

## ଜାତୀୟ ଆୟୁର୍ବେଦ ଦିବସ

ଭାରତର ପାରମ୍ପରିକ ଚିକିତ୍ସା ପଦ୍ଧତିକୁ ବିଶ୍ୱସ୍ତରରେ ପ୍ରସାରିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୨୩ ତାରିଖରେ 'ଜାତୀୟ ଆୟୁର୍ବେଦ ଦିବସ' ପାଳିତ ହେଉଛି । ୨୦୧୬ ମସିହାରେ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ଦିବସ ପୂର୍ବରୁ ଧନ୍ୱନ୍ତରୀ ଜୟନ୍ତୀ ତିଥି ଅନୁସାରେ ପାଳନ କରାଯାଇଥାଏ । ବିଶ୍ୱସ୍ତରୀୟ ସମାନତା ରଖିବା ପାଇଁ ଭାରତ ସରକାର ମାର୍ଚ୍ଚ ୨୦୨୫ରେ ଏକ ଗେଜେଟ୍ ବିଜ୍ଞପ୍ତି ମାଧ୍ୟମରେ ସେପ୍ଟେମ୍ବର ୨୩କୁ ଏହାର ନିର୍ଦ୍ଦିଷ୍ଟ ତାରିଖ ଭାବେ ଘୋଷଣା କରିଥିଲେ। ଏହି ତାରିଖଟି ଶରତ୍ ବିଷୁବ (ଅଟମ୍‌ନାଲ୍ ଇକ୍ୱିନୋକ୍ସ) ସହ ମିଶୁଥିବାରୁ ଏହା ପ୍ରାକୃତିକ ସନ୍ତୁଳନକୁ ସୂଚାଏ, ଯାହା ମନ, ଶରୀର ଓ ଆତ୍ମାର ସମାହାର ରୂପକ ଆୟୁର୍ବେଦିକ ଦର୍ଶନକୁ ପ୍ରତିଫଳିତ କରିଥାଏ। ୨୦୨୬ ମସିହାରେ ଏହି ଦିବସଟି "ସୁସ୍ଥ ଆଗାମୀ କାଲି ପାଇଁ ଆୟୁର୍ବେଦ" ବିଷୟବସ୍ତୁ ଆଧାରରେ ଆୟୋଜିତ ହେଉଛି । ବିଶ୍ୱର ୧୫୦ରୁ ଅଧିକ ଦେଶରେ ଗୋଷ୍ଠୀଗତ କାର୍ଯ୍ୟକ୍ରମ, ଯୁବ କାର୍ଯ୍ୟକ୍ରମ ଏବଂ ସ୍ୱାସ୍ଥ୍ୟ ପ୍ରଦର୍ଶନୀ ମାଧ୍ୟମରେ ଏହାକୁ ବ୍ୟାପକ ଭାବେ ପାଳନ କରାଯାଇଥାଏ ।



## ସୋସିଆଲ କୋଟ୍ସ



ମୁଁ ଠିକ ଅଛି, କିଛି ଅସୁବିଧା ନାହିଁ ବିଗବସ ପ୍ରୋମୋକୁ ମେକର୍ସ ଭୁଲଢଙ୍ଗରେ କାଟି ସୋସିଆଲ ମିଡିଆରେ ଅପଲୋଡ କରିଛନ୍ତି । ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଛି ।

**ସଲମାନ ଖାନ, ଅଭିନେତା**



କଣ ଜଣେ ରାଜନେତା ସବୁବେଳେ ଗରିବ ରହିବା ଆବଶ୍ୟକ ଅଛି । ସେ ନିଜେ ପରିଶ୍ରମ କରି ପରିଶ୍ରମର ଠିକ ଅର୍ଥରେ ନିଜ ପାଇଁ କିଛି କରିଲେ ତାଙ୍କୁ ଏଭଳି ସମାଲୋଚନା କରିବା ଠିକ ନୁହେଁ ।

**କଙ୍ଗନା ରାଣାୱତ, ଅଭିନେତ୍ରୀ**



ମୁଁ ତାଙ୍କୁ ଏବେ ବି ସବୁ ସ୍ଥାନରେ ଦେଖୁଛି । ମୋତେ ଉତ୍ତର ଦରକାର । ତାଙ୍କର ମୃତ୍ୟୁ ପୂର୍ବରୁ ତାଙ୍କ ସହିତ କଣ ସବୁ ଘଟିଥିଲା ।

**ଗରିମା ଗର୍ଗ, ଜୁବିନ ଗର୍ଗଙ୍କ ପତ୍ନୀ**

## ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ

ପ୍ରତିବର୍ଷ ସେପ୍ଟେମ୍ବର ୨୩ ତାରିଖରେ ସାରା ବିଶ୍ୱରେ 'ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ' ପାଳିତ ହୋଇଥାଏ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦିବ୍ୟାଙ୍ଗ (ଶ୍ରବଣବାଧିତ) ସମ୍ପ୍ରଦାୟର ସାଙ୍କେତିକ ଭାଷାର ସୁରକ୍ଷା, ମାନବାଧିକାରକୁ ସୁନିଶ୍ଚିତ କରିବା ଏବଂ ସମାଜରେ ସେମାନଙ୍କର ସମ୍ପୂର୍ଣ୍ଣ ଭାଗିଦାରୀକୁ ପ୍ରୋତ୍ସାହିତ କରିବା । ୧୯୫୧ ମସିହା ସେପ୍ଟେମ୍ବର ୨୩ରେ 'ୱାର୍ଲ୍ଡ ଫେଡେରେସନ୍ ଅଫ୍ ଦି ଡେଫ୍' ପ୍ରତିଷ୍ଠା ହୋଇଥିବାରୁ ଏହି ଦିବସର ବିଶେଷ ଗୁରୁତ୍ୱ ରହିଛି । ଜାତିସଂଘ ସାଧାରଣ ସଭା ଦ୍ୱାରା ଏହାକୁ ଆନୁଷ୍ଠାନିକ ମାନ୍ୟତା ପ୍ରଦାନ କରାଯାଇଛି ଏହି ଦିବ୍ୟାଙ୍ଗମାନଙ୍କର ଭାଷାଗତ ପରିଚୟ ଏବଂ ସାଂସ୍କୃତିକ ବିବିଧତାକୁ ବଜାୟ ରଖିବା ପାଇଁ ଏହି ଦିବସ ଅତ୍ୟନ୍ତ ସ୍ୱତନ୍ତ୍ର । ଏହି ଅବସରରେ ବିଶ୍ୱସାରା ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା, ଶିକ୍ଷାନୁଷ୍ଠାନ ଏବଂ ସାମାଜିକ ସଂଗଠନ ପକ୍ଷରୁ ସଚେତନତା ଶୋଭାଯାତ୍ରା, ସେମିନାର, କର୍ମଶାଳା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ । ଏଥିସହିତ, ସେମାନଙ୍କ ସମ୍ପ୍ରଦାୟ ସହ ଏକତା ପ୍ରଦର୍ଶନ କରିବା ପାଇଁ ବିଶ୍ୱର ଅନେକ ପ୍ରମୁଖ ଐତିହାସିକ ସ୍ମାରକୀ ଓ ସରକାରୀ ସୌଧଗୁଡ଼ିକୁ ନୀଳ ରଙ୍ଗର ଆଲୋକରେ ଆଲୋକିତ କରାଯାଇ ଏହି ଦିବସକୁ ବ୍ୟାପକ ଭାବେ ପାଳନ କରାଯାଏ ।



## ନିଆରା ଗାଡି ପ୍ରଦର୍ଶନୀ

ସାନ ଫ୍ରାନ୍ସିସ୍କୋର ମିସନ୍ ଷ୍ଟ୍ରିଟ୍‌ରେ ଆୟୋଜିତ 'କିଙ୍ଗ ଅଫ୍ ଦି ଷ୍ଟ୍ରିଟ୍ସ' କାର୍ଯ୍ୟକ୍ରମରେ ୩୦୦ରୁ ଅଧିକ ସ୍ୱତନ୍ତ୍ର ହାଇଡ୍ରୋଲିକ୍ ସିଷ୍ଟମ-ଯୁକ୍ତ 'ଲୋରାଇଡର୍' କାର୍ ଅଂଶଗ୍ରହଣ କରି ଏକ ଅନନ୍ୟ କାର୍ ପାରେଡ୍ ପ୍ରଦର୍ଶନ କରିଛନ୍ତି । ଯେଉଁଥିରେ ଗାଡ଼ିଗୁଡ଼ିକ ରାସ୍ତାରେ ଗଡ଼ିବା ସହ ଡେଇଁବା ଓ ନାଚିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ଏହି ଗାଡ଼ିଗୁଡ଼ିକର ସସପେନ୍ସନ୍ ହ୍ରାସ କରାଯାଇ ରାସ୍ତା ନିକଟତର ରଖାଯାଉଥିବା ବେଳେ ଏଥିରେ ସ୍ୱତନ୍ତ୍ର ହାଇଡ୍ରୋଲିକ୍ସ, କ୍ରୋମ୍, ସ୍ୱତନ୍ତ୍ର ପେଣ୍ଟୱାର୍କ ଓ ଆକର୍ଷଣୀୟ ଇଣ୍ଟେରିଅର୍ କଷ୍ଟମାଇଜ୍ କରାଯାଇଥାଏ । ମେକ୍ସିକାନ୍-ଆମେରିକାନ୍ ଏବଂ ଚିକାନୋ ସମ୍ପ୍ରଦାୟର ସଂସ୍କୃତି ସହ ଜଡ଼ିତ ଏହି ଲୋରାଇଡିଂ ଗାଡ଼ି ଚାଳନା ଉପରେ କ୍ଲାଫର୍ଣ୍ଣିଆର ବିଭିନ୍ନ ସହରରେ ପୂର୍ବରୁ କଟକଣା ଲଗାଯାଇଥିବା ବେଳେ ୨୦୨୩ ମସିହାରେ ରାଜ୍ୟ ସରକାର ଏହି ବ୍ୟାନ ହଟାଇଥିଲେ । ବର୍ତ୍ତମାନ ଏହି ଲୋରାଇଡର୍ ସଂସ୍କୃତିକୁ ଆମେରିକୀୟ ଡାକ ଟିକେଟରେ ସ୍ଥାନ ମିଳିବା ସହ ଏଥିପାଇଁ ସ୍ୱତନ୍ତ୍ର ଲାଇସେନ୍ସ ପ୍ଲେଟ୍ ମଧ୍ୟ ଜାରି କରାଯାଇଛି ।



## ରିଆଲିଟି ଶୋ'ରେ ରୋବୋଟ'ର ସଫଳତା

ଆମେରିକାଜ୍ ଗଟ୍ ଟ୍ୟାଲେଣ୍ଟ'ର କ୍ୱାଟରଫାଇନାଲରେ ଚୀନ୍ ନୃତ୍ୟଶିଳ୍ପୀ ୱୁ ୟୁଫେଇ ଏବଂ କେତେକ 'ୟୁନିଟ୍ରି ଜି୧' ହ୍ୟୁମାନଏଡ୍ ରୋବୋଟ୍ ମାର୍ଶଲ ଆର୍ଟ, ନୃତ୍ୟ ଓ ଆଡଭାନ୍ସଡ୍ ରୋବୋଟିକ୍ସର ଏକ ଚିତ୍ତାକର୍ଷକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ଏହା ଉକ୍ତ ଶୋର ବିଚାରକ, ଦର୍ଶକ ଓ ସୋସିଆଲ ମିଡିଆ ବ୍ୟବହାରକାରୀଙ୍କୁ ଅତ୍ୟନ୍ତ ପ୍ରଭାବିତ କରିଛନ୍ତି । ଏହି ପ୍ରଦର୍ଶନରେ ରୋବୋଟ୍‌ଗୁଡ଼ିକ ମାର୍ଶଲ ଆର୍ଟ-ପ୍ରେରିତ ଗୋଇଠା, ବିଧା, ଫ୍ଲିପ୍ସ ଓ ବିଭିନ୍ନ ଭଙ୍ଗୀକୁ ମାନବ ନୃତ୍ୟଶିଳ୍ପୀଙ୍କ ସହ ସମ୍ପୂର୍ଣ୍ଣ ସୁସଂଗଠିତ ଭାବେ ଉପସ୍ଥାପନ କରିଥିଲେ । ପୂର୍ବରୁ ଜୁନ୍ ମାସରେ ସିଜନ୍ ୨୧ର ଅଡିସନ୍ ସମୟରେ ନିଜର ଭାରସାମ୍ୟ, ନୃତ୍ୟ ଓ ବ୍ୟାକ୍‌ଫ୍ଲିପ୍ ଭଳି ଆକ୍ରୋବେଟିକ୍ କଳା ଦେଖାଇ ସାରିଥିବା ଏହି ଟିମ୍‌ର ଏହି ନୂତନ ପ୍ରଦର୍ଶନରେ ବିଚାରକ ଖୁବ ପ୍ରସନ୍ନ ହୋଇଥିଲେ । ଉକ୍ତପ୍ରତିଯୋଗୀଙ୍କୁ ଜଜମାନେ 'ଲାଇଭ୍ ଗୋଲ୍ଡେନ୍ ବଜର୍' ଦବାଇ ସିଧାସଳଖ ଫାଇନାଲ୍‌କୁ ପଠାଇଥିବା ଜଣାପଡିଛି । 'ଗଟ୍ ଟ୍ୟାଲେଣ୍ଟ ଗ୍ଲୋବାଲ୍' ଦ୍ୱାରା ଇନ୍‌ଷ୍ଟାଗ୍ରାମ୍‌ରେ ସେୟାର କରାଯାଇଥିବା ଏହି ଭିଡିଓଟି ଭାଇରାଲ୍ ହେବା ପରେ ରୋବୋଟ୍‌ଗୁଡ଼ିକର ସୂକ୍ଷ୍ମତା ଓ ସଂସ୍କୃତିର ମିଶ୍ରଣକୁ ପ୍ରଶଂସା ମିଳିଛି । ସେହିଭଳି କିଛିଲୋକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଓ ରୋବୋଟିକ୍ସର ଦ୍ରୁତ ଅଗ୍ରଗତିକୁ ନେଇ ଚିନ୍ତା ବ୍ୟକ୍ତ କରି ଭବିଷ୍ୟତର ବିପଦ ସମ୍ପର୍କରେ ମିଶ୍ରିତ ପ୍ରତିକ୍ରିୟା ଦେଇଛନ୍ତି ।



## ମମତାଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର



ନବେ ଦଶକର ପ୍ରସିଦ୍ଧ ଅଭିନେତ୍ରୀ ମମତା କୁଲକର୍ଣ୍ଣୀଙ୍କୁ ଚଳିତ ବର୍ଷର ରାଜସ୍ଥାନ ଫିଲ୍ମ ଫେଷ୍ଟିଭାଲ୍ (ଆର.ଏଫ୍.ଏଫ୍.)ରେ 'ଲାଇଫଟାଇମ୍ ଆଚିଭମେଣ୍ଟ ଆୱାର୍ଡ' ପାଇଁ ମନୋନୀତ କରାଯାଇଥିବା ସୂଚନା ମିଳିଛି । ଏନେଇ ସଂସ୍ଥାପକ-ନିର୍ଦ୍ଦେଶିକା ସଞ୍ଜନା ଶର୍ମା ଘୋଷଣା କରିଛନ୍ତି । ୧୯୯୧ ମସିହାରେ ତାମିଲ ଫିଲ୍ମ 'ନନବରଗଲ୍'ରୁ ଆରମ୍ଭ କରି 'ତିରଙ୍ଗା' (୧୯୯୩), 'ଆଶିକ୍ ଆୱାରା' (୧୯୯୩), 'ୱକ୍ତ ହମାରା ହୈ' (୧୯୯୩), 'କ୍ରାନ୍ତିବୀର' (୧୯୯୪), 'କରଣ ଅର୍ଜୁନ' (୧୯୯୫), 'ସବସେ ବଡ଼ା ଖିଲାଡ଼ି' (୧୯୯୫), 'ଘାତକ' (୧୯୯୬), 'ଚାଇନା ଗେଟ୍' (୧୯୯୮) ଓ 'ଛୁପା ରୁସ୍ତମ' (୨୦୦୧) ଭଳି ଅନେକ ଲୋକପ୍ରିୟ ହିନ୍ଦୀ ଚଳଚ୍ଚିତ୍ରରେ ନିଜର ସ୍ୱତନ୍ତ୍ର ଅଭିନୟ ଶୈଳୀ ଓ ଉପସ୍ଥିତି ପାଇଁ ସେ ପରିଚିତ ହୋଇଥିଲେ । 'ଆଶିକ୍ ଆୱାରା' ପାଇଁ ୧୯୯୪ରେ ଫିଲ୍ମଫେୟାରର 'ଲକ୍ସ ନ୍ୟୁ ଫେସ୍ ଅଫ୍ ଦି ଇୟର' ପୁରସ୍କାର ପାଇଥିବା ମମତାଙ୍କୁ ସିନେମା ଜଗତକୁ ତାଙ୍କର ଅତୁଳନୀୟ ଯୋଗଦାନ ପାଇଁ ସମ୍ମାନିତ କରାଯିବ । ସୂଚନାଯୋଗ୍ୟ, 'କଞ୍ଚନ କ୍ୟାସେଟ୍ସ ଆଣ୍ଡ ସିରିଜ୍'ର ସଂସ୍ଥାପିକା ସଞ୍ଜନା ଶର୍ମାଙ୍କ ଉଦ୍ୟମରେ ୨୦୧୩ରୁ ଜୟପୁରରେ ଆରମ୍ଭ ହୋଇଥିବା ଏହି ଫେଷ୍ଟିଭାଲ୍ ରାଜସ୍ଥାନୀ ତଥା ଦେଶର ବିଭିନ୍ନ ଆଞ୍ଚଳିକ ଭାଷାର ସିନେମା, କଳାକାର ଓ ନିର୍ମାତାଙ୍କୁ ଏକ ଜାତୀୟ ମଞ୍ଚ ପ୍ରଦାନ କରିଆସୁଛି । ପୂର୍ବରୁ ପଣ୍ଡିତ ବିଶ୍ୱମୋହନ ଭଟ୍ଟ, ଶକ୍ତି କାପୁର, ସଞ୍ଜୟ ମିଶ୍ର, ଗୁଲଶନ ଗ୍ରୋଭର, ଉସ୍ତାଦ ଅହମ୍ମଦ ହୁସେନ-ମହମ୍ମଦ ହୁସେନ ଓ ଦିଲୀପ ସେନଙ୍କ ଭଳି ଗୁଣୀଜନ ଏହି ସମ୍ମାନରେ ସମ୍ମାନିତ ହୋଇସାରିଛନ୍ତି ।

## ମୁଗଡ଼ାଲି ଉତପମ୍

ସାମଗ୍ରୀ- ମୁଗଡ଼ାଲି ୫୦୦ ଗ୍ରାମ୍, ଜିରା ଏକଚାମଚ, ଲଙ୍କାଗୁଣ୍ଡ ଅଧାଚାମଚ, ଧନିଆଗୁଣ୍ଡ ଅଧାଚାମଚ, କଟା ପିଆଜ, ଟମାଟୋ, କ୍ୟାପ୍ସିକମ, ଭୃସଙ୍ଗପତ୍ର, ଧନିଆପତ୍ର, କଞ୍ଚାଲଙ୍କା ।

ପ୍ରଣାଳୀ- ପ୍ରଥମେ ମୁଗଡ଼ାଲିକୁ ବତୁରାଇ ଚିକ୍କଣ କରି ବାଟିଦିଅନ୍ତୁ । ଏହାପରେ ଏଥିରେ ଲୁଣ, ଲଙ୍କାଗୁଣ୍ଡ, ଜିରାଗୁଣ୍ଡ, ଧନିଆଗୁଣ୍ଡ ମିଶାନ୍ତୁ । ପ୍ୟାନରେ ଏହି ଆଣକୁ ଛୋଟ ଛୋଟ ଗୋଲାକାର ଆକୃତି ଦିଅନ୍ତୁ । ଏହା ଉପରେ ଛୋଟ ଛୋଟ କାଟିଥିବା କଟା ପିଆଜ, ଟମାଟୋ, କ୍ୟାପ୍ସିକମ, ଭୃସଙ୍ଗପତ୍ର, ଧନିଆପତ୍ର, କଞ୍ଚାଲଙ୍କା ପକାନ୍ତୁ । କିଛି ସମୟ ସିଝିବା ପରେ ପ୍ରସ୍ତୁତ ହୋଇଯିବ ଉତପମ୍ ।

## ଇତିହାସ

୧୮୭୯- ଶୁଣିବାରେ ସାହାଯ୍ୟ କରିବା ଲାଗି ରିଚାର୍ଡ ରୋଡ୍ସଙ୍କ ଦ୍ୱାରା ଅଡିଓଫୋନ୍ ନାମକ ଏକ ମେସିନ୍‌ର ଆବିଷ୍କାର ।

୧୯୨୯- ବାଲ୍ୟ ବିବାହ ନିଷେଧ ବିଲ୍‌କୁ ମଞ୍ଜୁରୀ ମିଳିଲା । ପରବର୍ତ୍ତୀ ସମୟରେ ଏହା ଶାରଦା ଆଇନ ନାଁରେ ପରିଚିତ ହେଲା ।

୧୯୫୫- ବାଗଦାଦ ଚୁକ୍ତି ଉପରେ ପାକିସ୍ତାନର ସ୍ୱାକ୍ଷର ।

୧୯୬୫- ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରାମ ଘୋଷଣା ।

୨୦୨୦- ଜମ୍ମୁ-କଶ୍ମୀର ଅଫିସିଆଲ୍ ଭାଷା ବିଲ୍‌କୁ ମଞ୍ଜୁରୀ ମିଳିଲା, ଯେଉଁଥିରେ ହିନ୍ଦୀ, ଇଂରାଜୀ, ଉର୍ଦ୍ଦୁ, କଶ୍ମୀରୀ ଏବଂ ଡୋଗରୀ ଆଦି ୫ଟି ଭାଷାକୁ କେନ୍ଦ୍ରଶାସିତ ଅଞ୍ଚଳର ଅଫିସିଆଲ ଭାଷା ରୂପେ ମାନ୍ୟତା ଦେବାର ବ୍ୟବସ୍ଥା ରହିଥିଲା ।



**ମେଷ:** ବ୍ୟବସାୟରେ ସ୍ୱଳ୍ପ ଲାଭ, ଗୃହେ ସହଯୋଗ, ଶରୀର ସୁସ୍ଥ, ଅର୍ଥସମସ୍ୟା, ଅଯଥା କଳହ, ଶତ୍ରୁସମସ୍ୟା, ଦ୍ରବ୍ୟଲାଭ, ଅନୁଷ୍ଠାନରୁ ଲାଭ, ବନ୍ଧୁସାହାଯ୍ୟ, ଦାମ୍ପତ୍ୟସୁଖ, ସମ୍ପତ୍ତିବିବାଦ, ଦୂରଯାତ୍ରା । ଅଶ୍ୱିନୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-କୁବେର ଭଗବାନ ।

**ବୃଷ:** ମାନସିକ ଶାନ୍ତି, ଯାତ୍ରାରେ ସତର୍କ, ପାରିବାରିକ ସମସ୍ୟା, କର୍ମକ୍ଷେତ୍ରେ ପରିଶ୍ରମ, ବ୍ୟବସାୟରେ ସଫଳ, ପ୍ରୀତିବୃଦ୍ଧି, ବନ୍ଧୁ ସାହାଯ୍ୟ, ଶାରୀରିକ କଷ୍ଟ, ଅଯଥା ବିବାଦ, ଶତ୍ରୁସମସ୍ୟା, ବନ୍ଧୁଗୃହେ ଯାତ୍ରା । କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୬, ଆରାଧନା-ମା' ଭଗବତୀ ।

**ମିଥୁନ:** ସମ୍ପର୍କରେ ଉନ୍ନତି, ମାନସିକ ଶାନ୍ତି, ଶରୀର ସୁସ୍ଥ, ଦାମ୍ପତ୍ୟସୁଖ, ସନ୍ତାନସୁଖ, ବ୍ୟବସାୟିକ ଲାଭ, ସମ୍ପତ୍ତିଲାଭ, ନୂତନ କର୍ମେ ଖୁସି, ଖୁସି ଖବର, ସ୍ୱଜନ ବିବାଦ, ଶୁଭ ଆଲୋଚନା । ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୦, ଆରାଧନା -ଶଙ୍କର ଭଗାବାନ ।

**କର୍କଟ:** ସୁସମ୍ବାଦ, ନୂତନ କର୍ମଆରମ୍ଭ, ଶତ୍ରୁ ପରାଜିତ ବିଦେଶ ଭ୍ରମଣ, ଦେବଦର୍ଶନ, ଅର୍ଥଲାଭ, ସନ୍ତାନଖୁସି, ଶରୀର ସୁସ୍ଥ, ଗୃହେ ସହଯୋଗ, ପୁରାତନ ବନ୍ଧୁଲାଭ, କର୍ମକ୍ଷେତ୍ରେ ସମ୍ମାନ, ବିଦ୍ୟାରେ ସଫଳତା । ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୮, ଆରାଧନା-ମା' ମହାଲକ୍ଷ୍ମୀ ।

**ସିଂହ:** ରଣଭାର ବୃଦ୍ଧି, କିଛି କାର୍ଯ୍ୟରେ ସମସ୍ୟା, ସନ୍ତାନସମସ୍ୟା, ବ୍ୟବସାୟରେ ଶତ୍ରୁତା, ଶରୀର କଷ୍ଟ, ମାନସିକ ଅବସାଦ, ନୂତନ କର୍ମପ୍ରତି ଆଗ୍ରହ, ବନ୍ଧୁଲାଭ, ସମ୍ପତ୍ତି ସମସ୍ୟା, ବିଶିଷ୍ଟ ବ୍ୟକ୍ତି ସହାୟତା, ବିଦ୍ୟାରେ ସଫଳ । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ମାଟିଆ, ସଂଖ୍ୟା-୪, ଆରାଧନା-ପ୍ରଭୁ ହନୁମାନ ।

**କନ୍ୟା:** କାର୍ଯ୍ୟରେ ବିଳମ୍ବ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶୁଭଖବର, ସମ୍ମାନଲାଭ, ଦୂରଯାତ୍ରା ସଫଳ, ସନ୍ତାନସମସ୍ୟା, ପାରିବାରିକ ବିରୋଧ, ଦେବଦର୍ଶନ, ଶତ୍ରୁ ପରାଜିତ ଦାମ୍ପତ୍ୟ ସୁଖ । ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା-ମା' କୋଟିଲାଇ ।

**ତୁଳା:** ଶୁଭଖବର, ନୂତନ କର୍ମଲାଭ, ବ୍ୟବସାୟରେ ଉନ୍ନତି, ମାନସିକ ଶାନ୍ତି, ଅଯଥା କଳହ, ବନ୍ଧୁଲାଭ, ଅତିଥିଚର୍ଚ୍ଚା, ସୁମିଷ୍ଟ ଭୋଜନ, ଶରୀର ସୁସ୍ଥ, ସମ୍ପତ୍ତି ଲାଭ, ଅର୍ଥସମସ୍ୟା ଦୂର, ବିଦ୍ୟାରେ ସଫଳତା । ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୮, ଆରାଧନା-ଶଙ୍କର ଭଗବାନ ।

**ବିଛା:** ସମ୍ପତ୍ତିବିବାଦ, ଶତ୍ରୁସମସ୍ୟା, କର୍ମକ୍ଷେତ୍ରେ ସଫଳ, ଦୂରଯାତ୍ରା, ଅନୁଷ୍ଠାନରୁ ଲାଭ, ଦାମ୍ପତ୍ୟସୁଖ, ବନ୍ଧୁ ସହଯୋଗ, କ୍ରୟବିକ୍ରୟ, ବ୍ୟବସାୟିକ କଷ୍ଟ, ଶୁଭକାର୍ଯ୍ୟରେ ଧନବ୍ୟୟ, ଲୋକସମ୍ପର୍କ ବୃଦ୍ଧି । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା- ୯, ଆରାଧନା-ଭଗବାନ ବିଷ୍ଣୁ ।

**ଧନୁ:** ସଫଳତା, କର୍ମକ୍ଷେତ୍ରେ ପ୍ରଶଂସା, ସମ୍ମାନଲାଭ, ଅର୍ଥଲାଭ, ମାନସିକ ଶାନ୍ତି, ଭୂସମ୍ପତ୍ତିଲାଭ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା, ଶତ୍ରୁ ପରାଜିତ, ମାମଲା ସମାଧାନ, ପଡ଼ୋଶି କଳାହ, ଦାମ୍ପତ୍ୟସୁଖ, ସନ୍ତାନଲାଭ । ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**ମକର:** ଅପମାନଯୋଗ, ଅର୍ଥସମସ୍ୟା, ଶରୀର କଷ୍ଟ, ବନ୍ଧୁସାହାଯ୍ୟ, ଅଯଥା ବିବାଦ, ଶୁଭ ଆଲୋଚନା, ବିଦେଶ ଯାତ୍ରା, ଦେବଦର୍ଶନ, ଯାତ୍ରାରେ ସତର୍କତା, ବ୍ୟବସାୟିକ କଷ୍ଟ, ଦାମ୍ପତ୍ୟ ସୁଖ । ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା- ମା' ମାଣିକେଶ୍ୱରୀ ।

**କୁମ୍ଭ:** ଖୁସିଖବର, ଧନଲାଭ, ଯାତ୍ରା ସଫଳ, ବ୍ୟବସାୟରେ ଉନ୍ନତି, ଭୂସମ୍ପତ୍ତିଲାଭ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ବନ୍ଧୁ ଦର୍ଶନ, ଶତ୍ରୁସମସ୍ୟା, ଦେବକାର୍ଯ୍ୟରେ ତତ୍ପର, ପାରିବାରିକ ସହଯୋଗ, ଖୁସିଖବର । ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୧୦, ଆରାଧନା-ମା' ଦକ୍ଷିଣକାଳୀ ।

**ମୀନ:** କାର୍ଯ୍ୟ ସଫଳ, ବନ୍ଧୁଲାଭ, ନୂତନ କର୍ମନିଯୁକ୍ତି, ଅର୍ଥଲାଭ, ଦୂରଯାତ୍ରା ସଫଳ, ବିବାଦ ସମାଧାନ, ସନ୍ତାନଲାଭ, ଦେବଦର୍ଶନ, ପ୍ରତ୍ୟେକ କାର୍ଯ୍ୟ ସଫଳ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ଶଙ୍କର ଭଗବାନ ।

ଭାଦ୍ରବ ଶୁକ୍ଳ ପକ୍ଷ ଦ୍ୱାଦଶୀ
୨୩. ୯ .୨୦୨୬, ବୁଧବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮







ବିଧାନସଭାରେ ପ୍ରବେଶ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ

## ଯାତ୍ରା କଳାକାରଙ୍କୁ ଆକ୍ରମଣ ଓ ହତ୍ୟା ଉଦ୍ୟମ, ଦୁଇ ଗିରଫ

ଜଟଣୀ, (ସବ୍ୟୁ) : ଗଣେଶ ପୂଜା ଉତ୍ସବ ଅବସରରେ 'ଯାତ୍ରା କେଶରୀ' ର କଳାକାର ମାନେ ଜଟଣୀ ଜଟଣୀ ଆସିଥିଲେ। ଏହି ପରିପ୍ରେକ୍ଷୀରେ ଗତକାଲି ତା ୨୦.୦୯.୨୦୨୬ ରାତି ପ୍ରାୟ ୮ ଟା ସମୟରେ ଅଭିଯୋଗକାରୀ ସୁବ୍ରତ କୁମାର ମଲ୍ଲିକ ଏବଂ ତାଙ୍କ ସାଙ୍ଗ ଅଲେଖ ଜେନା ମୀନାବଜାର ରାସ୍ତାରେ ଯାଉଥିବା ବେଳେ ପଛରୁ ଏକ ଗାଡ଼ି ଆସି ସୁବ୍ରତଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡ଼ିଯିବା ପରେ ଉଠି ଗାଡ଼ି ଚାଳକଙ୍କୁ ସାବଧାନରେ ଚଳାଇବାକୁ କହିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଦୁଇ ଜଣ ଯୁବକ ଗାଡ଼ିରୁ ଓହ୍ଲାଇ ତାଙ୍କୁ ଅଶ୍ଳୀଳ ଭାଷାରେ ତାଙ୍କୁ ଗାଳିଗୁଲଜ କରିଥିଲେ। ଅଭିଯୋଗକାରୀ ନିଜ ଘର କେନ୍ଦ୍ରାପଡ଼ା ବୋଲି କହିବାରୁ, ଅଭିଯୁକ୍ତମାନେ ତାଙ୍କୁ ତଳକୁ ଠେଲି ଦେବା ସହ 'ଗଣେଶ ପୂଜା ଦେଖିବାକୁ ଜଟଣୀ କାହିଁକି ଆସିଛୁ' କହି ଜାତିଆଣ ଆକ୍ଷେପ କରିଥିଲେ। "ମୁଁ ବଚ୍ଛରା ଗାଁର ଗୁଡ୍ଡୁ, ତୁ ମୋତେ ଜାଣିନୁ" କହି ମୁଖ୍ୟ ଅଭିଯୁକ୍ତ ସିଦ୍ଧାନ୍ତ ବେହେରା ଓରଫ ଗୁଡ୍ଡୁ ଏକ ବଡ଼ ପଥର ଆଣି ହତ୍ୟା ଉଦ୍ଦେଶ୍ୟରେ ଅଭିଯୋଗକାରୀଙ୍କ ମୁଣ୍ଡକୁ ଜୋରରେ ଛେଚି ଦେଇଥିଲା। ଫଳରେ ସେ ସଂଜ୍ଞାହୀନ ହୋଇଯାଇଥିଲେ।

## ଇନ୍ଫୋସିଟି ଟ୍ରାଫିକ୍ ଛକରେ ହିଟ୍ ଆଣ୍ଡ ରନ୍ : ଦୁଇ ଅଟୋ, ୬ ବାଇକ୍ ଭାଙ୍ଗି ଚୁରମାର

ଭୁବନେଶ୍ୱର, (ସବ୍ୟୁ) : ଇନ୍ଫୋସିଟି ଟ୍ରାଫିକ୍ ଛକରେ ହିଟ୍ ଆଣ୍ଡ ରନ୍ ଯୋଗୁଁ ଦୁଇ ଅଟୋ, ୬ ବାଇକ୍ ଭାଙ୍ଗି ଚୁରମାର ହୋଇଛି । ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ପୋଲିସ ମିନିଟ୍ରକ୍ ଚାଳକ ରାମ ସିଂକୁ ଅଟକ ରଖିଛି ।

ଇନ୍ଫୋସିଟି ଟ୍ରାଫିକ୍ ଛକରେ ରାସ୍ତା କଡରେ ପାର୍କିଂ ହୋଇଥିବା ଅଟୋ ଓ ବାଇକ୍ ଉପରେ ଡ୍ରାଇଭର ରାମ ସିଂ ମିନିଟ୍ରକ୍ ଚଢାଇ ଦେବାରୁ ତାହା ଭାଙ୍ଗିରୁଜି ଛାରଖାର ହୋଇଯାଇଥିଲା । ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହ ଡ୍ରାଇଭରକୁ ଅଟକ ରଖି ଲୋକମାନେ ପୋଲିସ ଜିମା ଦେଇଥିଲେ । ପୋଲିସ ଡ୍ରାଇଭରକୁ ନେଇ ଅଟକ ରଖି ପଚରାଉଚରା କରିବା ବେଳେ ସେ ହାଣ୍ଡିଆ ପିଇ ଗାଡି ଚଳାଉଥିବା କହିଥିଲା । ପୋଲିସ ଦୁର୍ଘଟଣା ଘଟାଇଥିବା ମିନିଟ୍ରକ୍ ଓ ଭାଙ୍ଗିଯାଇଥିବା ଗାଡିକୁ ଜବତ କରି ତଦନ୍ତ କରୁଛି ।

### ପ୍ରାଥମିକ ସ୍କୁଲ ଶିକ୍ଷକ ଅନ୍ ଲାଇନ ପୋର୍ଟାଲରେ ଦାଖଲ କରି ପାରିଲେନି ସମ୍ପତ୍ତି ବିବରଣୀ

## ଅଫଲାଇନ୍‌ରେ ଗ୍ରହଣ କରିବାକୁ ହାଇକୋର୍ଟ ଦେଲେ ନିର୍ଦ୍ଦେଶ

କଟକ,(ସବ୍ୟୁ): ପ୍ରାଥମିକ ସ୍କୁଲ ଶିକ୍ଷକଙ୍କ ପଦୋନ୍ନତିକୁ ନେଇ ଏଚ୍‌ଆର୍‌ଏସ୍‌ଏସ୍ ପୋର୍ଟାଲରେ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପତ୍ତି ବିବରଣୀ (ପ୍ରପର୍ଟି ଷ୍ଟେଟମେଣ୍ଟ) ଦାଖଲ କରିପାରି ନ ଥିବା ଶିକ୍ଷକମାନଙ୍କଠାରୁ ଏହାକୁ ଅଫଲାଇନ୍ ବା ମାନୁଆଲି ଗ୍ରହଣ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ସୁରେନ୍ଦ୍ର ଭୋସାଗର ଓ ଅନ୍ୟମାନେ ଦାୟର କରିଥିବା ରିଟ୍ ପିଟିସନ୍‌ର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ ଏହି ଆଦେଶ ଦେଇଛନ୍ତି।

ଆବେଦନକାରୀମାନେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଲେଭଲ୍-ଭି (ବି) କାଟାଗୋରୀ-୨ ଶିକ୍ଷକ ପଦରୁ ଲେଭଲ୍-ଆଇଭି ଗ୍ରାଜୁଏଟ୍ ଶିକ୍ଷକ ପଦକୁ ପଦୋନ୍ନତି ପାଇଁ ଆବେଦନ କରିଥିଲେ । ଓଡ଼ିଶା ଏଲିମେଣ୍ଟାରୀ (ଶିକ୍ଷକ ଓ ଅଧିକାରୀଙ୍କ ନିଯୁକ୍ତି ପଦ୍ଧତି ଓ ଚାକିରି ସର୍ତ୍ତ) ନିୟମ, ୧୯ ୯ ୭ର ବ୍ୟବସ୍ଥା ଅନୁଯାୟୀ ଆବଶ୍ୟକ ଯୋଗ୍ୟତା ଓ ନିର୍ଦ୍ଧାରିତ ସେବା ଅବଧି ପୂରଣ କରିଥିବା ସେମାନଙ୍କ ପକ୍ଷରୁ ଦାବି କରାଯାଇଥିଲା । ଏଥିସହ ଚୂଡ଼ାନ୍ତ ଗ୍ରେଡେସନ୍ ତାଲିକାରେ ମଧ୍ଯ ସେମାନଙ୍କ ନାମ ରହିଥିଲା। ତେବେ ୨୦୨୬ ଜାନୁଆରୀ ୧ରୁ ୩୧ ମଧ୍ୟରେ ଏଚ୍‌ଆରଏସଏସ ପୋର୍ଟାଲରେ ସମ୍ପତ୍ତି ବିବରଣୀ ଅନ୍‌ଲାଇନ୍‌ରେ ଦାଖଲ କରିପାରି ନ ଥିବାରୁ ସେମାନଙ୍କ ପଦୋନ୍ନତି ବିଚାର ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଥିଲା। ଏହି ପରିସ୍ଥିତିରେ ମାନୁଆଲ ସମ୍ପତ୍ତି ବିବରଣୀ ଦାଖଲ କରିବାକୁ ସୁଯୋଗ ଦେବା ପାଇଁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ମାମଲାର ଶୁଣାଣି ବେଳେ ହାଇକୋର୍ଟ ଜାଣିବାକୁ ପାଇଥିଲେ ଯେ, ଚୂଡ଼ାନ୍ତ ଗ୍ରେଡେସନ୍ ତାଲିକା ପ୍ରକାଶ ପାଇସାରିଛି ଏବଂ ଆବେଦନକାରୀମାନଙ୍କ ନାମ ସେଥିରେ ରହିଛି। ସେମାନେ ପଦୋନ୍ନତି ପାଇଁ ଆବଶ୍ୟକ ଯୋଗ୍ୟତା ଓ ସେବା ଅବଧି ପୂରଣ କରିଥିବା ମଧ୍ୟ ଦାବି କରାଯାଇଛି। ଏହି ପରିସ୍ଥିତିରେ ହାଇକୋର୍ଟ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଆବେଦନକାରୀ ମାନଙ୍କଠାରୁ ଅନ୍ ଲାଇନ୍ ବଦଳରେ ମାନୁଆଲି ସମ୍ପତ୍ତି ବିବରଣୀ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାନୁଆଲ୍ ଭାବେ ସମ୍ପତ୍ତି ବିବରଣୀ ଦାଖଲ କରାଗଲେ ତାହାକୁ କୌଣସି ଆପତ୍ତି ନକରି ଗ୍ରହଣ କରିବାକୁ ଏବଂ ପଦୋନ୍ନତି ପାଇଁ ସେମାନଙ୍କ ବିଚାରରେ ଏହା ଯେପରି ବାଧକ ନହୁଏ, ସେଥିପାଇଁ ହାଇକୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ବର୍ଷାଜଳ ନିଷ୍କାସନ ବ୍ୟବସ୍ଥାର ଆଧୁନିକୀକରଣ ନେଇ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର, (ସବ୍ୟୁ): ସହରାଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଓ ବନ୍ୟାର ମୁକାବିଲା ପାଇଁ ପ୍ରସ୍ତୁତି ଓ ପ୍ରଶମନ ରଣନୀତି ସହ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥାର ଆଧୁନିକୀକରଣ ନେଇ ଆଜି ଗୃହ ଓ ନଗର ଉନ୍ନୟନ ବିଭାଗର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଅଧ୍ୟକ୍ଷତା କରିଥିଲେ । ବୈଠକରେ ରାଜ୍ୟ ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ, ପୌର ପ୍ରଶାସନ ନିର୍ଦ୍ଦେଶକ ଶ୍ରୀ ଅରିନ୍ଦମ ଡାକୁଆ, ବିଏମ୍‌ସି କମିଶନର ଶ୍ରୀ ଚଞ୍ଚଳ ରାଣା, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଶ୍ରୀ ରବୀନ୍ଦ୍ର ସାହୁ, ଇଆଇସି , ପିଏଚ୍‌ଇଓ ଶ୍ରୀ ବିଳାସ ବେହେରା, ଓ ଓଡବ୍ଲ୍ୟୁଏସ୍‌ଏସବି ଇଆଇସି ଶ୍ରୀ ଭାଗ୍ୟଧର ମହାନ୍ତିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ବୈଠକରେ ଡିପିଆର ପ୍ରସ୍ତୁତି, ଅର୍ଥ ବ୍ୟବସ୍ଥା, ଦକ୍ଷତା ବିକାଶ, ବୈଷୟିକ ସହାୟତା ଓ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା । ରାଜ୍ୟର ୬ଟି ମହାନଗର ନିଗମ ସହ ଅନ୍ୟ ପୌରାଞ୍ଚଳ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ପ୍ରମୁଖ ସହରଗୁଡ଼ିକୁ ଏଥିରେ ପ୍ରାଥମିକତା ଦିଆଯାଇଥିଲା । ସମ୍ପୃକ୍ତ ସମସ୍ତ ଅଂଶୀଦାରଙ୍କୁ ସାମିଲ କରି ଏକ ସ୍ପଷ୍ଟ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ଶ୍ରୀମତୀ ପାଢ଼ୀ ଗୁରୁତ୍ୱ ଦେଇଥିଲେ । ଆଗାମୀ ଅର୍ବାନ କନକ୍ଲେଭରେ ଏହି ବିଷୟକୁ ଆନୁଷ୍ଠାନିକ ଭାବେ ଆଲୋଚନାକୁ ନେଇ ବିଭିନ୍ନ ସଂସ୍ଥା ଓ ବିଭାଗ ମଧ୍ୟରେ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ପଷ୍ଟ କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯିବା ଉପରେ ସେ ଗୁରୁତ୍ୱ ଦେଇଥିଲେ ।

## ସାଇବର ଠକେଇରେ ୧୫ ଲକ୍ଷ ଟଙ୍କା ହଡ଼ପ, ଦୁଇ ଗିରଫ

ପୁରୀ, (ସବ୍ୟୁ): ପୁରୀ ଜିଲ୍ଲା ସାଇବର କ୍ରାଇମ୍ ଓ ଇଓ ପୋଲିସ ଥାନା ପକ୍ଷରୁ ଏକ ସାଇବର ଠକେଇ ମାମଲାରେ ଦୁଇଜଣଙ୍କୁ ପଶ୍ଚିମବଙ୍ଗର ମୁର୍ଶିଦାବାଦରୁ ଗିରଫ କରାଯାଇଛି। ସାଇବର ଅପରାଧୀମାନେ ଜଣେ ବରିଷ୍ଠ ନାଗରିକଙ୍କ ପରିଚୟପତ୍ର ଦେବା ଏବଂ ବିଭିନ୍ନ ସୁବିଧା ଯୋଗାଇଦେବାର ପ୍ରଲୋଭନ ଦେଖାଇ ତାଙ୍କଠାରୁ ୧୫ ଲକ୍ଷ ଟଙ୍କା ଠକେଇ କରିଥିବା ପୋଲିସ କହିଛି। ପୋଲିସର ସୂଚନା ଅନୁସାରେ, ନିମାପଡ଼ା ଥାନା ବିଷ୍ଣୁପୁର ଅଞ୍ଚଳର ଶ୍ରୀମନ୍ତ ସେଖର ରଥ ତାଙ୍କ ୟୁକୋ ବ୍ୟାଙ୍କ ନିମାପଡ଼ା ଶାଖାରେ ଫିକ୍ସଡ୍ ଡିପୋଜିଟ୍ ଆକାରରେ ରଖିଥିବା ୧୫ ଲକ୍ଷ ଟଙ୍କା ଠକେଇ ହୋଇଥିବା ନେଇ ୮ ସେପ୍ଟେମ୍ବରରେ ସାଇବର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ସାଇବର ପୋର୍ଟାଲରେ ତଥ୍ୟ ଯାଞ୍ଚ ସହ ଟଙ୍କା ଯେଉଁ ଆକାଉଣ୍ଟଗୁଡ଼ିକୁ ଯାଇଥିଲା, ସେଗୁଡ଼ିକର ବିବରଣୀ ସଂଗ୍ରହ କରାଯାଇଥିଲା।

ତଦନ୍ତ ବେଳେ ମୁର୍ଶିଦାବାଦ ଅଞ୍ଚଳରୁ ସନ୍ତୋଷ ଦାସ (୩୫) ଓ କୋଲକାତା ଅଞ୍ଚଳର ବିଶାଳ ଚୌଧୁରୀ (୨୬)ଙ୍କୁ ଗିରଫ କରାଯାଇଥିବା ପୋଲିସ ପ୍ରେସ୍ ନୋଟ୍‌ରେ ଦର୍ଶାଇଛି। ଅଭିଯୁକ୍ତମାନଙ୍କ ଆକାଉଣ୍ଟକୁ ଯାଇଥିବା ପ୍ରାୟ ୮ ଲକ୍ଷ ଟଙ୍କା ଫ୍ରିଜ୍ କରାଯାଇଛି। ସେମାନଙ୍କ ନିକଟରୁ ୪ଟି ପାସ୍‌ବୁକ୍, ୩ଟି ଚେକ୍‌ବୁକ୍, ୨୮ଟି ସିମ୍ କାର୍ଡ ଓ ଗୋଟିଏ ପୋସ୍ ମେସିନ୍ ଜବତ ହୋଇଛି। ପୋଲିସ ତଦନ୍ତରୁ ଜଣାପଡ଼ିଥିବା ଅନୁସାରେ, ଅଭିଯୁକ୍ତମାନେ ସହଯୋଗୀଙ୍କ ସହ ମିଶି ଫେସବୁକ୍ ପେଜ୍/ବିଜ୍ଞାପନ ମାଧ୍ୟମରେ ବରିଷ୍ଠ ନାଗରିକ ପରିଚୟପତ୍ର ଯୋଗାଇଦେବା ସହ ବିଭିନ୍ନ ସୁବିଧାର ପ୍ରଲୋଭନ ଦେଖାଉଥିଲେ। ଅଭିଯୋଗକାରୀ ଏହି ଲିଙ୍କ୍ ମାଧ୍ୟମରେ ଆବେଦନ କରିବା ପରେ ତାଙ୍କ ମୋବାଇଲ୍ ଫୋନ୍ ଅଭିଯୁକ୍ତମାନେ ନିଜ ନିୟନ୍ତ୍ରଣକୁ ନେଇ ତିନିଟି ଆକାଉଣ୍ଟକୁ ୧୫ ଲକ୍ଷ ଟଙ୍କା ଟ୍ରାନ୍ସଫର କରିଥିବା ପ୍ରେସ୍ ନୋଟ୍‌ରେ କୁହାଯାଇଛି। ମାମଲାରେ ଅନ୍ୟ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଛି। ସାଇବର କ୍ରାଇମ୍ ଓ ଇଓ ଥାନା ଇନ୍ସପେକ୍ଟର ଗୀତାଞ୍ଜଳି ନାୟକଙ୍କ ନେତୃତ୍ୱରେ ଏହି ତଦନ୍ତ ଚାଲିଥିବା ପୋଲିସ ପ୍ରେସ୍ ନୋଟ୍‌ରେ ଉଲ୍ଲେଖ ରହିଛି।



### ଏକାଠି ଲଢ଼ିଲେ କେହି କଂଗ୍ରେସକୁ ଅଟକାଇପାରିବେନି

# ପିଏସି ବୈଠକରେ ୭ଟି ପ୍ରସ୍ତାବ ଗୃହୀତ

ଭୁବନେଶ୍ୱର,(ସବ୍ୟୁ): ଡବଲ ଇଂଜିନ ସରକାର ଓଡ଼ିଶାକୁ କେବଳ ପ୍ରତାରଣା କରିଚାଲିଛି । ଗୋଟିଏ ପରେ ଗୋଟିଏ ପ୍ରସଙ୍ଗରେ କେନ୍ଦ୍ର ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରୁଥିବା ବେଳେ ସେହି ବିଜେପିର ରାଜ୍ୟ ସରକାର ସବୁ ଅନ୍ୟାୟକୁ ମୁଣ୍ଡପାତି ସହିଯାଉଛନ୍ତି । ଆମ ଖଣିଜ ସମ୍ପଦକୁ ଲୁଟ କରିବା ପାଇଁ ତରବରିଆ ଭାବେ ଏମଏମଡିଆର ସଂଶୋଧନ ଅଧିନିୟମ ପାରିତ ହୋଇଥିଲେ ମଧ୍ୟ କେହି ବି ମୁହଁ ଖୋଲି ନ ଥିଲେ । ମହାନଦୀ ପ୍ରସଙ୍ଗରେ ଛତିଶଗଡ଼ର ବିଜେପି ସରକାର ଓ କେନ୍ଦ୍ରର ମୋଦୀ ସରକାର ଓଡ଼ିଶାକୁ ସାବତପୁଅ ଭଳି ବ୍ୟବହାର କରୁଛନ୍ତି । ପୋଲାଭରମ ଓ ବଂଶଧାରା କ୍ଷେତ୍ରରେ ମଧ୍ୟ ସମଦଶା । ଆନ୍ଧ୍ରର ସ୍ୱାର୍ଥରକ୍ଷା ପାଇଁ ଇଚ୍ଛାପୁରମ ଓ ପଲାସା ସେକ୍ସନକୁ ରାୟଗଡ଼ା ଡିଭିଜନ ଓ ସର୍ବୋପରି ପୂର୍ବତଟ ରେଳପଥରୁ ଛଡ଼ାଇନେଇଥିଲେ ମଧ୍ୟ ଓଡ଼ିଶାର ବିଜେପି ସରକାର ଓ ଦଳ ନିରବ । ୨୪ ବର୍ଷର ବିଜେଡି କୁଶାସନ ପରେ ଓଡ଼ିଶାବାସୀ ମହରଗରୁ ଯାଇ କାନ୍ତାରରେ ପଡ଼ିଥିବା ସ୍ପଷ୍ଟ ହୋଇଥିବା ସତ୍ତ୍ୱେ ଓଡ଼ିଶା ସରକାର ଆଦୌ ନ ହେଜିବା ପରିତାପର ବିଷୟ ତେଣୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆଗକୁ ଆନ୍ଦୋଳନକୁ ଆହୁରି ତୀବ୍ରତର କରିବା ପାଇଁ ମଙ୍ଗଳବାର ନିଷ୍ପତ୍ତି ହୋଇଛି । ଆସନ୍ତା ୨୯ ତାରିଖ ହେବାକୁ ଥିବା ଇଣ୍ଡିଆ-ମେଣ୍ଟର ବିଧାନସଭା ଘେରାଉକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଥିଲା । ମଙ୍ଗଳବାର ସଧାହ୍ନରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସଭାପତିତ୍ୱରେ ପାତ୍ରପଡ଼ାସ୍ଥିତ



ଏ.ଏ. କନଭେନସନଠାରେ ନବଗଠିତ ପିସିସି କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟିର ପ୍ରଥମ ବୈଠକରେ ଦଳ ପକ୍ଷରୁ ୭ଟି ସଙ୍କଳ୍ପ ନିଆଯାଇଥିଲା । ପିସିସି ଉପସଭାପତି (ସଂଗଠନ) ସନ୍ତୋଷ ସିଂହ ସାଲୁଜାଙ୍କ ସଂଯୋଜନାରେ ଆୟୋଜିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ପିସିସି ସଭାପତି ଶ୍ରୀ ଦାସ, ଏଆଇସିସିର ଓଡ଼ିଶା ଇନଚାର୍ଜ ଲାଲଜୀ ଦେଶାଇ, ଉଭୟ ସହପ୍ରଭାରୀ ଜେଟି କୁସୁମ କୁମାର ଓ ମୟୂରା ଜୟକୁମାର ସଂଘବଦ୍ଧ ଭାବେ ଲଢ଼ିଲେ ୨୦୨୯ ଆମର ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଉପସ୍ଥିତ ସିଏଲପି ନେତା ରାମଚନ୍ଦ୍ର କାଡାମ, ଚାରିଜଣ ପୂର୍ବତନ ପିସିସି ସଭାପତି ନିରଂଜନ ପଟ୍ଟନାୟକ, ଜୟଦେବ ଜେନା, ଶରତ ପଟ୍ଟନାୟକ ଓ ପ୍ରସାଦ ହରିଚନ୍ଦନ ପ୍ରମୁଖ ଦଳର ସମସ୍ତେ ଆଗକୁ ଏକାଠି ଲଢ଼ି ଦଳକୁ ପୁଣି କ୍ଷମତାସୀନ କରାଇବାର ସଂକଳ୍ପ ନେଇଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ଗିରିଧର ଗମାଙ୍ଗ ଏମଏମଡିଆର ପ୍ରସଙ୍ଗରେ କେନ୍ଦ୍ରର ପ୍ରବଞ୍ଚନା ଓ ଲୁଣ୍ଠନ ତୀବ୍ର ସମାଲୋଚନା କରିଥିଲେ । ଉପରୋକ୍ତ ସମସ୍ତ ପ୍ରସଙ୍ଗରେ ଆନ୍ଦୋଳନକୁ ସୁସଙ୍ଗଠିତ କରିବା ପାଇଁ ରଣକୌଶଳ ପ୍ରସ୍ତୁତ କରିବାକୁ ପିସିସି ସଭାପତି ଶ୍ରୀ ଦାସଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଏହାକୁ ସଂକଳ୍ପ ଆକାରରେ ପିସିସି ଉପସଭାପତି ଡ.ଦେବାଶିଷ ପଟ୍ଟନାୟକ ଆଗତ କରିଥିବା ବେଳେ ଉପସଭାପତି ସସ୍ମିତା ବେହେରା, ଡ.ବିଶ୍ୱରଂଜନ ମହାନ୍ତି, ଅସିତ ପଟ୍ଟନାୟକ, ଡା.ଲଲାଟେନ୍ଦୁ ମହାପାତ୍ର, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ନଟବର ବାରିକ, ଶୁଭେନ୍ଦୁ ମହାନ୍ତି, ସାଧୁ ନେପାକ, ଶ୍ରୀନାଥ ମିଶ୍ର, ଫକୀର ଜଗତ, ଅଶୋକ ମଙ୍ଗରାଜ, ମାନସ ଆଚାର୍ଯ୍ୟ, ମଧୁସ୍ମିତା ସେଠୀ, ପ୍ରଫୁଲ୍ଲ ଦାସ, ଅଶୋକ ମଙ୍ଗରାଜ, ସୁଧାଂଶୁ ଦେଓ, ହଳଧର ସେଠୀ ଅମିତା ବିଶ୍ୱାଳ, ସତ୍ୟ ପାୟକ, ଅମ୍ବିକା ଭଟ୍ଟ ପ୍ରମୁଖ ସମର୍ଥନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ.ରାମଚନ୍ଦ୍ର ଖୁଣ୍ଟିଆ, ଶିବାନନ୍ଦ ରାୟ, ସୁରେଶ ରାଉତରାୟ, ନଗେନ୍ଦ୍ର ପ୍ରଧାନ, ମୀନାକ୍ଷି ବାହିନୀପତି, ବନ୍ଦିତା ପରିଡ଼ା, ଯଶୋବନ୍ତ ସିଂହ ଲାଗୁରୀ, ମାନସ ମଲ୍ଲିକ, ଝୁନା ପଟ୍ଟନାୟକ, ସୁରେଶ ମହାପାତ୍ର,

#### ୨୯ରେ ବିଧାନସଭା ଘେରାଉ

ଦ୍ରୌପଦୀ ମାଝୀ, ଅନନ୍ତ ସେଠୀ, ଜଗନ୍ନାଥ ପଟ୍ଟନାୟକ, ସୋନାଲି ସାହୁ, କିଶୋର ଜେନା, ହମିଦ ହୁସେନ, ନକୁଳ ନାୟକ, ରାଘବ ପରିଡ଼ା, କୃଷ୍ଣଚନ୍ଦ୍ର ସଗରିଆ, ଭାରତ ବେମାଲ, ଫକୀର ଜଗତ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଶେଷରେ ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ନାବାଳିକା ଭଉଣୀକୁ ଯୌନ ନିର୍ଯାତନା, ଅଦାଲତରେ ଗିରଫ ନାବାଳକ

ବୈଶିଙ୍ଗା (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଅଧୀନ ବୈଶିଙ୍ଗା ଥାନା ଅଞ୍ଚଳରେ ଜଣେ ନାବାଳିକା ଭଉଣୀକୁ ଯୌନ ନିର୍ଯାତନା ଘଟଣାରେ ଗିରଫ ସମ୍ପର୍କୀୟ ନାବାଳକ ଭାଇକୁ ଜୁଭେନାଇଲ ଅଦାଲତରେ ହାଜର କଲା ପୁଲିସ । ସୂଚନା ମୁତାବକ ୬ ବର୍ଷୀୟା ନାବାଳିକା ଜଣକ ସନ୍ଧ୍ୟା ସମୟରେ ଖେଳୁଥିବା ବେଳେ ୧୩ ବର୍ଷିୟ ସମ୍ପର୍କୀୟ ନାବାଳକ ଭାଇ ପାଖ ଜଙ୍ଗଲକୁ ନେଇ ଯୌନ ନିର୍ଯାତନା ଦେଇଥିଲା । ନାବାଳିକା ଜଣକ ତା ମା କୁ ସବୁ କଥା କହିଥିଲା । ତାର ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ ତାକୁ ଭର୍ତ୍ତି କରାଯାଇଥିଲା । ଏହି ଘଟଣାକୁ ନେଇ ପରିବାରବର୍ଗ ତରଫରୁ ବୈଶିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା ।

### ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରସଙ୍ଗ

# ବିଜୁ ଯୁବ ଓ ଛାତ୍ର ଜନତା ଦଳର ବିକ୍ଷୋଭ : ବିଧାନସଭା ଘେରାଉ ଆଜି

ଭୁବନେଶ୍ୱର, (ସବ୍ୟୁ): ଜାତୀୟ ଶିକ୍ଷା ନୀତି (ଏନଇପି-୨୦୨୦)ରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ପ୍ରକାଶ କରି ବିଜେପି ସରକାର ରାଜ୍ୟର ଭବିଷ୍ୟତ ପିଢ଼ିଙ୍କ ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିଛନ୍ତି । ଯାହାକୁ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଜୋରଦାର ଆନ୍ଦୋଳନ ଆରମ୍ଭ ହୋଇଛି । ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ହଜାର ହଜାର ଯୁବ ଓ ଛାତ୍ର ଜନତା ଦଳର କର୍ମୀମାନେ ଭୁବନେଶ୍ୱର ସ୍ଥିତ ଲୋୟର ପିଏମଜିରେ ବର୍ଷାରେ ଭିଜି ପ୍ରତିବାଦ ପ୍ରଦର୍ଶନ କରିଛନ୍ତି । ବିଜେଡି ଯୁବ ଛାତ୍ର ସଂଗଠନର ନେତୃମଣ୍ଡଳୀମାନେ ଅହୋରାତ୍ର ଧାରଣାରେ ବସିଛନ୍ତି । ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ଶିକ୍ଷା ବଞ୍ଚାଅ ଆନ୍ଦୋଳନ କରିବା ସତ୍ତ୍ୱେ ଡବଲ ଇଞ୍ଜିନ ସରକାର ରାଜ୍ୟର ବିପର୍ଯ୍ୟସ୍ତ ତ୍ରୁଟିପୂର୍ଣ୍ଣ ପୁସ୍ତକରେ ସୁଧାର କରିଲେ ନାହିଁ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କ ପାଠ୍ୟ ପୁସ୍ତକରେ ସାଙ୍ଘାତିକ ତ୍ରୁଟି ଥିବା ବେଳେ ତାହା ରାଜ୍ୟ ସରକାର ପ୍ରତ୍ୟାହାର କରିଲେ ନାହିଁ ।



ଆସନ୍ତା କିଛି ଦିନ ମଧ୍ୟରେ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଅନୁଷ୍ଠିତ ହେବ । ତ୍ରୁଟିପୂର୍ଣ୍ଣ ପୁସ୍ତକ ପଢ଼ି ଛାତ୍ରଛାତ୍ରୀ ମାନେ କିପରି ପରୀକ୍ଷା ଦେବେ ବୋଲି ପ୍ରଶ୍ନ କରିଛନ୍ତି । ପୁସ୍ତକ ପ୍ରକାଶନରେ ୩୮୦କୋଟି ଟଙ୍କାର ଦୁର୍ନୀତି ହୋଇଛି । ତାଙ୍କ ଇସ୍ତଫା ଦାବି କରିବା ସତ୍ତ୍ୱେ ମନ୍ତ୍ରୀ କିନ୍ତୁ ନିଜ ପଦ ଛାଡିନଥିବାରୁ ଆନ୍ଦୋଳନକୁ ଜୋରଦାର କରାଯାଇଛି । ରାଜ୍ୟର ଭବିଷ୍ୟତ ପିଢିର ଛାତ୍ରଛାତ୍ରୀ ମାନଙ୍କ ଅଧିକାର ପାଇଁ ବିଜେଡି ଲଢେଇ ଆରମ୍ଭ କରିଛି । ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭରୁ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ପ୍ରସଙ୍ଗରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରି ବିଜେଡି ପକ୍ଷରୁ ବିଧାନସଭା ଭିତରେ ଏବଂ ବାହାରେ ପ୍ରବଳ ବିରୋଧ ପ୍ରଦର୍ଶନ କରାଯାଇଛି । ପ୍ରବଳ ହୋହାଲ୍ଲା କାରଣରୁ ବିଧାନସଭା ମୁଲତବୀ ରଖାଯାଇଥିଲା । ବିଜେଡି ବିଧାୟକ ମାନେ ବିଧାନସଭାରୁ ଏକ ଶୋଭାଯାତ୍ରାରେ ଆସି ଧାରଣାସ୍ଥଳରେ ପହଞ୍ଚିଥିଲେ । ବର୍ଷାରେ ଭିଜି ଭିଜି ପ୍ରତିବାଦ ପ୍ରଦର୍ଶନ କରିଥିଲେ । ବିକ୍ଷୋଭ ସ୍ଥାନରେ ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ଅଶୋକ ପଣ୍ଡା, ପ୍ରତାପ ଦେବ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଡ.ଅରୁଣ କୁମାର ସାହୁ, ନିରଂଜନ ପୂଜାରୀ, ବ୍ୟୋମକେଶ ରାୟ, ଗଣେଶ୍ୱର ବେହେରା, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ସୁଲୋଚନା ଦାସ, ସଂଜୟ ଦାସବର୍ମା, ସ୍ନେହାଙ୍ଗିନୀ ଛୁରିଆ, ସୁଲତା ଦେଓ, ସର୍ମିଷ୍ଠା ସେଠୀ, ବ୍ରଜକିଶୋର ପ୍ରଧାନ, ଗୌତମ ବୁଦ୍ଧ ଦାସ, ମାଧବ ଧଡା, ବର୍ଷା ସିଂ ବରିହା, ସଂଜୀବ କୁମାର ମଲ୍ଲିକ, କଳିକେଶ ନାରାୟଣ ସିଂଦେଓ, ମନ୍ମଥ ରାଉତରାୟ, ସାରଦା ପ୍ରସନ୍ନ ଜେନା, ବିଶ୍ୱରଂଜନ ମଲ୍ଲିକ, ସୁଜାତା ସାହୁ, ପ୍ରଦୀପ କୁମାର ଦୀଶାରୀ, ଦିବ୍ୟଶଙ୍କର ମିଶ୍ର, ଧ୍ରୁବଚରଣ ସାହୁ, ବଦ୍ରୀନାରାୟଣ ପାତ୍ର, ଅଭିମନ୍ୟୁ ସେଠୀଙ୍କ ସମେତ ଶତାଧିକ ନେତା ଓ ଯୁବ ଓ ଛାତ୍ର ନେତୃତ୍ୱ ମାନେ ଉପସ୍ଥିତ ଥିଲେ ।

## ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍ ପକ୍ଷରୁ ବାୟୁ ପ୍ରଦୂଷଣ ସଚେତନତା ସପ୍ତାହ

ଭୁବନେଶ୍ୱର (ସବ୍ୟୁ): ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍ ଲିମିଟେଡ୍ ପକ୍ଷରୁ ୯ ରୁ ୨୧ ପର୍ଯ୍ୟନ୍ତ ବିଭିନ୍ନ ପରିବେଶ ସଚେତନତା ଏବଂ ସମ୍ପ୍ରଦାୟ ସହଭାଗିତା କାର୍ଯ୍ୟକ୍ରମ ମାଧ୍ୟମରେ 'ବାୟୁ ପ୍ରଦୂଷଣ ସଚେତନତା ସପ୍ତାହ' ଏବଂ 'ବିଶ୍ୱ ଓଜୋନ୍ ଦିବସ ୨୦୨୬' ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମ ମଧ୍ୟରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ସହଯୋଗରେ ଏକ ବ୍ୟାପକ ସଫେଇ ଅଭିଯାନ, କର୍ମଚାରୀ ଓ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ପରିବେଶ ସମ୍ବନ୍ଧୀୟ କୁଇଜ୍ ପ୍ରତିଯୋଗିତା ଏବଂ ନିକଟସ୍ଥ ଗ୍ରାମଗୁଡ଼ିକରେ ଚାରା ବିତରଣ ଭଳି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା, ଯାହା ପରିବେଶ ସୁରକ୍ଷା ଏବଂ ସ୍ଥାୟୀ ଅଭ୍ୟାସକୁ ପ୍ରୋତ୍ସାହିତ କରିଥିଲା । ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ



ଷ୍ଟିଲ୍ ଲିମିଟେଡ୍ ଭୁବନେଶ୍ୱରରେ ଆୟୋଜିତ ଏସ୍‌ପିସିବି, ଓଡ଼ିଶାର ୪୩ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମଧ୍ୟ ଅଂଶଗ୍ରହଣ କରିଥିଲା ଏବଂ ପରିବେଶ ପରିଚାଳନା, ପ୍ରଦୂଷଣ ନିୟନ୍ତ୍ରଣ, ଶକ୍ତି ସଂରକ୍ଷଣ ଓ ସମ୍ବଳର ଦକ୍ଷ ବ୍ୟବହାର କ୍ଷେତ୍ରରେ ନିଜର ପଦକ୍ଷେପଗୁଡ଼ିକୁ ପ୍ରଦର୍ଶନ କରିଥିଲା । ଓଡ଼ିଶାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ବରିଷ୍ଠ ଅଧିକାରୀ ଏବଂ ଏସ୍‌ପିସିବି ପ୍ରତିନିଧିମାନଙ୍କ ସହ ଏହି ପ୍ରଦର୍ଶନୀ ପରିଦର୍ଶନ କରିଥିଲେ । ସେପ୍ଟେମ୍ବର ୨୧ ତାରିଖରେ ଏକ ଉଦ୍‌ଯାପନୀ କାର୍ଯ୍ୟକ୍ରମ ସହିତ ଏହି ଉତ୍ସବ ଶେଷ ହୋଇଥିଲା, ଯେଉଁଥିରେ ଥେଲକୋଲୋଇ ହାଇସ୍କୁଲ ଏବଂ ଖୁଣ୍ଟାର ବିଭିଏସ୍‌ଏସ୍ ହାଇସ୍କୁଲର ପରିବେଶ ସମ୍ବନ୍ଧୀୟ କୁଇଜ୍ ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉମେଶ ରାୟ (ହୋଲ୍-ଟାଇମ୍ ଡାଇରେକ୍ଟର ତଥା ସିଇଓ), ପ୍ରକାଶ ସାହ୍ୱା (ସିଓଓ), ମନୋଜ ପଟୱାରୀ (ସିଓଓ ତଥା ଜୋନାଲ୍ ହେଡ୍), ବିକାଶ ଜୈନ (ଭିପି ତଥା ଜୋନାଲ୍ ହେଡ୍) ଉପସ୍ଥିତ ଥିଲେ ।

## ବିଦ୍ୟାଭାରତୀର ଅନୁଭବାତ୍ମକ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ଜାତୀୟ ଶିକ୍ଷକ-ଶିକ୍ଷା ପରିଷଦ (ଏନ. ସି. ଟି. ଇ ), ନୂଆ ଦିଲ୍ଲୀ ଓ ଆନ୍ତଃ ବିଶ୍ୱବିଦ୍ୟାଳୟ ଶିକ୍ଷକ ଶିକ୍ଷା ପରିଷଦ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ସହଯୋଗରେ, ପଟିଆ ସ୍ଥିତ ରାଜା ମଧୁସୂଦନ ଦେବ ଡିଗ୍ରୀ ମହାବିଦ୍ୟାଳୟ ଏକ ୫ ଦିନ ବ୍ୟାପୀ ଅନୁଭବାତ୍ମକ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଗତ ୧୮ ସେପ୍ଟେମ୍ବର ରୁ ୨୨ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ସଫଳତା ସହ ଅନୁଷ୍ଠିତ ହୋଇଯାଇଛି । ସୋଆ ବିଶ୍ୱବିଦ୍ୟାଳୟ, କ୍ୟାମ୍ପସ-୨ ସଭାଗୃହରେ ଅନୁଷ୍ଠିତ ଉଦଘାଟନ ଉତ୍ସବକୁ ଜାତୀୟ ଶିକ୍ଷକ-ଶିକ୍ଷା ପରିଷଦର ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟଜ୍ୟୋତି ମାହାନ୍ତା ମୁଖ୍ୟ ଅତିଥୀ ରୂପେ ଯୋଗଦେଇ ଉଦଘାଟନ କରିଥିଲେ । ସାରା ଦେଶରୁ ଚୟନିତ ଦୁଇଶହ ଶିକ୍ଷକ-ଶିକ୍ଷା ଅଧ୍ୟାପକ ଯୋଗଦେଇଥିବା ଏହି କାର୍ଯ୍ୟକ୍ରମରେ ବିଦ୍ୟାଭାରତୀ ଉଚ୍ଚ ଶିକ୍ଷା ସଂସ୍ଥାନର ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ କେ. ଏନ. ରଘୁନନ୍ଦନ, ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ନରେନ୍ଦ୍ର କୁମାର ତାନେଜା,



ମୁଖ୍ୟବକ୍ତା ଭାବେ ବିଦ୍ୟାଭାରତୀର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଡ଼ଃ ରାମକୃଷ୍ଣ ରାଓ, ଆନ୍ତଃ ବିଶ୍ୱବିଦ୍ୟାଳୟ ଶିକ୍ଷକ ଶିକ୍ଷା ପରିଷଦ,ବାରକ୍ଷଣାସୀ ର ଡ଼ଃ ଆଶୀଷ ଶ୍ରୀବାସ୍ତବ, ସୋଆ ବିଶ୍ୱବିଦ୍ୟାଳୟର ଅଧିକାରୀ ଡ଼. ବସନ୍ତ ପତି ଆଦି ପ୍ରତିନିଧିଙ୍କୁ ଜାତୀୟ ଶିକ୍ଷାନୀତି, ପଞ୍ଚକୋଷ- ପଞ୍ଚପଦୀ ଶିକ୍ଷା ପଦ୍ଧତି ବିଷୟରେ ତାଲିମ୍ ଦେଇଥିଲେ । ପରେ ସମସ୍ତ ପ୍ରତିଭାଗୀ ଅଧ୍ୟାପକ ମାନେ ଓଡ଼ିଶାର ପ୍ରମୁଖ ୫୦ଟି ସର'ଉସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ୪ ଦିନ ପାଇଁ ପର୍ଯ୍ୟବେକ୍ଷଣ-ଅଧ୍ୟୟନ ଯାତ୍ରାରେ ଯାଇ ସେଠି ରହିଥିଲେ । ଏହି କାର୍ଯ୍ୟକ୍ରମକୁ ରାଜା ମଧୁସୂଦନ ଦେବ ଡିଗ୍ରୀ ମହାବିଦ୍ୟାଳୟ, ପଟିଆର ଅଧ୍ୟକ୍ଷ ଡ଼ଃ ପ୍ରଶାନ୍ତ କୁମାର ରାଉତ, ବିଦ୍ୟାଭାରତୀ ଉଚ୍ଚ ଶିକ୍ଷା ସଂସ୍ଥାନ, ଓଡ଼ିଶାର ପ୍ରଦେଶ ସମ୍ପାଦକ ଡ଼ଃ ଦୀପକ ମହାନ୍ତି ଓ ଶିକ୍ଷା ବିକାଶ ସମିତି ର ରାଜ୍ୟ ସଭାପତି ଡଃ କିଶୋର ମହାନ୍ତି, ସମ୍ପାଦକ ଡଃ ସରୋଜ ହାତୀ ଓ ଶୈକ୍ଷିକ ପ୍ରମୁଖ କୈଳାଶ ଚନ୍ଦ୍ର ମିଶ୍ର ପରିଚାଳନା କରିଥିଲେ ।

### ଚୋରା ତମାଖୁ ଉତ୍ପାଦନ ଓ ଚାଲାଣ ନେଟୱର୍କର ପର୍ଦ୍ଦାଫାସ

## ୪୫ ଲକ୍ଷ ଟଙ୍କାର ଗୁଟ୍‌ଖା ଜବତ : ୩ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧାରୁ ବ୍ରହ୍ମପୁର ପର୍ଯ୍ୟନ୍ତ ବ୍ୟାପିଥିବା ଏକ ଅଭିଯୁକ୍ତ ଚୋରା ତମାଖୁ ଉତ୍ପାଦନ ଓ ବିତରଣ ନେଟୱର୍କର ପର୍ଦ୍ଦାଫାସ କରିଛି ଖୋର୍ଦ୍ଧା ସଦର ଥାନା ପୁଲିସ । ତପଙ୍ଗ ଛକ ନିକଟରେ ଏକ ମିନିଟ୍ରକ୍ ରୁ ବେଆଇନ ଭାବେ ତମାଖୁଜାତ ଦ୍ରବ୍ୟ ଚାଲାଣ ଅଭିଯୋଗରେ ଧରାପଡ଼ିଥିବା ଘଟଣାର ତଦନ୍ତ କରୁ କରୁ ପୁଲିସ ବ୍ରହ୍ମପୁର ବାଉଁଶପାଲିସ୍ଥିତ ଏକ ପରିସରରେ ପହଁଚିଥିଲା । ସେଠାରୁ ବିପୁଳ ପରିମାଣର ଗୁଟ୍‌ଖା ଓ ଅନ୍ୟାନ୍ୟ ତମାଖୁଜାତ ସାମଗ୍ରୀ, କଂଚାମାଲ, ନଗଦ ଟଙ୍କା ଏବଂ ଯନ୍ତ୍ରପାତି ଜବତ ହୋଇଛି । ଖୋର୍ଦ୍ଧା ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି । ଘଟଣାରେ ଖୋର୍ଦ୍ଧା ସଦର ଥାନାରେ ମାମଲା ରୁଜୁ ହୋଇଛି । ଏସ.ପି ପରମାର ସ୍ମିତ ପର୍ଶୋତମଦାସଙ୍କ ସୂଚନା ଅନୁଯାୟୀ, ଗତକାଲି ଅପରାହ୍ନ ପ୍ରାୟ ୨ଟା ୨୫ ମିନିଟ୍ ସମୟରେ ଖୋର୍ଦ୍ଧା ସଦର ଥାନାର ଏ.ଏସ.ଆଇ ଚନ୍ଦ୍ରମଣି ସାହୁ ଅନ୍ୟ ପୁଲିସ କର୍ମଚାରୀଙ୍କ ସହ ଦିନବେଳା ପାଟ୍ରୋଲିଂ କରୁଥିବା ସମୟରେ ତମାଖୁଜାତ ସାମଗ୍ରୀ ବିନା ଆବଶ୍ୟକ ଲାଇସେନ୍ସ କିମ୍ବା ଅନୁମତିରେ ଚାଲାଣ ହେଉଥିବା ସମ୍ପର୍କରେ ସୂଚନା ପାଇଥିଲେ । ସୂଚନା ଆଧାରରେ ପୁଲିସ ତାପଙ୍ଗ ଛକ ନିକଟରେ ଓଡି-୦୭-ବିଏ-୬୧୧୭ ନମ୍ବର ବିଶିଷ୍ଟ ଏକ ମିନିଟ୍ରକ୍ କୁ ଅଟକାଇ ଯାଂଚ କରିଥିଲା । ଯାଂଚ ସମୟରେ ଗାଡ଼ିରେ ୬୦୦ଟି ଧଳା ଜରି ବସ୍ତା ଥିବା ଏବଂ ପ୍ରତ୍ୟେକ ବସ୍ତାରେ ୩୦ଟି ଲେଖାଏଁ ତମାଖୁଜାତ ପ୍ୟାକେଟ୍ ରହିଥିବା ପୁଲିସ ଜାଣିବାକୁ ପାଇଥିଲା । ଗାଡ଼ିର ଚାଳକ ଭାବେ ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଥାନା ଅଂଚଳର ସନ୍ତୋଷ କୁମାର ରଣା (୨୮)ଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରିଥିଲା । ତଦନ୍ତ ସମୟରେ ତାଙ୍କଠାରୁ ମିଳିଥିବା ସୂଚନା ଆଧାରରେ ପୁଲିସ ବ୍ରହ୍ମପୁର ବାଉଁଶପାଲିସ୍ଥିତ ଏକ ପରିସରରେ ଚଢ଼ଉ କରିଥିଲା ।

### ୪ ଅକ୍ଟୋବରରେ ଡ୍ରିମ୍‌ସରେ ପୂଜ୍ୟପୂଜା ସମାରୋହ

## ଯୋଗଦେବେ କାଶୀଧାମର ଶଙ୍କରାଚାର୍ଯ୍ୟ ନରେନ୍ଦ୍ରାନନ୍ଦ ସରସ୍ୱତୀ

କଟକ, (ସ୍ୱପ୍ର): କର୍ମଯୋଗୀ ଧନେଶ୍ୱର ରଥଙ୍କ ୩୨ତମ ପୁଣ୍ୟତିଥି ଆସନ୍ତା ଅକ୍ଟୋବର ୪ତାରିଖ (ରବିବାର) ଟାଙ୍ଗୀସ୍ଥିତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପରିସର ସ୍ଥିତ ଜୟଶ୍ରୀ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହେବାକୁ ଯାଉଛି । ଏଥିରେ କାଶୀଧାମ (ବାରାଣସୀ)ର ପରମପୂଜ୍ୟ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ଶ୍ରୀ ନରେନ୍ଦ୍ରାନନ୍ଦ ସରସ୍ୱତୀ ମୁଖ୍ୟଅତିଥି ଏବଂ ଶ୍ରୀ ଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ପ୍ରବକ୍ତା ସତ୍ୟାନନ୍ଦ ଦାସ ମହାରାଜ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସ୍ୱର୍ଗତ ଧନେଶ୍ୱର ରଥଙ୍କର ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଅନାବରଣ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ରାଜ୍ୟର ୫ଜଣ ପ୍ରତିଭା



ସମ୍ପନ୍ନଙ୍କୁ ଧନେଶ୍ୱର ରଥ ସ୍ମୃତି ସମ୍ମାନ-୨୦୨୬ ପ୍ରଦାନ କରାଯିବ । ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ପ୍ରସାର କ୍ଷେତ୍ରରେ ଶ୍ରୀମନ୍ଦିର ଛତିଶା ନିଯୋଗର ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ପ୍ରଫେସର ଦାଶ ବେନ୍‌ହୁର, କଳା-ସଂସ୍କୃତିରେ ବିଶିଷ୍ଟ କଣ୍ଠଶିଳ୍ପୀ ତୃପ୍ତି ଦାସ, ସମାଜସେବା କ୍ଷେତ୍ରରେ ବିଶିଷ୍ଟ ସମାଜସେବିକା ସୁଜାତା ପଟ୍ଟନାୟକ ଏବଂ କ୍ରୀଡା କ୍ଷେତ୍ରରେ ବିଶିଷ୍ଟ କ୍ରିକେଟ ତାରକା ବସନ୍ତ ମହାନ୍ତିଙ୍କୁ ପୁରସ୍କାର ସ୍ୱରୂପ ଉପଢ଼ୌକନ, ଶ୍ରୀ ଜଗନ୍ନାଥଙ୍କ ଖଣ୍ଡୁଆ ଓ ୨୫ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯିବ ବୋଲି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି ।

### ୩୨ ଗ୍ରାମ ବ୍ରାଉନ୍ ସୁଗର ଜବତ ୩ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଆଦର୍ଶ ଥାନା ପୁଲିସ ଗୁରୁଜଙ୍ଗ ନୂଆ ଏନ୍‌ଏଚ୍ ରୋଡ୍ ନିକଟରେ ବ୍ରାଉନ୍‌ସୁଗର ବେପାର କରୁଥିବା ୩ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ୩୨.୫୪ ଗ୍ରାମ ବ୍ରାଉନ୍ ସୁଗାର ଜବତ ହୋଇଛି । ଏଥିସହିତ ସ୍କୁଟି ଓ ୨ଟି ମୋବାଇଲ କୁ ଜବତ କରିଛି । ଗୁରୁଜଙ୍ଗ ନୂଆ ଏନ୍‌ଏଚ୍ ରୋଡ୍ ନିକଟରେ କେତେକ ନିଶା ବେପାରୀ ଏକାଠି ହୋଇ ବ୍ରାଉନ୍‌ସୁଗରକୁ ଛୋଟ ଛୋଟ ପ୍ୟାକେଟରେ ବିଭକ୍ତ କରି ସ୍ଥାନୀୟ ଯୁବକମାନଙ୍କୁ ବିକ୍ରି କରିବାକୁ ଯୋଜନା କରୁଥିବା ନେଇ ପୁଲିସ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲା । ଏହାପରେ ଏସ୍‌ପି ପରମାର ସ୍ମିଥ୍ ପର୍ଶୋତମ ଦାସଖୋର୍ଦ୍ଧାଙ୍କ ନିର୍ଦ୍ଦେଶ ଏବଂ ଏସ୍‌ଡିପିଓ ପଙ୍କଜ କୁମାର ମାଝୀ ଙ୍କ ତତ୍ତ୍ୱାବଧାନରେ ଆଦର୍ଶ ଥାନା ପୁଲିସ ଟିମ୍ ଚଢ଼ାଉ କରିଥିଲା । ଉକ୍ତ ସମୟରେ ଗୋଟିଏ ସ୍କୁଟିରେ ଏକାଠି ଯାଉଥିବା ୩ ଜଣଙ୍କୁ ପୁଲିସ ଅଟକାଇ ଯାଂଚ କରିଥିଲା । ସେମାନଙ୍କ ମଧ୍ୟରୁ ଗୁରୁଜଙ୍ଗ କୋଚିଲାକଣାସାହିର ନନ୍ଦ କିଶୋର ସାହୁ ଓରଫ ନନ୍ଦୁ (୨୬), ଗୁରୁଜଙ୍ଗ ଭୋଇସାହିର ଶଙ୍କର ଭୋଇ ଓରଫ ମୁନା (୨୬) ଏବଂ ଗୁରୁଜଙ୍ଗ ଏଚ୍. ବି କଲୋନୀର ସାନ୍ତନୁ ମିଶ୍ର ଓରଫ ସାନ୍ତନୁ (୨୩)ଙ୍କୁ ପୁଲିସ ଗିରଫ କରିଥିଲା ।

# ବକ୍ସାଇଟ୍ ଭିତ୍ତିକ ନିଯୁକ୍ତି ସୃଷ୍ଟି ପାଇଁ ଓଡ଼ିଶା ଏବେ ପଦକ୍ଷେପ ନେବା ଆବଶ୍ୟକ

ଭୁବନେଶ୍ୱର (ସବ୍ୟୁ): ଅନ୍ୟ ରାଜ୍ୟରେ କାମ କରୁଥିବା ଓଡ଼ିଶାର ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ନେଇ ନିକଟରେ ସାମ୍ନାକୁ ଆସିଥିବା ଘଟଣାଗୁଡ଼ିକ ପୁଣିଥରେ ଦାଦନ ପ୍ରବାସନର ମାନବୀୟ ମୂଲ୍ୟକୁ ସାମ୍ନାକୁ ଆଣିଛି । ପ୍ରତ୍ୟେକ ଏଭଳି ଦୁଃଖଦ ଘଟଣା ପଛରେ ରହିଛି ଏକ ପରିବାର, ଯିଏ ତା'ର ମୁଖ୍ୟ ଆୟକାରୀଙ୍କୁ ହରାଇଥାଇପାରେ, କିମ୍ବା ଏକ ସମ୍ପ୍ରଦାୟ, ଯାହା ନିକଟରେ ନିର୍ଭରଯୋଗ୍ୟ ରୋଜଗାର ନଥିବାରୁ ଆଉ ଜଣେ ଯୁବକଙ୍କୁ ଘର ଛାଡ଼ି ଯିବାର ଦେଖିଛି । ଓଡ଼ିଶା ଆର୍ଥିକ ସର୍ବେକ୍ଷଣ ୨୦୨୪-୨୫ ଅନୁସାରେ, ଉପଯୁକ୍ତ ଜୀବିକା ସନ୍ଧାନରେ ଯିବା ରାଜ୍ୟରୁ ହେଉଥିବା ପ୍ରବାସନର ପ୍ରାୟ ୬୦ ପ୍ରତିଶତ ନିଷ୍ପତିର ମୁଖ୍ୟ କାରଣ ରଣବୋଝ, ଋତୁକାଳୀନ ବେକାରି ଏବଂ ସ୍ଥାନୀୟ ସ୍ତରରେ ନିର୍ଭରଯୋଗ୍ୟ ରୋଜଗାରର ଅଭାବ ଅନେକ ଲୋକଙ୍କୁ ପରିବାରଠାରୁ ଦୂରେ ଯାଇ ରୋଜଗାର ସନ୍ଧାନ କରିବାକୁ ବାଧ୍ୟ କରୁଛି । ଏହି ପରିସ୍ଥିତି ବଦଳାଇବା ପାଇଁ ଓଡ଼ିଶା ନିକଟରେ ଏକ ବଡ଼ ସୁଯୋଗ ରହିଛି । ଦେଶର ମୋଟ ବକ୍ସାଇଟ୍ ସମ୍ପଦର ପ୍ରାୟ ୫୩ ପ୍ରତିଶତ ଓଡ଼ିଶାରେ ରହିଛି ବୋଲି ପ୍ରଫେସର ମଧୁମିତା ଦାସ ପୂର୍ବତନ ଉପ-କୁଳପତି, ଫକିର ମୋହନ ବିଶ୍ୱବିଦ୍ୟାଳୟ କହିଛନ୍ତି । ପ୍ରଫେସର ଦାସ କହିଛନ୍ତି ଯେ, ରାଜ୍ୟ ଆଲୁମିନା ବିଶୋଧନ ଓ ଆଲୁମିନିୟମ ଉତ୍ପାଦନ କ୍ଷେତ୍ରରେ ବହୁ ପୁଞ୍ଜିନିବେଶ ଆକର୍ଷିତ କରିଛି । ଏଥିରେ ବିଶ୍ୱର ଅନ୍ୟତମ ବୃହତମ ଆଲୁମିନା ବିଶୋଧନାଗାର ମଧ୍ୟ ରହିଛି । ତଥାପି ଓଡ଼ିଶାରେ କାର୍ଯ୍ୟରତ ଆଲୁମିନା ବିଶୋଧନାଗାରଗୁଡ଼ିକ ଆବଶ୍ୟକ କଂଚାମାଲ ବକ୍ସାଇଟର ପର୍ଯ୍ୟାପ୍ତ ଯୋଗାଣ ଅଭାବର ସମ୍ମୁଖୀନ ହେଉଛନ୍ତି । ବକ୍ସାଇଟ୍ ଯୋଗାଣରେ ଦୀର୍ଘସ୍ଥାୟୀ ଅଭାବ ଶିଳ୍ପ କ୍ଷମତାର ଅପର୍ଯ୍ୟାପ୍ତ ବ୍ୟବହାରକୁ ବଢ଼ାଇପାରେ, ବର୍ତ୍ତମାନର ପୁଞ୍ଜିନିବେଶର ପ୍ରତିଯୋଗିତାମୂଳକ କ୍ଷମତାକୁ ପ୍ରଭାବିତ କରିପାରେ ଏବଂ ଏହାରୁ ସୃଷ୍ଟି ହେବାକୁ ଥିବା ନିଯୁକ୍ତି ଓ ସ୍ଥାନୀୟ ଉଦ୍ୟୋଗର ବିକାଶକୁ ବିଳମ୍ବିତ କରିପାରେ । ତେଣୁ ଏହି ଅଭାବ ଦୂର କରିବା ସହ ନୂଆ ବକ୍ସାଇଟ୍ ଖଣି ଖୋଲିବା ତତ୍କାଳୀନ ବିକାଶ ପ୍ରାଥମିକତା ହେବା ଆବଶ୍ୟକ । ବକ୍ସାଇଟ୍ରୁ ହିଁ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳାର ଆରମ୍ଭ ହୁଏ । ବକ୍ସାଇଟ୍ ପ୍ରକ୍ରିୟାକରଣ ମାଧ୍ୟମରେ ଆଲୁମିନା ଉତ୍ପାଦନ ହୁଏ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଏହାରୁ ଆଲୁମିନିୟମ ତିଆରି ହୁଏ । ଆଲୁମିନିୟମ ପରିବହନ, ନିର୍ମାଣ, ଅକ୍ଷୟ ଶକ୍ତି, ବିଦ୍ୟୁତ୍ ପ୍ରୟୋଗ, ପ୍ରତିରକ୍ଷା ଏବଂ ଉନ୍ନତ ଉତ୍ପାଦନ ଭଳି ବିଭିନ୍ନ କ୍ଷେତ୍ରକୁ ସମର୍ଥନ ଯୋଗାଏ । ଓଡ଼ିଶାର ବକ୍ସାଇଟ୍ ଖଣି, ଆଲୁମିନା ବିଶୋଧନାଗାର, ଆଲୁମିନିୟମ କାରଖାନା ଓ ଏହା ସହ ଜଡ଼ିତ ଶିଳ୍ପଗୁଡ଼ିକ ଏକ ସମନ୍ୱିତ ମୂଲ୍ୟ ଶୃଙ୍ଖଳା ଭାବେ କାର୍ଯ୍ୟ କଲେ ଏହାର ଆର୍ଥିକ ଅବଦାନ ଖଣି କିମ୍ବା କାରଖାନା ପରିସର ମଧ୍ୟରେ ସୀମିତ ରହିବ ନାହିଁ । ସେଥିପାଇଁ ବକ୍ସାଇଟ୍ ଖଣି ଖୋଲିବା କେବଳ ଖଣିଜ ଉତୋଳନର ବିଷୟ ନୁହେଁ; ଏହା ନିଯୁକ୍ତି, ଜୀବିକା ଏବଂ ଓଡ଼ିଶାର ପ୍ରାକୃତିକ ସମ୍ପଦକୁ ଲୋକଙ୍କ ବ୍ୟାପକ ସମୃଦ୍ଧିରେ ପରିଣତ କରିବାର କ୍ଷମତା ସହ ଜଡ଼ିତ । ରାଜ୍ୟର ଖଣିଜ ଶକ୍ତି ଏବଂ ନିଯୁକ୍ତି ଚ୍ୟାଲେଞ୍ଜକୁ ଏକାଠି ସମାଧାନ କରିବା ଆବଶ୍ୟକ । କଳାହାଣ୍ଡି ଭଳି ଜିଲ୍ଲାଗୁଡ଼ିକ ପାଇଁ ଏହି ଆର୍ଥିକ ସୁଯୋଗ ବିଶେଷ ଗୁରୁତ୍ୱ ବହନ କରେ ।

ବକ୍ସାଇଟ୍ ଖଣି ଖୋଲିଲେ ପରିବହନ, ଯନ୍ତ୍ରପାତି ପରିଚାଳନା, ରକ୍ଷଣାବେକ୍ଷଣ, ସୁରକ୍ଷା, ଭିତିଭୂମି ନିର୍ମାଣ, ପରିବେଶ ପରିଚାଳନା, ସ୍ୱାସ୍ଥ୍ୟସେବା, ଖାଦ୍ୟ ଯୋଗାଣ ଓ ଅନ୍ୟାନ୍ୟ ସେବା କ୍ଷେତ୍ରରେ ରୋଜଗାର ସୃଷ୍ଟି ହୋଇପାରିବ । ଏହାର ପ୍ରଭାବ ଆଲୁମିନିୟମ ଉତ୍ପାଦନ ଓ ପରବର୍ତ୍ତୀ ଉତ୍ପାଦନ କ୍ଷେତ୍ରରେ ଆହୁରି ବଢ଼ିପାରେ । ଶକ୍ତିଶାଳୀ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳା କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ, ବୈଷୟିକ ସେବା ପ୍ରଦାନକାରୀ, ଧାତୁ ନିର୍ମାଣକାରୀ, ଉପାଦାନ ଉତ୍ପାଦକ ଏବଂ ସ୍ଥାନୀୟ ଉଦ୍ୟୋଗୀଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିପାରେ । ଏହା ସହିତ ଋତୁକାଳୀନ କାମ ତୁଳନାରେ ଅଧିକ ସ୍ଥାୟୀ କୁଶଳ ଓ ଅର୍ଦ୍ଧକୁଶଳ ନିଯୁକ୍ତି ମଧ୍ୟ ସୃଷ୍ଟି ହୋଇପାରିବ । ଓଡ଼ିଶା ସରକାର ମଧ୍ୟ ନିର୍ଣ୍ଣାୟକ ପଦକ୍ଷେପର ଆବଶ୍ୟକତାକୁ ସ୍ୱୀକାର କରିଛନ୍ତି । ଓଡ଼ିଶା ଭିଜନ ଡକ୍ୟୁମେଣ୍ଟରେ ୨୦୪୭ ସୁଦ୍ଧା ନିଯୁକ୍ତି ସୁଯୋଗର ଅଭାବଜନିତ ଦାଦନ ପ୍ରବାସନକୁ ପ୍ରାୟ ଶୂନ୍ୟ ସ୍ତରକୁ ଆଣିବାର ଲକ୍ଷ୍ୟ ରଖାଯାଇଛି । ଏଥିରେ ସ୍ଥାନୀୟ ନିଯୁକ୍ତି ବୃଦ୍ଧି, ଉଦ୍ୟୋଗ ବିକାଶ, ଦକ୍ଷତା ବିକାଶ, ଜୀବିକା ସହାୟତା ଏବଂ ପ୍ରବାସୀ ଶ୍ରମିକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି । ତେବେ ଏହି ଲକ୍ଷ୍ୟ ପାଇଁ ଆବଶ୍ୟକ ଭିତିଭୂମି ଆଜି ହିଁ ରାଜ୍ୟରେ ଉପଲବ୍ଧ ବିପୁଳ ବକ୍ସାଇଟ୍ ସମ୍ପଦ, ପ୍ରତିଷ୍ଠିତ ବିଶୋଧନ କ୍ଷମତା, ବୃହତ୍ ଶିଳ୍ପ ପୁଞ୍ଜିନିବେଶ ଏବଂ ବିକାଶଶୀଳ ଭିତିଭୂମି । ଏବେ ଆବଶ୍ୟକ ହେଉଛି ଏହି ସମସ୍ତ ଶକ୍ତିକୁ ପରସ୍ପର ସହ ଯୋଡ଼ିବା ଏବଂ ବର୍ତ୍ତମାନର ଶିଳ୍ପଗୁଡ଼ିକ ପାଇଁ ବକ୍ସାଇଟ୍ର ନିର୍ଭରଯୋଗ୍ୟ ଯୋଗାଣ ସୁନିଶ୍ଚିତ କରିବା ।

ଓଡ଼ିଶା ଭିଜନ ଡକ୍ୟୁମେଂଟରେ ୨୦୪୭ ସୁଦ୍ଧା ବକ୍ସାଇଟ୍ ଉତ୍ପାଦନକୁ ୩.୨ କୋଟି ଟନ୍‌ରେ ପହଂଚାଇବାର ଲକ୍ଷ୍ୟ ରହିଛି । ଏହି ଲକ୍ଷ୍ୟ ପୂରଣ ପାଇଁ ଏବେଠାରୁ ପଦକ୍ଷେପ ଆବଶ୍ୟକ । କାରଣ ଏକ ଖଣି ଖୋଲିବା ଏକ ଜଟିଳ ଏବଂ ସମୟସାପେକ୍ଷ ପ୍ରକ୍ରିୟା । ଖଣି ବ୍ଲକ୍ ଆବଣ୍ଟନ ପରେ ମଧ୍ୟ ଜମି ସମ୍ବନ୍ଧୀୟ ପ୍ରକ୍ରିୟା, ବିଭିନ୍ନ ଆଇନଗତ ଅନୁମୋଦନ, ଭିତିଭୂମି ବିକାଶ, ମୌଳିକ ଅଧ୍ୟୟନ ଏବଂ ସ୍ଥାନୀୟ ସମୁଦାୟ ସହ ଆଲୋଚନା ପାଇଁ ଯଥେଷ୍ଟ ସମୟ ଲାଗିପାରେ । ଆରମ୍ଭିକ ପର୍ଯ୍ୟାୟରେ ହେଉଥିବା ବିଳମ୍ବ ନିଯୁକ୍ତି, ସ୍ଥାନୀୟ କ୍ରୟ ସୁଯୋଗ ଓ ଶିଳ୍ପ ବିକାଶକୁ ମଧ୍ୟ ପଛକୁ ଠେଲିଦେଇପାରେ । ତେଣୁ ରାଜ୍ୟ ସରକାରଙ୍କୁ ପ୍ରତ୍ୟେକ ବକ୍ସାଇଟ୍ ବ୍ଲକ୍ ଓ ସେ ସମ୍ବନ୍ଧୀୟ ପ୍ରତିବଦ୍ଧତାର ପ୍ରକଳ୍ପଭିତିକ ସମୀକ୍ଷା କରିବା ଆବଶ୍ୟକ । ବର୍ତ୍ତମାନର କାର୍ଯ୍ୟାନ୍ୱୟନ ସ୍ଥିତି ଚିହ୍ନଟ କରିବା, ବାଧାଗୁଡ଼ିକର ସମାଧାନ କରିବା ଏବଂ ସମ୍ଭାବ୍ୟ ପ୍ରକଳ୍ପଗୁଡ଼ିକୁ ଆଗକୁ ନେବା ପାଇଁ ସ୍ପଷ୍ଟ ଦାୟିତ୍ୱ ନିର୍ଦ୍ଧାରଣ ଜରୁରୀ । ବିଭାଗଗୁଡ଼ିକ ମଧ୍ୟରେ ଉତମ ସମନ୍ୱୟ, ସ୍ୱଚ୍ଛ ଡିଜିଟାଲ ନିରୀକ୍ଷଣ ଏବଂ ସମୟୋଚିତ ନିଷ୍ପତି ମାଧ୍ୟମରେ ପରିବେଶୀୟ ମାନଦଣ୍ଡ କିମ୍ବା ଅର୍ଥପୂର୍ଣ୍ଣ ସମୁଦାୟ ପରାମର୍ଶକୁ କ୍ଷୁଣ୍ଣ ନକରି ଅନାବଶ୍ୟକ ବିଳମ୍ବକୁ କମାଇହେବ । ଖଣି ଖୋଲିବା ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହିତ ଦୃଶ୍ୟମାନ ଜନସାଧାରଣଙ୍କ ଉତରଦାୟିତ୍ୱ ମଧ୍ୟ ନିଶ୍ଚିତ ହେବା ଆବଶ୍ୟକ । ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ଏବଂ ଅନ୍ୟାନ୍ୟ ଖଣି ସମ୍ବନ୍ଧୀୟ ରାଜସ୍ୱରୁ ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ଶିକ୍ଷା, ସଡ଼କ, ଦକ୍ଷତା ବିକାଶ ଓ ଜୀବିକା ବିବିଧୀକରଣ କ୍ଷେତ୍ରରେ ମାପିହେବା ଭଳି ଉନ୍ନତି ଘଟିବା ଦରକାର । ପୁନର୍ବାସ, ଶ୍ରମିକ ସୁରକ୍ଷା, ପରିବେଶ ସୁରକ୍ଷା ଏବଂ ସାର୍ଥକ ସମୁଦାୟ ଅଂଶଗ୍ରହଣ ଅପରିହାର୍ଯ୍ୟ ରହିବା ଉଚିତ । ଖଣିଜ ସମ୍ପଦ ନିକଟରେ ବାସ କରୁଥିବା ସମୁଦାୟ ଦାୟିତ୍ୱପୂର୍ଣ୍ଣ ବିକାଶର ଲାଭକୁ ନିଜ ଦୈନନ୍ଦିନ ଜୀବନରେ ଅନୁଭବ କରିପାରିବା ଦରକାର । ସେମାନଙ୍କୁ କେବଳ ପ୍ରତ୍ୟକ୍ଷ ନିଯୁକ୍ତି ନୁହେଁ, ବରଂ ଉନ୍ନତ ସେବା, ଶକ୍ତିଶାଳୀ ସ୍ଥାନୀୟ ଉଦ୍ୟୋଗ ଏବଂ ପରବର୍ତ୍ତୀ ପିଢ଼ି ପାଇଁ ନୂଆ ସୁଯୋଗ ମଧ୍ୟ ମିଳିବା ଆବଶ୍ୟକ । ଓଡ଼ିଶା ଇତିମଧ୍ୟରେ ନିଜର ଲକ୍ଷ୍ୟ ସ୍ପଷ୍ଟ କରିଛି ଦାଦନ ପ୍ରବାସନକୁ ରୋକିବା, ଗ୍ରାମାଂଚଳରେ ଅଣକୃଷି ନିଯୁକ୍ତି ବଢ଼ାଇବା ଏବଂ ବ୍ୟାପକ ସ୍ତରରେ ରୋଜଗାର ସୃଷ୍ଟି କରିପାରୁଥିବା ଏକ ଉତ୍ପାଦନଭିତିକ ଅର୍ଥନୀତି ଗଢ଼ିବା । ଏବେ ଆବଶ୍ୟକ ହେଉଛି ସମୟୋଚିତ କାର୍ଯ୍ୟାନ୍ୱୟନ । ରାଜ୍ୟର ଖଣିଜ ସମ୍ପଦ ଏବଂ ଏହାର ନିକଟବର୍ତ୍ତୀ ସମୁଦାୟର ଆର୍ଥିକ ଅସୁରକ୍ଷା ମଧ୍ୟରେ ଥିବା ଦୂରତା ଦୂର କରିବା ଦରକାର । ଦାୟିତ୍ୱପୂର୍ଣ୍ଣ ଓ ସମୟୋଚିତ ବକ୍ସାଇଟ୍ ବିକାଶ ବର୍ତ୍ତମାନର ବିଶୋଧନାଗାରଗୁଡ଼ିକୁ ନିଜ କ୍ଷମତାର ସଦୁପଯୋଗ କରିବାରେ ସହାୟତା କରିବା ସହ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳାକୁ ଶକ୍ତିଶାଳୀ କରିପାରିବ ଏବଂ ସ୍ଥାନୀୟ ସ୍ତରରେ ସମ୍ମାନଜନକ ନିଯୁକ୍ତି ସୃଷ୍ଟି କରିପାରିବ । ଜୀବିକା ପାଇଁ ପରିବାରର ସଦସ୍ୟମାନେ ଦୂରଦୂରାନ୍ତକୁ ପ୍ରବାସ କରୁଥିବା ପରିବାରଗୁଡ଼ିକ ପାଇଁ, ଏହା ନିଜ ଘର ନିକଟରେ ଅର୍ଥପୂର୍ଣ୍ଣ ରୋଜଗାର ଓ ଉନ୍ନତିର ସୁଯୋଗ ସୃଷ୍ଟିର ଏକ ନୂଆ ଆରମ୍ଭ ହୋଇପାରେ ।

## କନ୍ଧମାଳ ଜିଲ୍ଲା ପ୍ରଶାସନ-ଏମସିଏଲ୍ ବୁଝାମଣାପତ୍ର ସ୍ୱାକ୍ଷରିତ

# ସାଲେମ୍ କିସମ ହଳଦୀ ଚାଷକୁ ଦିଆଯିବ ପ୍ରୋତ୍ସାହନ

ଫୁଲବାଣୀ, (ସବ୍ୟୁ): କନ୍ଧମାଳ ଜିଲ୍ଲାର ପାରମ୍ପରିକ ହଳଦୀ ଚାଷ ସହ ନୂତନ 'ସାଲେମ୍' କିସମ ହଳଦୀ ଚାଷର ପ୍ରସାର ପାଇଁ କନ୍ଧମାଳ ଜିଲ୍ଲା ପ୍ରଶାସନ ଏବଂ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ) ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି । ଭୁବନେଶ୍ୱର ଠାରେ ଏମସିଏଲର ସିଏସଆର (କର୍ପୋରେଟ୍ ସାମାଜିକ ଉତ୍ତରଦାୟିତ୍ୱ) ପଦକ୍ଷେପ ଅଧୀନରେ ଏହି ଏମଓୟୁ ସ୍ୱାକ୍ଷର କରାଯାଇଛି ।

ଏହି ଚୁକ୍ତିନାମାରେ ଏମସିଏଲ ପକ୍ଷରୁ ମହାପ୍ରବନ୍ଧକ (ଜେନେରାଲ ମ୍ୟାନେଜର) ଜ୍ୟୋତିର୍ମୟ ସିଂହ ଏବଂ କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ପରିଷଦର ଡେପୁଟି ସିଇଓ (ଓରମାସ) ଗୁଣ୍ଡିଚା ବେହେରା ପ୍ରତିନିଧିତ୍ୱ କରି ସ୍ୱାକ୍ଷର କରିଛନ୍ତି । ଏହାର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଉଛି




କରକ୍ୟୁମନର ର ଅଧିକ ମାତ୍ରା । ପ୍ରଚଳିତ ପାରମ୍ପରିକ ହଳଦୀ କିସମ ତୁଳନାରେ ଏହି ସାଲେମ୍ କିସମ ହଳଦୀରେ ଅଧିକ ମାତ୍ରାରେ 'କରକ୍ୟୁମିନ୍' ରହିଛି, ଯାହା ଏହାର ଔଷଧୀୟ ଓ ବ୍ୟବସାୟିକ ମୂଲ୍ୟ ବୃଦ୍ଧି କରିବ ।

ଏହି ହଳଦୀ ଚାଷ ଦ୍ୱାରା ଜିଲ୍ଲାରେ ହଳଦୀର ଉତ୍ପାଦନ ଏବଂ ଉତ୍ପାଦକତା ହାର ଯଥେଷ୍ଟ ବୃଦ୍ଧି ପାଇବ । ହଳଦୀର ଉନ୍ନତ ମାନ ଓ ଅଧିକ ଉତ୍ପାଦନ ଫଳରେ ସ୍ଥାନୀୟ କନ୍ଧମାଳ ଚାଷୀଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିବ ଏବଂ ସେମାନଙ୍କ ରୋଜଗାର ବୃଦ୍ଧି ପାଇବ । ଜିଲ୍ଲା ପ୍ରଶାସନ, କନ୍ଧମାଳ ଏବଂ ଏମସିଏଲର ସିଏସଆର ସହଯୋଗ ମାଧ୍ୟମରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ପ୍ରକଳ୍ପ ଦ୍ୱାରା କନ୍ଧମାଳର ପ୍ରସିଦ୍ଧ ହଳଦୀ ଚାଷ ଏକ ନୂତନ ଦିଗ ଦେଖିବ ବୋଲି ଆଶା ପ୍ରକାଶ ପାଇଛି ।

## ପ୍ରବଳ ବର୍ଷା ଓ ବଜ୍ରପାତ ଆଶଙ୍କା

# ୨୪ ଯାଏଁ ଗଞ୍ଜାମରେ ସମସ୍ତ ସ୍କୁଲ୍ ବନ୍ଦ

ବ୍ରହ୍ମପୁର, (ସବ୍ୟୁ) : ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷା, ଝଡ଼ବର୍ଷା ଓ ବଜ୍ରପାତର ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଆଜିଠାରୁ ୨୪ ତାରିକ ଯାଏଁ ଜିଲ୍ଲାର ସମସ୍ତ ବିଦ୍ୟାଳୟ ବନ୍ଦ ରହିବ । ଏନେଇ ଗଞ୍ଜାମ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି । ପରିଚାଳନା ବ୍ୟବସ୍ଥା ନିର୍ବିଶେଷରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସମସ୍ତ ବିଦ୍ୟାଳୟ ଏହି ନିର୍ଦ୍ଦେଶ ଅଧୀନରେ ରହିବ । ତେବେ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ପୂର୍ବପରି ବିଦ୍ୟାଳୟରେ ଉପସ୍ଥିତ ହୋଇ ନିଜ ନିଜ କର୍ତ୍ତବ୍ୟ ସମ୍ପାଦନ କରିବେ । ଆବଶ୍ୟକ ପଡ଼ିଲେ ଜିଲ୍ଲା ପ୍ରଶାସନ ପକ୍ଷରୁ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟରେ ସେମାନଙ୍କ ସେବା ନିୟୋଜିତ କରାଯାଇ ପାରିବ । ସେହିପରି ବୋର୍ଡ କିମ୍ବା ପରିଷଦ ପକ୍ଷରୁ ପୂର୍ବ ନିର୍ଦ୍ଧାରିତ ସମସ୍ତ ପରୀକ୍ଷା ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ । ଅନ୍ୟପକ୍ଷରେ, ପାଣିପାଗ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଜିଠାରୁ ୨୪ ଯାଏଁ ଗଞ୍ଜାମ ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ବନ୍ଦ ରହିବ ବୋଲି ପୂର୍ବରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ରାଜ୍ୟସ୍ତରୀୟ ପ୍ରତିଯୋଗିତା: ୫ଜିଲ୍ଲାରୁ ୨୨ ଶହ ଛାତ୍ରଛାତ୍ରୀ

ଚଣ୍ଡିଖୋଲ, (ସବ୍ୟୁ): ଯାଜପୁର ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଉଦୀୟମାନ ପକ୍ଷରୁ ୨୫ ତମ ରାଜ୍ୟସ୍ତରୀୟ ସାଧାରଣଜ୍ଞାନ, ପ୍ରବନ୍ଧ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଚଣ୍ଡିଖୋଲ ସ୍ଥିତ ଡିୟୁପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହେଇଯାଇଛି । ଏଥିରେ ୫ଟି ଜିଲ୍ଲାର ୨ ଶହ ବିଦ୍ୟାଳୟରୁ ମୋଟ ୨୨ ଶହ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତା ସକାଳ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ ଟାରେ ଶେଷ ହେଇଥିଲା । ଏହାକୁ ଅଧ୍ୟାପକ ବିଶ୍ୱଜିତ ମହାପାତ୍ର, ରାମଚନ୍ଦ୍ର ଶୁକ୍ଳ ଓ ଚନ୍ଦନ କୁମାର ନାୟକ ଶୁଭାରମ୍ଭ କରିଥିଲେ । ଶିକ୍ଷାବିତ ପ୍ରମୋଦ କୁମାର ଦାସ, କାହ୍ନୁଚରଣ ସାହୁ, ପ୍ରକାଶ କୁମାର ନାୟକ, ଅନୁଷ୍ଠାନର ସଭାପତି



ଅବିନାଶ ଜେନା, ସଂପାଦିକା ଅରୁଣୀ ନନ୍ଦ, ସଂପାଦକ କାର୍ତ୍ତିକ ଚନ୍ଦ୍ର ଜେନା, ରଶ୍ମିରଂଜନ ଦାସ, ଡା. କୈବଲ୍ୟ ମହାପାତ୍ର ପରିଚାଳନା କରିଥିଲା ବେଳେ ବିଚାରକ ଭାବରେ ଡ଼ ସୁଧୀରଚନ୍ଦ୍ର ସାମଲ, ଡ. ତୁହିଂନାଶୁ ରଥ, ଡ. ଦିଲ୍ଲୀପ କୁମାର ନାୟକ, ଡ. ନଟବର ପ୍ରଧାନ, ମନୋରଞ୍ଜନ କର, ଅର୍ଜୁନ ଚରଣ ସାହୁ, ଜୟନାରାୟଣ ତ୍ରିପାଠୀ ପ୍ରମୁଖ ରହିଥିଲେ । ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ ଅକ୍ଟୋବର ଦୁଇ ତାରିଖ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ସକାଳୁ ଅନୁଷ୍ଠିତ ହେବ ଓ ଏଥିରେ ସଂଗୀତ, ନୃତ୍ୟ ସହିତ ଏକକ ଅଭିନୟ ପ୍ରତିଯୋଗିତା ହେବ ବୋଲି ଘୋଷଣା କରାଯାଇଥିଲା । ପ୍ରତିଯୋଗିତାର ଫଳାଫଳ ପ୍ରକାଶିତ ହେବାପରେ ଆସନ୍ତା ନଭେମ୍ବରେ ଅନୁଷ୍ଠିତ ହେବାକୁ ଥିବା ୨୫ତମ ବାର୍ଷିକ ଉତ୍ସବରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ରୌପ୍ୟଜୟନ୍ତୀର ଆବାହକ ଅନିଲ କୁମାର ଦାସ ସୂଚନା ଦେଇଥିଲେ ।

# କପିଳାସରେ ପର୍ଯ୍ୟଟକଙ୍କୁ ମାଡ଼ ଓ ଭିଡିଓଗ୍ରାଫି ଘଟଣା : ୩ ଜଣକୁ ବାନ୍ଧିଲା ପୋଲିସ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ କପିଳାସକୁ ଦର୍ଶନ ପାଇଁ ଆସିଥିବା ଜଣେ ଯୁବକ ଓ ଯୁବତୀଙ୍କୁ ମାଡ ମାରିବା ଓ ଭିଡିଓଗ୍ରାଫି କରିବା ଘଟଣାରେ ପୋଲିସ ବଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଏହି ଘଟଣାରେ ଜଡିତ ୩ଜଣକୁ ପୋଲିସ ଗିରଫ କରିଥିବାର ଜଣାପଡିଛି ।

ସୂଚନା ଅନୁସାରେ ଗତ ୧୮ ତାରିଖ ଶୁକ୍ରବାର ଦିନ ଜଣେ ଯୁବକ ଏବଂ ଯୁବତୀ କପିଳାସ ଦର୍ଶନ ପାଇଁ ଆସିଥିଲେ । ସେଠାରୁ ଫେରୁଥିବା ସମୟରେ ସୋରିଷିଆପଦା ପଞ୍ଚାୟତ ଭଇଁରଗଡା ଗ୍ରାମ ନିକଟରେ ଗଁଦିଆ ଥାନା ବଣିଆ ଗ୍ରାମର ଦ୍ୱିଜବର ନାୟକଙ୍କ ଦୁଇ ପୁଅ ସରୋଜ ନାୟକ(୪୧)ଓ ସମୀର ନାୟକ(୩୭) ଏବଂ ମଦାର ଥାନା ରାଇପୁର ଗ୍ରାମର ଗିରଶ ରଥଙ୍କ ପୁଅ ସଂଗ୍ରାମ ରଥ ଓରଫ ଦୁର୍ଗା ଏକତ୍ରିତ ଭାବରେ ଯୁବକ ଏବଂ ଯୁବତୀଙ୍କ ଗାଡି ଅଟକାଇ ମାଡ ମାରିବା ସହିତ ଗାଳି ଗୁଲଜ କରିଥିଲେ । ଘଟଣାକୁ ଦେଖି ଗ୍ରାମବାସୀମାନେ ସମାଧାନ କରିଥିଲେ। ଉଭୟ ପୁଣି ନିଜ ମୋଟର ସାଇକେଲରେ ଯାଉଥିବା ସମୟରେ ତିନି ଜଣ ଯୁବକ ପୁଣିଥରେ ଅଟକାଇ ସେମାନଙ୍କର ଭିଡିଓଗ୍ରାଫି କରିଥିଲେ । ଯୁବତୀ ଜଣକ କାକୁତି ମିନତୀ ହେଉଥିଲେ ମଧ୍ୟ ତାଙ୍କୁ ମାଡ ମାରିବା ସହିତ ଧମକ ଚମକ ଦେଇଥିଲେ ।

ଏହି ଘଟଣା ପରେ ସେମାନଙ୍କର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଯେତେବେଳେ ଯୁବକ ଜଣକ ଏହା ଜାଣିପାରିଲେ ସେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଚୌଦ୍ୱାର ଥାନାରେ ଲିଖିତ ଭାବରେ ଅଭିଯୋଗ କରିଥିଲେ । ଚୌଦ୍ୱାର ଥାନାର ଅଭିଯୋଗ ଅନୁସାରେ ଗଁଦିଆ ଥାନାରେ ୪୨୦/୨୬ୟୁଏସ ୧୨୬(୨)/୨୯୬/୧୧୫(୨)/୭୫/୩୫୧(୧) ୩୫୬(୧)୩(୫) ବିଏନଏସ ଆରଡବ୍ଲ୍ୟୁ ସେକସନ ୬୭ର ୬୭ ଆଟି ଆକ୍ଟରେ ଏକ ମାମଲା ରୁଜୁ କରି ତଦନ୍ତ କରାଯାଇଥିଲା। ଏହି ଘଟଣାରେ ସାମିଲ ଥିବା ସରୋଜ, ସମୀର ଓ ଗିରିଶକୁ ପୋଲିସ ଗିରଫ କରିବା ସହିତ ତଦନ୍ତ ଚଳାଇଥିବାର ଜଣାପଡିଛି । ଏଭଳି ଯୁବକମାନେ କପିଳାସର ଗାରିମାକୁ କ୍ଷୁର୍ଣ୍ଣ କରିଥିବାରୁ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି ।

## କାର ସହ ୧୨୦ କେଜି ଗଞ୍ଜେଇ ଜବତ : ଦୁଇ ଗିରଫ

ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକ ସହର ସ୍ଥିତ ଲିପ୍ତିଙ୍ଗା ଛକ ନିକଟରେ ଏକ ଗଞ୍ଜେଇ ଭର୍ତ୍ତି କାରକୁ ଆଠମଲ୍ଲିକ ଅବକାରୀ ବିଭାଗ ତରଫରୁ ତନଖି କରାଯାଇ ଗଞ୍ଜେଇ ଓ କାର ଜବତ କରିବା ସହିତ ଦୁଇ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି ।

ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାଇ ଏକ ମହିନ୍ଦ୍ରା ଏକ୍ସୟୁ ଭି କାରରେ କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ଭର୍ତ୍ତି କାର ଆସୁଥିବା ବେଳେ ଲିପ୍ତିଙ୍ଗା ଛକରେ ଅବକାରୀ ବିଭାଗ ତରଫରୁ ଚଢ଼ାଉ କରା ଯାଇଥିଲା। କାର ଭିତରୁ ୧୨୦ କେଜି ଗଞ୍ଜେଇ ଜବତ ହେବା ସହିତ ଦୁଇ ଜଣଙ୍କୁ କନ୍ଧମାଳ ଜିଲ୍ଲାର ଗଜେନ୍ଦ୍ର କଅଁର ଓ ବୁନା ମଲ୍ଲିକଙ୍କୁ ଗିରଫ କରିଥିଲେ । ସର୍କଲ ଇନିସପେକ୍ଟର ହରିହର ସିଂହ, ଓଆଇସି ସୁରଜ କୁମାର ଟିଗା, ଏଏସଆଇ ନରେନ୍ଦ୍ର ମହାନନ୍ଦିଆ, ଷ୍ଟାଫ ଅମର କୁଜୁର, ସଂଗ୍ରାମ ଦେହୁରୀ, ରୁପାଲୀ ବେହେରା ପ୍ରମୁଖ ଚଢ଼ାଉ ରେ ସାମିଲ ହୋଇଥିଲେ ।

## ସଙ୍ଗୀତ ଓ ବାଦ୍ୟର ତାଳେ ତାଳେ...



ତାଳଚେର, (ସବ୍ୟୁ) : ତାଳଚେର ପ୍ରସିଦ୍ଧ ବିଘ୍ନ ବିନାଶକ ଗଣେଶ ପୂଜା ଅବସରରେ ତାଳଚେର ଅଞ୍ଚଳର ହାଟତୋଟା ସ୍ଥିତ ମୁଖ୍ୟ ବଜାର ଗଣେଶ ପୂଜା କମିଟି (ଖ) ବିଭାଗ ପକ୍ଷରୁ ପୂର୍ବ ନିଷ୍ପତ୍ତି କ୍ରମେ ଅତିଶୟ ଚମତ୍କାର ପୂର୍ଣ୍ଣ ପ୍ରଦର୍ଶନ କରି ଦର୍ଶକଙ୍କ ମନ ମୋହିଥିବା ଦୃଶ୍ୟକୁ ଦେଖିବା ପାଇଁ ସେଠାରେ ବେଶ ଜନ ଗହଳି ରହିଥିବା ଦେଖିବାକୁ ମିଳିଛି ।

ଅବିକଳ ଆଦିବାସୀ ପରମ୍ପରା ଅନୁଯାୟୀ ସଙ୍ଗୀତ ଓ ବାଦ୍ୟର ତାଳେ ତାଳେ ଦୁଇଜଣ ପୁରୁଷ ସାଙ୍ଗକୁ ତିନିଜଣ ଆଦିବାସୀ ମହିଳା ଝୁମୁଥିବା ନିଖୁଣ ପ୍ରତିଛବି ପରିବେଷଣ କରି ଚାଲିଥିବା ଦେଖିବାକୁ ଛୋଟ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୃଦ୍ଧ ଓ ବୃଦ୍ଧାଙ୍କ ପର୍ଯ୍ୟନ୍ତ ସଭିଙ୍କ ମହଲରେ ଖୁସିର ମହୋଲ ଖେଳାଇ ଦେଇଥିବା ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବା ଦେଖିବାକୁ ମିଳିଛି ।

## ବାଇକ୍ ଧକ୍କାରେ ହିନ୍ଦୀ ଶିକ୍ଷୟିତ୍ରୀ ଗୁରୁତର

ସାଲେପୁର, (ସବ୍ୟୁ) : ଶିକ୍ଷୟିତ୍ରୀ ସ୍କୁଲରୁ ଘରକୁ ଫେରୁଥିବା ବେଳେ ରାସ୍ତାରେ ବାଇକ ଧକ୍କାରେ ଗୁରୁତର ଆହତ ହୋଇ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଭୁବନେଶ୍ୱର ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ପାଇଁ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ସାଲେପୁର ଶିକ୍ଷା ମଣ୍ଡଳ ଅଧିନ ଯତୀନ୍ଦ୍ର ନାଥ ଉଚ୍ଚ ବିଦ୍ୟାଳୟ ଓଡାସିଂର ହିନ୍ଦୀ ଶିକ୍ଷୟିତ୍ରୀ ପୁରୀ ଅଞ୍ଚଳର ବନ୍ୟା ବୈଶାଳୀ ସ୍ୱାଇଁ ନିଜ ସ୍କୁଟି ଯୋଗେ ସାଲେପୁର ସ୍ଥିତ ଭଡା ଘରକୁ ଫେରୁଥିବା ସମୟରେ ବୋଦାମୁଣ୍ଡାଇ ବଜାରରେ ଆଗରୁ ଆସୁଥିବା ମାହାଙ୍ଗା ଅଞ୍ଚଳର ଦୁଇଜଣ ଯୁବକଙ୍କ ବାଇକ ଧକ୍କାରେ ରାସ୍ତାରେ ପଡି ଯାଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ସେଠାରୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ । ସମାଜସେବୀ ହରିବନ୍ଧୁ ଶତପଥୀ ଖବର ପାଇ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଶିକ୍ଷୟିତ୍ରୀଙ୍କ ଅବସ୍ଥା ପଚାରି ବୁଝିବା ସହିତ ତାଙ୍କ ସ୍ୱାମୀଙ୍କ ସହିତ କଥା ହୋଇଥିଲେ । ଅବସ୍ଥା ଗୁରୁତର ଥିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ଭୁବନେଶ୍ୱର ଘରୋଇ ଡାକ୍ତରଖାନାକୁ ଅଧିକ ଚିକିତ୍ସା ନିମନ୍ତେ ପଠାଇ ଥିବା ଜଣାପଡିଛି । ସାଲେପୁର ପୋଲିସ ଗାଡିକୁ ଜବତ କରିଥିବା ଜଣାପଡିଛି ।

## ମୟୂରଭଞ୍ଜରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ

# ଜିଲ୍ଲାରେ ମୋଟ ୧୮ ଲକ୍ଷ ୩୬ ହଜାର ୮୨୨ ଭୋଟର

ବାରିପଦା, (ସବ୍ୟୁ) : ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସଆଇଆର)-୨୦୨୬ ଅଧୀନରେ ଚୂଡ଼ାନ୍ତ ଭୋଟର ତାଲିକା ଆନୁଷ୍ଠାନିକ ଭାବେ ପ୍ରକାଶ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭୋଟର୍ ତାଲିକା ପ୍ରକାଶନର ସ୍ୱତନ୍ତ୍ର ବୈଠକରେ ଜିଲ୍ଲାର ୯ଟି ଯାକ ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟର ତାଲିକା ପ୍ରକାଶ କରାଯାଇଛି ।

ପ୍ରକାଶିତ ତାଲିକା ଅନୁଯାୟୀ ଜିଲ୍ଲାରେ ମୋଟ ଭୋଟର ସଂଖ୍ୟା ୧୮,୩୬,୮୨୨କୁ ବୃଦ୍ଧି ପାଇଛି। ଯେଉଁଥିରେ ୯,୧୬,୨୭୫ ଜଣ ପୁରୁଷ ଏବଂ ୯,୨୦,୪୮୨ ଜଣ ମହିଳା ଭୋଟର ଥିବା ବେଳେ ତୃତୀୟ ଲିଙ୍ଗୀ ଭୋଟରଙ୍କ ସଂଖ୍ୟା ୬୫ ରହିଛି । ଉଲ୍ଲେଖନୀୟ ବିଷୟ ହେଉଛି, ସମଗ୍ର ଜିଲ୍ଲାରେ ପୁରୁଷଙ୍କ ତୁଳନାରେ ମହିଳା ଭୋଟରଙ୍କ ସଂଖ୍ୟା ୪,୨୦୭ ଅଧିକ ରହିଛି ।

ଏଠାରେ ଉଲ୍ଲେଖ ଥାଉ କି, ୨୦୨୬ ଜୁଲାଇ ୧ତାରିଖକୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରାଯାଇ ମେ ୩୦ରୁ ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ବିଏଲଓମାନଙ୍କ ଦ୍ୱାରା ଘରକୁ ଘର ବୁଲି ମତଦାତାଙ୍କ ତଥ୍ୟ ସଂଗ୍ରହ ଓ ଯାଞ୍ଚ କରାଯାଇଥିଲା । ୨୮ ଜୁନ ୨୦୨୬ରେ ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ ତଥା ନୂତନ ମତଦାନ କେନ୍ଦ୍ର ନିର୍ଦ୍ଧାରଣ ସମ୍ପନ୍ନ ହେବା ପରେ ଜୁଲାଇ ୫ ତାରିଖରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ କରାଯାଇ ଅଗଷ୍ଟ ୧୯ ପର୍ଯ୍ୟନ୍ତ ଦାବି ତଥା ଆପତ୍ତି ଗ୍ରହଣ କରାଯାଇଥିଲା । ସେପ୍ଟେମ୍ବର ୧୭ ସୁଦ୍ଧା ସମସ୍ତ ଦାବି ଓ ଆପତ୍ତିର ଫଇସଲା କରାଯାଇ ଆଜି ଏହି ଚୂଡ଼ାନ୍ତ ତାଲିକା ଜାରି କରାଯାଇଛି ।

ଭୋଟରମାନଙ୍କ ସୁବିଧା ନିମନ୍ତେ ଜିଲ୍ଲାରେ ପୂର୍ବରୁ ଥିବା ୨,୩୭୨ଟି ମତଦାନ କେନ୍ଦ୍ରକୁ ଯୁକ୍ତି ସଙ୍ଗତ ପୁନର୍ବିନ୍ୟାସ କରାଯାଇ ଆଉ ୩୫୨ଟି ନୂତନ ବୁଥ୍ ଯୋଡ଼ାଯାଇଛି । ଫଳରେ ଜିଲ୍ଲାରେ ସର୍ବମୋଟ ମତଦାନ କେନ୍ଦ୍ର/ବୁଥ୍ ସଂଖ୍ୟା ୨,୭୨୪ରେ ପହଞ୍ଚିଛି । ଚୂଡ଼ାନ୍ତ ତାଲିକାରେ ନାମ ନଥିବା କିମ୍ବା ତଥ୍ୟରେ ସଂଶୋଧନ ଆବଶ୍ୟକ ଥିବା ଯୋଗ୍ୟ ନାଗରିକମାନେ ବର୍ଷସାରା ଉପଲବ୍ଧ ଥିବା ସୁଯୋଗରେ ନାମ ପଞ୍ଜୀକରଣ କିମ୍ବା ଆବଶ୍ୟକ ସଂଶୋଧନ କରାଇପାରିବେ ବୋଲି ସେ ପ୍ରକାଶ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ମୟୂରଭଞ୍ଜ ଈଶ୍ୱର ଚନ୍ଦ୍ର ନାଏକ, ବାଙ୍ଗିରିପୋଷି ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବଡସାହି ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ବାରିପଦା ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପ-ଜିଲ୍ଲାପାଳ କସ୍ତୁରୀ ପଣ୍ଡା ଓ ମୋରଡା ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଉପ ଜିଲ୍ଲାପାଳ ରାଖାଲ ଚନ୍ଦ୍ର ପରିଡ଼ା ସମେତ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ନେତୃବୃନ୍ଦ ଉପସ୍ଥିତ ଥିଲେ ।



# ସମ୍ପାଦକୀୟ

## ଏକତ୍ର ରହିବା କିପରି ?

ଏକ ବିଂଶ ଶତାବ୍ଦୀରେ ଅନେକ କିଛି ପରିବର୍ତ୍ତନ ଘଟିଛି । ଆମର ଜଳବାୟୁ, ଭୌଗୋଳିକ ଅବସ୍ଥିତି, ସାମାଜିକ ପରିସ୍ଥିତି ଏ ସବୁ ବଦଳି ବଦଳି ଯାଉଛି । ପୂର୍ବେ ଯେଉଁ ଜାତିଭେଦ ଆମ ସମାଜରେ ମୁଣ୍ଡ ଟେକି ଉଠିଥିଲା, ତାହା ଆଉ ନାହିଁ । ପରେ ଥିଲାବାଲା (Haves ) ଓ ନଥିଲା ବାଲା (Have nots)ଙ୍କ ମଧ୍ୟରେ ଯେଉଁ ପାର୍ଥକ୍ୟ ଥିଲା, ତାହା ଏବେ ମଧ୍ୟ ରହିଛି । ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ବି ଏ ଭେଦଭାବ ରହିଛି । କେଉଁଠି ଯୁଦ୍ଧ ଚାଲିଛି ତ କେଉଁଠି ବାଣିଜ୍ୟିକ ବିକାଶ ଓ ଧନଲାଭ ପାଇଁ ପ୍ରତିଯୋଗିତା ଚାଲିଛି । ସମାଜରେ ପରସ୍ପରଙ୍କ ମଧ୍ୟରେ ଯେଉଁ ଶ୍ରଦ୍ଧା, ରାଜା ଓ ପ୍ରଜାଙ୍କ ମଧ୍ୟରେ ଯେଉଁ ସୁସମ୍ପର୍କ ରହି ଆସିଥିଲା, ବିଭିନ୍ନ କାରଣରୁ ତାହା ବ୍ୟାହତ ହୋଇଛି ।

ରାଜନୀତିକ କାରଣରୁ ମଧ୍ୟ ଆମ ସମାଜରେ ଆଗ ଭଳି ଆଉ ସୁସମ୍ପର୍କ ରହୁନାହିଁ । ଆଗରୁ ଗାଁମାନଙ୍କରେ ଯେଉଁ ଏକତା ଓ ବୁଝାମଣା ପରସ୍ପରଙ୍କ ମଧ୍ୟରେ ରହିଥିଲା, ଏବେ ସେପରି ଦୃଷ୍ଟାନ୍ତ ପ୍ରାୟ ନାହିଁ । ଅଧିକାଂଶ ଏବେ ଜୀବିକା ଅନ୍ୱେଷଣ ପାଇଁ ସହର ଆଡ଼କୁ ମୁହାଁଉଛନ୍ତି । କେନ୍ଦ୍ର ବା ରାଜ୍ୟ ସରକାର ଗାଁଗୁଡ଼ିକର ଉନ୍ନତି ପାଇଁ ତତ୍ପର । ମାତ୍ର ଗାଁର ଯୁବକମାନଙ୍କ ମଧ୍ୟରେ ରାଜନୀତିକ କାରଣରୁ ହେଉ ବା ସ୍ୱାର୍ଥପରତା କାରଣରୁ ହେଉ, ପୂର୍ବର ସେ ଏକତା ପ୍ରାୟ ବଜାୟ ରହିଥିବା ପରିଲକ୍ଷିତ ହେଉନାହିଁ । କିଛି ଯୁବକ ଓ ଲୋକ, ଯେଉଁମାନେ ଗାଁରେ ରହିଲେ, ସେମାନେ ରହିଗଲେ, ଚଳିଗଲେ କିନ୍ତୁ ସହରରେ ଚାକିରି କରି ଅନ୍ୟମାନଙ୍କ ପରି ସେମାନେ ଏତେ ଉପରକୁ ଉଠି ପାରିଲେ ନାହିଁ । ପଞ୍ଜାବ, ହରିଆନା, ମହାରାଷ୍ଟ୍ର, ଗୁଜରାଟ ଏପରିକି ଆନ୍ଧ୍ରପ୍ରଦେଶରେ ଚାଷବାସ କରି ବା ବାଣିଜ୍ୟ ବ୍ୟବସାୟ କରି ଲୋକେ ଯେପରି ଉପାର୍ଜନକ୍ଷମ ହୋଇ ପାରିଛନ୍ତି, ଓଡ଼ିଶାରେ ସେପରି ପରିଲକ୍ଷିତ ହୁଏ ନାହିଁ । ଅବଶ୍ୟ ତଳସ୍ତରରୁ ଅନେକ ଓଡ଼ିଆ ଉପରସ୍ତରକୁ ଯାଇ ରାଜ୍ୟ ଓ ରାଜ୍ୟ ବାହାରେ ସୁନାମ ଅର୍ଜନ କରିଛନ୍ତି, ଧନୀ ମଧ୍ୟ ହୋଇଛନ୍ତି । ସେମାନଙ୍କ ଆମ ପ୍ରତି ଏବେ କର୍ତ୍ତବ୍ୟ କ'ଣ ?

**ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଦେଶ ଗସ୍ତରେ ଗଲେ ପ୍ରବାସୀ ଭାରତୀୟମାନଙ୍କୁ ଭେଟିଥା'ନ୍ତି । ସେମାନେ ଆଦରରେ ଯେପରି ମୋଦିଜୀଙ୍କୁ ଭଲ ପାଇ ସମ୍ବର୍ଦ୍ଧନା ଜ୍ଞାପନ କରନ୍ତି, ଅନ୍ୟ ରାଜନୀତିକ ଦଳର ନେତାମାନେ ସରକାରରେ ଥିଲାବେଳେ ବା ନଥିଲାବେଳେ ସେପରି କରିଥିବା ପ୍ରାୟ ଦେଖାଯାଏ ନାହିଁ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଏବେ ସେହି ପନ୍ଥାର ଅନୁସରଣ କରି ବିଦେଶରେ ବା ଅନ୍ୟାନ୍ୟ ରାଜ୍ୟରେ ରହିଥିବା ଓଡ଼ିଆ ସଂଗଠନମାନଙ୍କୁ ଭେଟୁଥିବା ଏବେ ଦେଖାଯାଉଛି । ମୋଦିଜୀ ପ୍ରବାସୀ ଭାରତୀୟମାନଙ୍କୁ ଭେଟିବା ବେଳେ କେବଳ ସେ ଭାବର ଆଦାନପ୍ରଦାନ କରନ୍ତି ନାହିଁ, ସେମାନଙ୍କ ସମସ୍ୟାକୁ ନିଜେ ବ୍ୟକ୍ତିଗତ ସ୍ତରରେ ସମାଧାନ କରିବାକୁ ଉଦ୍ୟମ କରିଥା'ନ୍ତି ।**

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଦେଶ ଗସ୍ତରେ ଗଲେ ପ୍ରବାସୀ ଭାରତୀୟମାନଙ୍କୁ ଭେଟିଥା'ନ୍ତି । ସେମାନେ ଆଦରରେ ଯେପରି ମୋଦିଜୀଙ୍କୁ ଭଲ ପାଇ ସମ୍ବର୍ଦ୍ଧନା ଜ୍ଞାପନ କରନ୍ତି, ଅନ୍ୟ ରାଜନୀତିକ ଦଳର ନେତାମାନେ ସରକାରରେ ଥିଲାବେଳେ ବା ନଥିଲାବେଳେ ସେପରି କରିଥିବା ପ୍ରାୟ ଦେଖାଯାଏ ନାହିଁ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଏବେ ସେହି ପନ୍ଥାର ଅନୁସରଣ କରି ବିଦେଶରେ ବା ଅନ୍ୟାନ୍ୟ ରାଜ୍ୟରେ ରହିଥିବା ଓଡ଼ିଆ ସଂଗଠନମାନଙ୍କୁ ଭେଟୁଥିବା ଏବେ ଦେଖାଯାଉଛି । ମୋଦିଜୀ ପ୍ରବାସୀ ଭାରତୀୟମାନଙ୍କୁ ଭେଟିବା ବେଳେ କେବଳ ସେ ଭାବର ଆଦାନପ୍ରଦାନ କରନ୍ତି ନାହିଁ, ସେମାନଙ୍କ ସମସ୍ୟାକୁ ନିଜେ ବ୍ୟକ୍ତିଗତ ସ୍ତରରେ ସମାଧାନ କରିବାକୁ ଉଦ୍ୟମ କରିଥା'ନ୍ତି । ମାତ୍ର ଦୁଃଖର କଥା, ବିଦେଶରେ ବା ପ୍ରବାସରେ ଥିବା ଓଡ଼ିଆ ସଂଗଠନର କର୍ମକର୍ତ୍ତା ବା ଲୋକେ କ୍ୱଚିତ ଓଡ଼ିଶାର ସମସ୍ୟା ସହିତ ଜଡ଼ିତ ହୁଅନ୍ତି କିମ୍ବା ଓଡ଼ିଆମାନଙ୍କ ସମ୍ପର୍କରେ ଆସି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରୁଥିବାର ଦୃଷ୍ଟାନ୍ତ ମିଳେ ନାହିଁ ।

ଏବେ ବି ଗରିବ ଘରର ଓଡ଼ିଆମାନେ ବର୍ଷ ସାରା କାମଧନ୍ଦା ନ ଯାଇ ଦାଦନ ଖଟିବାକୁ ଓଡ଼ିଶା ବାହାରକୁ ଚାଲି ଯାଆନ୍ତି । ସେଠାରେ ଅର୍ଥ ରୋଜଗାର କରନ୍ତି ସତ, ମାତ୍ର ଘୋର ଦୁର୍ଦ୍ଦଶା ମଧ୍ୟରେ ସେମାନେ ଦିନ କାଟିବାକୁ ବାଧ୍ୟ ହୋଇଥା'ନ୍ତି । ଦୁଃଖର କଥା, ଏହାର ସମାଧାନ ସ୍ୱାଧୀନତା ପ୍ରାପ୍ତିର ଅଶୀ ବର୍ଷରେ ଆମେ ପାଦ ଦେଲେ ମଧ୍ୟ ଏଠାରେ ସମ୍ଭବ ହୋଇ ପାରୁନାହିଁ । ଏଥିପାଇଁ କେବଳ ସରକାର ନୁହେଁ, ଆମେମାନେ ମଧ୍ୟ ଦାୟୀ ।

ଏ ଲେଖକ ୨୦୧୩ ମସିହାରେ ବେଙ୍ଗାଲୁରୁ ଓଡ଼ିଆ ସାଂସ୍କୃତିକ ସମାଜର ନିମନ୍ତ୍ରଣ କ୍ରମେ ଉତ୍କଳ ଦିବସରେ ଅତିଥି ହୋଇ ବକ୍ତୃତା ଦେବାକୁ ଯାଇଥିଲା । ସେଠାରେ ଭାରତରେ ଓ ଭାରତ ବାହାରେ ରହିଥିବା ଓଡ଼ିଆମାନେ ନିଜ ନିଜ ମଧ୍ୟରେ ସମ୍ପର୍କ ସ୍ଥାପନ ପାଇଁ ଏକ ସଂଗଠନ ଗଢାଯିବାର ପ୍ରସ୍ତାବ ଦେଇଥିଲା । ଫଳରେ ବେଙ୍ଗାଲୁରୁର କେତେକ ଓଡ଼ିଆ ଏକତ୍ର ସଂଗଠିତ ହୋଇ ତାହାକୁ ସକ୍ରିୟ କରିବାକୁ ଚାହିଁଲେ । ଦୁଇ ଚାରି ମାସ ପରେ ଅସୀମ ଓଡ଼ିଶା (Odisha Without Boarder) ନାମରେ ଏକ ସଂଗଠନ ଗଢ଼ା ହେଲା । ଓଡ଼ିଶା ବାହାରର ଏପରିକି ଭାରତ ବାହାରର ଅନେକ ଓଡ଼ିଆ ଏଥିରେ ସାମିଲ ହୋଇ ସହଯୋଗ ମଧ୍ୟ କଲେ । ଏହି ଅନୁଷ୍ଠାନଟି କିଛି ବର୍ଷ ପାଇଁ କାର୍ଯ୍ୟ କରି ନିଷ୍କ୍ରିୟ ହୋଇଗଲା । ଓଡ଼ିଆ କଙ୍କଡାଙ୍କ ଗୁଣ ଯୋଗୁଁ ଏହା ହେଲା ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ଏବେ ସେହି ଅନୁଷ୍ଠାନ ଯିଏ ଓଡ଼ିଆମାନଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଥମରୁ ଅଣ୍ଟା ଭିଡୁଥିଲା, ଆଉ ଦଶବର୍ଷ ପରେ ଓଡ଼ିଶାର ଜନ୍ମ ଶତବାର୍ଷିକ ପାଳନ ପାଇଁ ସେହି ଅନୁଷ୍ଠାନ ହୁଏତ ପ୍ରସ୍ତୁତି ଆରମ୍ଭ କରିଥାନ୍ତା । ମାତ୍ର ଆମମାନଙ୍କ ଦୁର୍ଭାଗ୍ୟ ଯେ ତାହା ଏବେ ଅସ୍ୱଚ୍ଛ ଅନ୍ଧାର ଭିତରେ ରହି ଯାଇଛି । ତେବେ, ଭବିଷ୍ୟତରେ ଆମେ ଓଡ଼ିଆମାନେ ଏକତ୍ର ରହିବା କିପରି ? ଏ ପ୍ରଶ୍ନ ତେଣୁ ସମସ୍ତ ଓଡ଼ିଆ ଭାଇ ଓ ଭଉଣୀମାନଙ୍କୁ ।

**ଯାହା ପ୍ରେମଦ୍ୱାରା ଅର୍ଜିତ ତାହା ଚିରସ୍ଥାୟୀ । ଯାହା ଘୃଣାଦ୍ୱାରା ପ୍ରାପ୍ତ ତାହା ଜୀବନ ପ୍ରତି ଭୋର ସଦୃଶ, କାରଣ ତାହା ଘୃଣାକୁ ବୃଦ୍ଧି କରାଏ । ଘୃଣାର ହ୍ରାସ ଓ ପ୍ରେମର ବୃଦ୍ଧି ଘଟାଇବା ହିଁ ମାନବର କର୍ତ୍ତବ୍ୟ**

*(ମହାତ୍ମା ଗାନ୍ଧି)*

### ଭ୍ରମ ସଂଶୋଧନ

ତା ୨୨/୦୯/୨୦୨୬ (ମଙ୍ଗଳବାର) 'ସମୟ'ରେ ପ୍ରକାଶିତ ସମ୍ପାଦକୀୟ ପୃଷ୍ଠାରେ 'ସ୍ୱଦେଶୀ କୃତ୍ରିମ ବୁଦ୍ଧିମତ୍ତା ବିପ୍ଳବ କ୍ଷେତ୍ରରେ ଓଡ଼ିଶା' ଶୀର୍ଷକ ଆଲେଖ୍ୟର ଲେଖକଙ୍କ ନାମ ଭୁଲବଶତଃ ଡ. ପ୍ରଦୀପ କୁମାର ରାଉତ ପରିବର୍ତ୍ତେ ଡ. ପ୍ରତୀକ କୁମାର ରାଉତ ବୋଲି ପ୍ରକାଶ ପାଇଛି । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

(ମୁଖ୍ୟ ସମ୍ପାଦକ)

# ଆୟୁର୍ବେଦ ପରମ୍ପରାରୁ ବିକଶିତ ଭାରତ



**ଡ଼. ମୁକେଶ ମହାଲିଙ୍ଗ**

**ହିତାହିତଂ ସୁଖଂ ଦୁଃଖମାୟୁସ୍ତସ୍ୟ ହିତାହିତମ୍ ।**
**ମାନଂ ଚ ତଚ୍ଚ ଯତ୍ରୋକ୍ତମାୟୁର୍ବେଦଃ ସ ଉଚ୍ୟତେ ।।**

ଭାରତୀୟ ପ୍ରାଚୀନ ଜ୍ଞାନ ପରମ୍ପରା, ଋଷି-ମୁନିଙ୍କ ତପସ୍ୟା ଏବଂ ସନାତନ ଜୀବନଦର୍ଶନର ଏକ ଅମୂଲ୍ୟ ଐତିହ୍ୟ ହେଉଛି ଆୟୁର୍ବେଦ । ହଜାର ହଜାର ବର୍ଷ ଧରି ଏହି ଚିକିତ୍ସା ପରମ୍ପରା କେବଳ ରୋଗର ଉପଚାର ନୁହେଁ, ବରଂ ସୁସ୍ଥ ଜୀବନ, ପ୍ରକୃତି ସହ ସମନ୍ୱୟ, ମନ-ଶରୀର-ଆତ୍ମାର ସନ୍ତୁଳନ ଏବଂ ସର୍ବାଙ୍ଗୀଣ କଲ୍ୟାଣର ବାର୍ତ୍ତା ଦେଇଆସିଛି । ବେଦ, ଉପନିଷଦ ଓ ଚରକ-ସୁଶ୍ରୁତଙ୍କ ଜ୍ଞାନଧାରାରୁ ବିକଶିତ ଆୟୁର୍ବେଦ ଭାରତୀୟ ଜ୍ଞାନ ପ୍ରଣାଳୀର ଏକ ଗୌରବମୟ ପରିଚୟ । ଯୁଗେ ଯୁଗେ ଏହା ମାନବ ସମାଜକୁ ସୁସ୍ଥ, ସନ୍ତୁଳିତ ଓ ମୂଲ୍ୟବୋଧସମ୍ପନ୍ନ ଜୀବନର ପଥ ଦେଖାଇଆସିଛି । ଆଜି ସମଗ୍ର ବିଶ୍ୱ ଯେତେବେଳେ ପ୍ରାକୃତିକ ଓ ସମନ୍ୱିତ ସ୍ୱାସ୍ଥ୍ୟସେବା ପ୍ରତି ଆକର୍ଷିତ ହେଉଛି, ସେତେବେଳେ ଆୟୁର୍ବେଦ ଭାରତର ଅନନ୍ୟ ଜ୍ଞାନ ଐତିହ୍ୟ ଭାବେ ବିଶ୍ୱ ମଞ୍ଚରେ ନୂଆ ସମ୍ମାନ ଓ ସ୍ୱୀକୃତି ଲାଭ କରୁଛି । ଆବହମାନ କାଳରୁ ଆଜି ପର୍ଯ୍ୟନ୍ତ ଆୟୁର୍ବେଦ ଚିକିତ୍ସା ପରମ୍ପରା ମାନବ ସମାଜକୁ ସୁସ୍ଥ ଓ ସନ୍ତୁଳିତ ଜୀବନର ନୂଆ ବାର୍ତ୍ତା ଦେଇଆସିଛି । ଆମ ଇତିହାସରେ ବିଭିନ୍ନ ସମୟରେ ବାହ୍ୟ ଶାସନ ଓ ବିଦେଶୀ ପ୍ରଭାବ ଆସିଥିଲେ ମଧ୍ୟ ଭାରତୀୟ ଚିକିତ୍ସା ପରମ୍ପରା ନିଜର ସ୍ୱତନ୍ତ୍ର ପରିଚୟ ବଜାୟ ରଖିଥିଲା । ତେବେ ବ୍ରିଟିଶ ଶାସନ ସମୟରେ ପାଶ୍ଚାତ୍ୟ ବା ଆଧୁନିକ ଚିକିତ୍ସା ପଦ୍ଧତିର ପ୍ରସାର ଦ୍ରୁତଗତିରେ ହୋଇଥିଲା। ଏହି ସମୟରେ ଆୟୁର୍ବେଦ ଭଳି ପାରମ୍ପରିକ ଭାରତୀୟ ଚିକିତ୍ସା ପଦ୍ଧତିକୁ ଆବଶ୍ୟକ ପ୍ରତିଷ୍ଠାନଗତ ପ୍ରୋତ୍ସାହନ ମିଳିନଥିଲା। ଏହାର ପରିଣାମରେ ଆଧୁନିକ ଚିକିତ୍ସା ପଦ୍ଧତିର ପ୍ରଭାବ ବଢ଼ିଥିଲା ଏବଂ ଆୟୁର୍ବେଦର ପ୍ରତିଷ୍ଠାନଗତ ବିକାଶ ତୁଳନାତ୍ମକ ଭାବେ ପଛକୁ ପଡ଼ିଥିଲା । ଦେଶ ସ୍ୱାଧୀନ ହେବା ପରେ ମଧ୍ୟ ଦୀର୍ଘ ସମୟ ଧରି ଆୟୁର୍ବେଦ ସମେତ ପାରମ୍ପରିକ ଭାରତୀୟ ଚିକିତ୍ସା ପଦ୍ଧତିକୁ ଆଶାନୁରୂପ ଗୁରୁତ୍ୱ ଦିଆଯାଇ ନଥିଲା । ଦୀର୍ଘ ସମୟ ଧରି ଶାସନରେ ଥିବା ସରକାର ଏହି କ୍ଷେତ୍ରକୁ ଗୁରୁତ୍ୱ ଦେଇ ନଥିଲେ । ହେଲେ, ନିଜର ବ୍ୟକ୍ତିଗତ ଜୀବନରେ ସ୍ୱଦେଶୀ ଓ ଭାରତୀୟ ଜ୍ଞାନ ପରମ୍ପରାକୁ ଗୁରୁତ୍ୱ ଦେଇଆସୁଥିବା ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆୟୁର୍ବେଦ ଓ ଆୟୁଷ କ୍ଷେତ୍ରକୁ ମିଳିଲା ନୂଆ ଗତି । ଆୟୁଷ କ୍ଷେତ୍ର ପାଇଁ ପୃଥକ ମନ୍ତ୍ରଣାଳୟ ଗଠନ, ଶିକ୍ଷା ଓ ଗବେଷଣାକୁ ପ୍ରୋତ୍ସାହନ, ଏବଂ ଆୟୁର୍ବେଦକୁ ବିଶ୍ୱସ୍ତରରେ ପହଞ୍ଚାଇବାର ପ୍ରୟାସ ଏହି କ୍ଷେତ୍ରକୁ ଏକ ନୂଆ ପରିଚୟ ଦେଇଛି । ଫଳରେ ଆଜି ଆୟୁର୍ବେଦ କେବଳ ଭାରତର ପ୍ରାଚୀନ ଐତିହ୍ୟ ଭାବେ ନୁହେଁ, ବରଂ ଆଧୁନିକ ସମୟରେ ସୁସ୍ଥ ଜୀବନଶୈଳୀ ଓ ସମନ୍ୱିତ ସ୍ୱାସ୍ଥ୍ୟସେବାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଭାବେ ନୂଆ ରୂପ ନେଉଛି । ଆୟୁର୍ବେଦ ଆଜି ପୁଣି ନୂତନ ଗତିରେ ଆଗକୁ ବଢୁଛି ଏବଂ ଭାରତୀୟ ଜ୍ଞାନ ପରମ୍ପରାର ଏକ ନୂତନ ଅଧ୍ୟାୟ ଲେଖୁଛି ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆର୍ଥିକ ବର୍ଷ ୨୦୨୪-୨୫ ଏବଂ ୨୦୨୫-୨୬ରେ ଆୟୁଷ ଭିତ୍ତିଭୂମି ବିକାଶ ପାଇଁ ୪୦୦ କୋଟିରୁ ଅଧିକ ବ୍ୟୟରେ ୫୭୭ଟିରୁ ଅଧିକ ପ୍ରକଳ୍ପ ଅନୁମୋଦନ କରାଯିବା କେବଳ ଏକ ପ୍ରଶାସନିକ ସଫଳତା ନୁହେଁ, ବରଂ ଆୟୁଷ କ୍ଷେତ୍ରକୁ ରାଜ୍ୟର ସ୍ୱାସ୍ଥ୍ୟ ନୀତିର କେନ୍ଦ୍ରବିନ୍ଦୁରେ ଆଣିବାର ଦୃଢ଼ ପ୍ରତିବଦ୍ଧତାର ପ୍ରତୀକ । ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରେ ୮୫.୭୮ କୋଟି ବ୍ୟୟରେ ନୂତନ ସରକାରୀ ଆୟୁର୍ବେଦ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାପନ ଏହି ଯାତ୍ରାର ଏକ ଐତିହାସିକ ଅଧ୍ୟାୟ । ଏହାର ଭିତ୍ତିପ୍ରସ୍ତର ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ସ୍ଥାପନ ହେବା ଏହି ପ୍ରକଳ୍ପର ଗୁରୁତ୍ୱକୁ ଆହୁରି ବଢ଼ାଇଛି । ଏହାସହ ସ୍ଥାୟୀ କଲେଜ ନିର୍ମାଣ ପୂର୍ବରୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଓପିଡି ସେବା ଆରମ୍ଭ କରାଯାଇ ସ୍ଥାନୀୟ ଲୋକଙ୍କୁ ତୁରନ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଛି। ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଆୟୁଷ ଭିତ୍ତିଭୂମି ବିକାଶର ଗତି ସମାନଭାବେ ଜାରି ରହିଛି । ଭୁବନେଶ୍ୱରରେ ୧୦୦ ଶଯ୍ୟା ବିଶିଷ୍ଟ ଆୟୁର୍ବେଦ ହସ୍ପିଟାଲର ଭୂମିପୂଜନ ହୋଇଥିବା ବେଳେ ପ୍ରାକୃତିକ ଚିକିତ୍ସାକୁ ପ୍ରାଧାନ୍ୟ ଦେଇ ଜଟଣୀଠାରେ ୧୦୦ ଶଯ୍ୟା ବିଶିଷ୍ଟ ନୂତନ ନେଚୁରୋପାଥି ହସ୍ପିଟାଲର ଭୂମିପୂଜନ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କରକମଳରେ କରାଯାଇଛି । ରାୟଗଡ଼ା, ଗଜପତି ଓ ମାଲକାନଗିରିରେ ତିନୋଟି ନୂତନ ସରକାରୀ ଆୟୁର୍ବେଦ ମେଡିକାଲ କଲେଜ ଏବଂ ନୂଆପଡ଼ା ଓ ନୟାଗଡ଼ରେ ଦୁଇଟି ସରକାରୀ ହୋମିଓପାଥିକ ମେଡିକାଲ କଲେଜ ସ୍ଥାପନ ପାଇଁ ୨୦୦ କୋଟିର ବଜେଟ ବ୍ୟବସ୍ଥା କରାଯାଇଛି । ଏହା ଫଳରେ ଆୟୁଷ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ରାଜ୍ୟର ଅଧିକ ଜିଲ୍ଲାକୁ ବିସ୍ତାର ଲାଭ କରିବ । ବ୍ରହ୍ମପୁର ଓ ରାଉରକେଲା ସ୍ଥିତ ଉତ୍କଳମଣି ହୋମିଓପାଥିକ ମେଡିକାଲ କଲେଜର ବିସ୍ତାର, ଅଙ୍କୁଶପୁରସ୍ଥିତ କବୀରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦ ମେଡିକାଲ କଲେଜରେ ଆଇପିଡି ଭବନ, ଆଧୁନିକ ପରୀକ୍ଷାଗାର, ଶ୍ରେଣୀଗୃହ, ଅଡିଟୋରିୟମ ଏବଂ ନିଦାନ ଭବନ ନିର୍ମାଣ ଆୟୁଷ ଶିକ୍ଷା ଓ ଚିକିତ୍ସା ସେବାର ମାନକୁ ଆହୁରି ଉନ୍ନତ କରିବ । ବଲାଙ୍ଗିର, ପୁରୀ ଓ ଅନ୍ୟାନ୍ୟ ଜିଲ୍ଲାରେ ଚାଲିଥିବା ଭବନ ନିର୍ମାଣ ଓ ମରାମତି କାର୍ଯ୍ୟ ଗ୍ରାମାଞ୍ଚଳରେ ମଧ୍ୟ ଉନ୍ନତ ଆୟୁଷ ସେବା ପହଞ୍ଚାଇବାରେ ସହାୟକ ହେବ । କେବଳ ଭବନ ନିର୍ମାଣ ନୁହେଁ, ଚିକିତ୍ସା ସେବାର ଗୁଣବତ୍ତା ବୃଦ୍ଧିକୁ ମଧ୍ୟ ସମାନ ଗୁରୁତ୍ୱ ଦିଆଯାଇଛି। ନିର୍ମଳ ଯୋଜନା ଅଧୀନରେ ସମସ୍ତ ସରକାରୀ ଆୟୁଷ ମେଡିକାଲ କଲେଜ, ହସ୍ପିଟାଲ ଓ ୧୧୯୧ଟି ଆୟୁଷ ଔଷଧାଳୟରେ ହାଉସକିପିଂ, ପରିଷ୍କାର-ପରିଚ୍ଛନ୍ନତା, ସୁରକ୍ଷା ଓ ଲିନେନ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି । ଏହା ସ୍ୱାସ୍ଥ୍ୟ ସେବାର ମାନ ବୃଦ୍ଧି ସହିତ ରୋଗୀଙ୍କ ଆସ୍ଥାକୁ ମଧ୍ୟ ସୁଦୃଢ଼ କରିଛି । ନିଦାନ ଯୋଜନା ମାଧ୍ୟମରେ ସମସ୍ତ ସରକାରୀ ଆୟୁର୍ବେଦ ଓ ହୋମିଓପାଥିକ ହସ୍ପିଟାଲରେ ୧୬ ପ୍ରକାରର ମାଗଣା ପାଥୋଲୋଜି ପରୀକ୍ଷା ଆରମ୍ଭ ହେବା ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହା ଫଳରେ ରୋଗୀମାନେ ନିଜ ଅଞ୍ଚଳରେ ନିଶୁଳ୍କ ରୋଗ ନିର୍ଣ୍ଣୟ ସୁବିଧା ପାଇପାରୁଛନ୍ତି ।

ରାଜ୍ୟରେ ଆୟୁର୍ବେଦ ଓ ହୋମିଓପାଥି ପରି ଔଷଧର ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ୨୧.୪୭ କୋଟି ବ୍ୟୟ କରାଯାଉଛି, ଯାହାକି ଅତ୍ୟାବଶ୍ୟକ ଆୟୁଷ ଔଷଧ ଯୋଗାଣକୁ ନିରବଚ୍ଛିନ୍ନ କରିବାରେ ସହାୟକ ହେବ। ରାଜ୍ୟର ସମସ୍ତ ଜିଲ୍ଲାରେ ପଞ୍ଚକର୍ମ ସୁବିଧା ଉପଲବ୍ଧ କରାଇବା ପାଇଁ ଆମ ସରକାର ଘୋଷଣା କରିଥିବା ବେଳେ କିଛି ଜିଲ୍ଲାରେ ଏହାର କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି । ଡିଜିଟାଲ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମଧ୍ୟ ଓଡ଼ିଶାର ଆୟୁଷ ବ୍ୟବସ୍ଥା ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଇ-ସଞ୍ଜୀବନୀ ଟେଲିମେଡିସିନ ସେବା ମାଧ୍ୟମରେ ୫୦ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ବିଶେଷଜ୍ଞ ପରାମର୍ଶ ପହଞ୍ଚାଯାଇଛି ।

ଏହା ଦୁର୍ଗମ ଅଞ୍ଚଳର ଲୋକଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି । ସେହିପରି ବୟୋମିତ୍ର କାର୍ଯ୍ୟକ୍ରମ, ଅସ୍ଥିସନ୍ଧି ବାତ ପରିଚାଳନା ଓ ବିଭିନ୍ନ ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ବୟସ୍କ ଏବଂ ଦୀର୍ଘକାଳୀନ ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ଦିଆଯାଉଛି । ଆୟୁଷ କ୍ଷେତ୍ରର ସ୍ଥାୟୀ ବିକାଶ ପାଇଁ ଶିକ୍ଷା ଓ ମାନବ ସମ୍ବଳ ଉପରେ ମଧ୍ୟ ସମାନ ଗୁରୁତ୍ୱ ଦିଆଯାଇଛି । ଆୟୁର୍ବେଦ ଓ ହୋମିଓପାଥିକ ମେଡ଼ିକାଲ କଲେଜରେ ସ୍ନାତକ ଏବଂ ସ୍ନାତକୋତ୍ତର ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡରେ ଐତିହାସିକ ବୃଦ୍ଧି ଯୁବ ଚିକିତ୍ସକମାନଙ୍କୁ ଉତ୍ସାହିତ କରିଛି । ସେହିପରି ଚୁକ୍ତିଭିତ୍ତିକ ଅଧ୍ୟାପିକ, ରିଡର ଓ ପ୍ରଫେସର ମାନଙ୍କର ମାସିକ ପାରିଶ୍ରମିକ ବୃଦ୍ଧି କରିବା ଏକ ସକାରାତ୍ମକ ପଦକ୍ଷେପ । ଆୟୁର୍ବେଦ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବା ପାଇଁ ଅଖିଳ ଭାରତୀୟ ଆୟୁର୍ବେଦ ସଂସ୍ଥାନ ସହିତ ସ୍ୱାସ୍ଥ୍ୟ ବିଭାଗର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ କାର୍ଯ୍ୟରତ ଚାରି ହଜାରରୁ ଊର୍ଦ୍ଧ୍ୱ ଆୟୁଷ ଡାକ୍ତରମାନଙ୍କର ମାସିକ ଦରମାକୁ ବୃଦ୍ଧି କରାଯାଇଛି । ଆୟୁଷ ମେଡିକାଲ ଅଫିସର ଓ ସହାୟକମାନଙ୍କ ପାଇଁ ଦକ୍ଷତା ବିକାଶ ପ୍ରଶିକ୍ଷଣ ମଧ୍ୟ ସେବାର ଗୁଣବତ୍ତା ବୃଦ୍ଧିରେ ସହାୟକ ହୋଇଛି । ଜନସଚେତନତା କ୍ଷେତ୍ରରେ ମଧ୍ୟ ଆୟୁଷ ନିର୍ଦ୍ଦେଶାଳୟର ଭୂମିକା ପ୍ରଶଂସନୀୟ । ଯୋଗକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଯୋଗର ମାସିକ ସେସନ ସଂଖ୍ୟା ୮ରୁ ବୃଦ୍ଧି କରାଯାଇ ୨୦ କରାଯାଇଛି । ଆନ୍ତର୍ଜାତୀୟ ଯୋଗ ଦିବସ, ଆୟୁର୍ବେଦ ଦିବସ, ବିଶ୍ୱ ହୋମିଓପାଥି ଦିବସ, ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ସହିତ ସ୍ୱାସ୍ଥ୍ୟ ଶିବିର, ଯୋଗ ପ୍ରଦର୍ଶନୀ, ଅଡିଓ-ଭିଜୁଆଲ ପ୍ରଚାରଚିତ୍ର ଓ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଆୟୁଷକୁ ଘରେ ଘରେ ପହଞ୍ଚାଇବାର ଉଦ୍ୟମ କରାଯାଇଛି । ଆଜି ସ୍ୱାସ୍ଥ୍ୟ ସେବା କେବଳ ଚିକିତ୍ସାରେ ସୀମିତ ନୁହେଁ ବରଂ ପ୍ରତିରୋଧ, ସଚେତନତା, ପୌଷ୍ଟିକତା ଓ ସୁସ୍ଥ ଜୀବନଶୈଳୀ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଆୟୁଷ ବ୍ୟବସ୍ଥା ଏହି ସମନ୍ୱିତ ଦର୍ଶନକୁ ବାସ୍ତବ ରୂପ ଦେଉଛି । ରାଜ୍ୟରେ ୪୨୨ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ସୁଦୃଢ଼ କରାଯିବା ଏବଂ ସମସ୍ତ ସ୍ତରରେ ଆୟୁଷ ସେବାର ବିସ୍ତାର ଏହାର ପ୍ରମାଣ। ଓଡ଼ିଶାର ଆୟୁଷ କ୍ଷେତ୍ରର ଏହି ଅଗ୍ରଗତି କେବଳ ଏକ ବିଭାଗୀୟ ସଫଳତା ନୁହେଁ ଏହା ଏକ ସୁସ୍ଥ ଓ ସମୃଦ୍ଧ ଓଡ଼ିଶା ଗଠନର ଏକ ଦୃଢ଼ ଭିତ୍ତିଭୂମି । ପାରମ୍ପରିକ ଜ୍ଞାନ ଓ ଆଧୁନିକ ପରିଚାଳନାର ସଫଳ ସମନ୍ୱୟ ମାଧ୍ୟମରେ ରାଜ୍ୟ ଆଜି ଏକ ନୂତନ ଆୟୁଷ ବିପ୍ଳବର ସାକ୍ଷୀ ପାଲଟିଛି । ଏହି ବିକାଶର ଧାରା ନିରନ୍ତର ରହିଲେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆଗାମୀ ଦିନରେ ଓଡ଼ିଶା ଦେଶର ଆୟୁଷ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ନୂଆ ପରିଚୟ ସୃଷ୍ଟି କରିପାରିବ । ଏହି ପ୍ରୟାସ 'ବିକଶିତ ଓଡ଼ିଶା ୨୦୩୬' ଏବଂ 'ବିକଶିତ ଭାରତ ୨୦୪୭'ର ସଂକଳ୍ପକୁ ଆହୁରି ସୁଦୃଢ଼ କରିବ ।

**ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା, ଓଡ଼ିଶା ସରକାର**

# ଏକ ନୀରବ ସାଧକଙ୍କ ଦେହାବସାନ



**କୃପାନିଧି ବିଶ୍ୱାଳ**

ସତସଙ୍ଗ ଜଗତର ଜଣେ ନିଷ୍ଠାବାନ ସାଧକ, ସୁବକ୍ତା, ଲେଖକ ତଥା ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାବଧାରାଶ୍ରିତ ଜଣେ ଅନନ୍ୟ ପ୍ରତିଋତ୍ୱିକ୍ ଯତୀନ୍ଦ୍ରନାଥ ମହାନ୍ତିଙ୍କର ୨୦୨୬ ସେପ୍ଟେମ୍ବର ୧୧ ତାରିଖ ପ୍ରତ୍ୟୁଷରେ ଦିଲ୍ଲୀ ସତସଙ୍ଗ ବିହାର ପରିସରରେ ଦେହାବସାନ ହୋଇଛି । ତାଙ୍କ ବିୟୋଗରେ ସତସଙ୍ଗୀ ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି ।

ଯତୀନ୍ଦ୍ରନାଥ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ବହୁବାର ଦର୍ଶନ ଲାଭ କରିଥିଲେ । ଶ୍ରୀଶ୍ରୀଠାକୁରଙ୍କ ଜୀବନଦର୍ଶନ ଓ ଭାବଧାରା ପ୍ରତି ତାଙ୍କର ଥିଲା ଅଗାଧ ଶ୍ରଦ୍ଧା ଓ ଅଟଳ ନିଷ୍ଠା ।

ଶ୍ରୀଶ୍ରୀ ଆଚାର୍ଯ୍ୟଦେବଙ୍କ ପ୍ରତି ମଧ୍ୟ ତାଙ୍କର ଥିଲା ଅଚଳ ବିଶ୍ୱାସ ଓ ନିଷ୍ଠା । ତାଙ୍କ ଜୀବନରେ ଇଷ୍ଟନିଷ୍ଠା କେବଳ ଏକ ଆଦର୍ଶ ନଥିଲା, ତାହା ଥିଲା ଜୀବନଚର୍ଯ୍ୟାର ଏକ ଅବିଚ୍ଛିନ୍ନ ଅଂଶ ।

ଦିଲ୍ଲୀ ସତସଙ୍ଗ ବିହାର ଥିଲା ତାଙ୍କର ଦୀର୍ଘଦିନର ସାଧନା ଓ ସେବାର ଏକ ପ୍ରମୁଖ କ୍ଷେତ୍ର । ଦେଶର ବିଭିନ୍ନ ସ୍ଥାନରେ ସତସଙ୍ଗ, ଋତ୍ୱିକ୍ ଅଧିବେଶନ, ବିଶ୍ୱବିଦ୍ୟାଳୟ ଓ ସେମିନାରରେ ଯୋଗଦେଇ ସେ ଶ୍ରୀଶ୍ରୀ ଠାକୁରଙ୍କ ଜୀବନଦର୍ଶନକୁ ସରଳ, ସୁସ୍ପଷ୍ଟ ଓ ପ୍ରଭାବଶାଳୀ ଭାବେ ଉପସ୍ଥାପନ କରୁଥିଲେ । ଓଡ଼ିଆ, ହିନ୍ଦୀ, ବଙ୍ଗଳା ଓ ଇଂରାଜୀ-ଏହି ଚାରିଟି ଭାଷାରେ ତାଙ୍କର ସାବଲୀଳ ବକ୍ତୃତା ଶ୍ରୋତାମାନଙ୍କୁ ଆକୃଷ୍ଟ କରୁଥିଲା ।

ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ପୁରୀ, ହାଇଦ୍ରାବାଦ, ଗୌହାଟୀ ସମେତ ଦେଶର ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ ବହୁ ବର୍ଷ ଧରି ତାଙ୍କର ସତସଙ୍ଗ ଆଲୋଚନା ଶୁଣିବାର ସୁଯୋଗ ମିଳିଛି । ବିଶେଷକରି ଯୁବକ-ଯୁବତୀମାନଙ୍କ ମଧ୍ୟରେ ତାଙ୍କର ପ୍ରବଚନ ଆତ୍ମଜିଜ୍ଞାସାର ପରିବେଶ ସୃଷ୍ଟି କରୁଥିଲା । ଦେଶର ବିଭିନ୍ନ ସମ୍ମାନିତ ବ୍ୟକ୍ତିମାନଙ୍କ ଗହଣରେ ସେ ଅନେକ ସଭାରେ ଯୋଗ ଦେଇଥିଲେ । ତାଙ୍କର ବିସ୍ତୃତ ସତସଙ୍ଗ ସେବା ଓ ସମ୍ପର୍କର ପରିସର ଏତେ ବ୍ୟାପକ ଯେ, ସେ ସବୁକୁ ଏହି ସୀମିତ ଲେଖାରେ ସ୍ଥାନ ଦେବା ସମ୍ଭବ ନୁହେଁ ।

ତାଙ୍କର ଲେଖନୀ ମଧ୍ୟ ସତସଙ୍ଗ ସାହିତ୍ୟରେ ଏକ ସ୍ମରଣୀୟ ଅବଦାନ । ୧୯୯୨ ମସିହାରେ ପୁରୀରୁ ପ୍ରକାଶିତ 'ଆର୍ବିଭାବ' ପତ୍ରିକାର ମୁଖ୍ୟ ସମ୍ପାଦକ ଭାବେ ସେ ଦାୟିତ୍ୱ ନିର୍ବାହ କରିଥିଲେ । ସତସଙ୍ଗ ଅନୁଷ୍ଠାନର ଉପସଭାପତି ଏବଂ ଦିଲ୍ଲୀ ସତସଙ୍ଗ ବିହାରର ସମ୍ପାଦକ ଭାବେ ମଧ୍ୟ ସେ ଦାୟିତ୍ୱ ତୁଲାଇ ଥିଲେ । ବିଭିନ୍ନ ସମୟରେ ବିଭିନ୍ନ ପତ୍ରପତ୍ରିକାରେ ଓଡ଼ିଆ, ହିନ୍ଦୀ, ବଙ୍ଗଳା ଓ ଇଂରାଜୀ ଭାଷାରେ ତାଙ୍କର ଲେଖା ପ୍ରକାଶ ପାଇ ଆସୁଥିଲା । ଶ୍ରୀଶ୍ରୀଠାକୁରଙ୍କ ଅନେକ ବାଣୀକୁ ବଙ୍ଗଳାରୁ ଓଡ଼ିଆ ଭାଷାକୁ ଅନୁବାଦ କରି ସେ ଓଡ଼ିଆ ପାଠକମାନଙ୍କ ନିକଟରେ ପହଞ୍ଚାଇ ଥିଲେ ।

ତାଙ୍କ ସହ ମୋର ପରିଚୟ ଓ ସମ୍ପର୍କ ପ୍ରାୟ ଅର୍ଦ୍ଧଶତାବ୍ଦୀର । ଏହି ଦୀର୍ଘ ସାନ୍ନିଧ୍ୟ ମୋ ଜୀବନର ଏକ ମୂଲ୍ୟବାନ ଅନୁଭୂତି । ତାଙ୍କଠାରୁ ମୁଁ ଶିଖିବାର ସୁଯୋଗ ପାଇଛି-ସମୟର ମୂଲ୍ୟ, ଶୃଙ୍ଖଳା, କ୍ଲେଶକୁ ସହିତ ସୁଖଠାରୁ ଦୂରରେ ରହିବା, ତ୍ୟାଗ କରିବା ଏବଂ ଅନ୍ୟକୁ ଭଲ ପାଇବା ବିଷୟ ସେ ମୋତେ ଶିଖାଇଛନ୍ତି ।

ତାଙ୍କର ଜୀବନ ମୋ ପାଇଁ ନିରବ ଶିକ୍ଷାର ଏକ ଦୀର୍ଘ ପାଠଶାଳା ଥିଲା । ପରିତାପର ବିଷୟ, ମହାପ୍ରୟାଣର ମାତ୍ର ଏକ ଦିନ ପୂର୍ବରୁ, ୧୦.୦୯.୨୦୨୬ରେ ଦିଲ୍ଲୀର ଗୁରୁଭାଇ ଶ୍ରୀ ଆଦିତ୍ୟ ପ୍ରସାଦ ନାୟକଙ୍କ ମାଧ୍ୟମରେ ମୁଁ ଜାଣିଥିଲି ଯେ, ଯତୀନ୍ଦ୍ରନାଥ ମହାନ୍ତି ମୋ ସହ ମୋବାଇଲରେ କଥା ହେବାକୁ ଚାହୁଁଥିଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ସେହି ଫୋନ୍ କଲଟି ମୁଁ ଉଠାଇ ପାରିଲି ନାହିଁ । ତାହା ହିଁ ଗଭୀର ଭାବରେ ମୋତେ ଆଘାତ ଦେଇଛି ।



ସେ ଥିଲେ ଏକ ନୀରବ ସାଧକ । ନିଜ ପାଇଁ ଅଧିକ କିଛି ଚାହିଁବା ଅପେକ୍ଷା ନିଜକୁ ଏକ ମହତ୍ ଆଦର୍ଶ ଓ ସେବାରେ ନିୟୋଜିତ କରିବା ଥିଲା ତାଙ୍କ ଜୀବନର ମୂଳ ସ୍ୱର । ତାଙ୍କର ସରଳତା, ତ୍ୟାଗ, ଶୃଙ୍ଖଳା ଓ ଇଷ୍ଟନିଷ୍ଠା, ଯେଉଁମାନେ ତାଙ୍କ ସମ୍ପର୍କରେ ଆସିଛନ୍ତି, ସେମାନଙ୍କ ମନରେ ଏକ ଗଭୀର ଛାପ ଛାଡ଼ିଯାଇଛି ।

ତାଙ୍କର ବିୟୋଗ ଏକ ଅପୂରଣୀୟ କ୍ଷତି । କିନ୍ତୁ ଜଣେ ସାଧକଙ୍କ ଜୀବନର ପରିମାପ କେବଳ ତାଙ୍କର ଦେହାବସାନରେ ଶେଷ ହୁଏ ନାହିଁ । ତାଙ୍କର ଆଦର୍ଶ, ସେବା, ଲେଖନୀ, ବକ୍ତୃତା ଓ ଇଷ୍ଟନିଷ୍ଠା ତାଙ୍କୁ ଦୀର୍ଘଦିନ ଧରି ସ୍ମରଣୀୟ କରି ରଖିବ । ସେ ଛାଡ଼ିଯାଇଥିବା ସ୍ମୃତି ଆମ ପାଇଁ ଏକ ନୀରବ ପ୍ରେରଣା ହୋଇ ରହିବ ।

ଶ୍ରୀଶ୍ରୀ ଆଚାର୍ଯ୍ୟଦେବଙ୍କ ଆଶୀର୍ବାଦରେ ଓଡ଼ିଶାର ଗୁରୁଭାଇମାନଙ୍କ ସ୍ମୃତି ଓ ଅନୁଭୂତିକୁ ନେଇ 'ଯତୀନ୍ଦ୍ର ସ୍ମୃତି ମାଳିକା' ନାମରେ ଏକ ସ୍ମରଣିକା ପ୍ରକାଶ ପାଇବା ପାଇଁ ପ୍ରସ୍ତୁତି ଚାଲିଛି । ଏହି ସ୍ମରଣିକାରେ ତାଙ୍କ ସହ ଜଡ଼ିତ ଅନେକ ସ୍ମୃତି, ଅନୁଭୂତି ଓ ସେବାମୟ ଜୀବନର ବିଭିନ୍ନ ଦିଗ ସ୍ଥାନ ପାଇବ । ତାଙ୍କର ଜୀବନ ଓ ସାଧନାକୁ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବାରେ ଏହା ଏକ ନମ୍ର ପ୍ରୟାସ ହୋଇ ରହିବ ।

ପରମ ପିତାଙ୍କ ନିକଟରେ ଆମର ଆନ୍ତରିକ ପ୍ରାର୍ଥନା-ତାଙ୍କ ପବିତ୍ର ଆତ୍ମା ସଦ୍‌ଗତି ଲାଭ କରୁ । ଶୋକସନ୍ତପ୍ତ ପରିବାରବର୍ଗ ଓ ସମସ୍ତ ସତସଙ୍ଗୀଙ୍କୁ ଏହି ଦୁଃଖଦ ବିୟୋଗକୁ ସହିବା ପାଇଁ ପରମ ପିତା ଶକ୍ତି ଓ ଧୈର୍ଯ୍ୟ ପ୍ରଦାନ କରନ୍ତୁ ।

ବନ୍ଦେ ପୁରୁଷୋତ୍ତମ ।

**ସହ-ପ୍ରତି ଋତ୍ୱିକ୍, ସତସଙ୍ଗ**
**ଭୁବନେଶ୍ୱର**

**ତାଙ୍କର ଜୀବନ ମୋ ପାଇଁ ନିରବ ଶିକ୍ଷାର ଏକ ଦୀର୍ଘ ପାଠଶାଳା ଥିଲା । ପରିତାପର ବିଷୟ, ମହାପ୍ରୟାଣର ମାତ୍ର ଏକ ଦିନ ପୂର୍ବରୁ, ୧୦.୦୯.୨୦୨୬ରେ ଦିଲ୍ଲୀର ଗୁରୁଭାଇ ଶ୍ରୀ ଆଦିତ୍ୟ ପ୍ରସାଦ ନାୟକଙ୍କ ମାଧ୍ୟମରେ ମୁଁ ଜାଣିଥିଲି ଯେ, ଯତୀନ୍ଦ୍ରନାଥ ମହାନ୍ତି ମୋ ସହ ମୋବାଇଲରେ କଥା ହେବାକୁ ଚାହୁଁଥିଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ସେହି ଫୋନ୍ କଲଟି ମୁଁ ଉଠାଇ ପାରିଲି ନାହିଁ । ତାହା ହିଁ ମୋତେ ଗଭୀର ଭାବରେ ଆଘାତ ଦେଇଛି ।**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଗଭୀର...

ଛୁଟି ଘୋଷଣା କରାଯାଇଛି । କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ଗଞ୍ଜାମ, ଗଜପତି ଜିଲ୍ଲାରେ ସ୍କୁଲ ଛୁଟି କରାଯାଇଛି ।

ଏହାର ପ୍ରଭାବରେ ୨୫ ତାରିଖ ଯାଏ ପ୍ରବଳ ବର୍ଷାର ସତର୍କ ସୂଚନା ଜାରି କରାଯାଇଛି । ଆସନ୍ତାକାଲି ସକାଳ ସୁଦ୍ଧା ରାୟଗଡା, କୋରାପୁଟ, ଗଞ୍ଜାମ, ଗଜପତି ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଦିଆଯାଇଛି । ଏହି ସମୟରେ ପବନର ବେଗ ୫୦ ରୁ ୬୦ କିମି ହେବ । ସେହିଭଳି ନୂଆପଡା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ମାଲକାନଗିରି, ପୁରୀ, ଖୋର୍ଦ୍ଧା, ନୟାଗଡ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିବାବେଳେ ୧୫ ଜିଲ୍ଲା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୪ ତାରିଖ ସକାଳ ଯାଏ କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଥିବାବେଳେ ନୂଆପଡା, ବଲାଙ୍ଗିର, କନ୍ଧମାଳ, ରାୟଗଡା, ଜଗପତି, ଗଞ୍ଜାମ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ୧୬ ଜିଲ୍ଲା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୫ ତାରିଖ ଲାଗି ନବରଙ୍ଗପୁରକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଥିବାବେଳେ ବରଗଡ, ନୂଆପଡା, ବଲାଙ୍ଗିର, କଳାହାଣ୍ଡି, ମାଲକାନଗିରି, କୋରାପୁଟକୁ ଅରେଞ୍ଜ ୱାର୍ଣ୍ଣିଂ । ବାଲେଶ୍ୱର, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବୌଦ୍ଧ, ରାୟଗଡାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିଭଳି ୨୬ ତାରିଖ ସକାଳ ଯାଏ ନୂଆପଡାକୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି । ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ମଧ୍ୟ ସତର୍କତା ନିଆଯାଇଛି । ୨୩ ଓ ୨୪ ଲାଗି ଭୂସ୍ଖଳନ ଆଶଙ୍କାରେ କଳିଙ୍ଗା ଘାଟି ବନ୍ଦ କରିଦିଆଯାଇଛି ।

## ମହିଳା...

ମଧ୍ୟ ଭାରତୀୟ ମହିଳା ଦଳ ସ୍ୱର୍ଣ୍ଣ ଜିତିଥିଲା । ୨୦୨୬ ଜାପାନ ସଂସ୍କରଣରେ ଭାରତ ପୂର୍ବ ସଫଳତାକୁ ଦୋହରାଇଛି ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା ଭାରତ । ସ୍ମୃତି ମନ୍ଧାନାଙ୍କ ସହ ଶେଫାଳୀ ବର୍ମା ଭାରତକୁ ଉଚ୍ଚ କୋଟିର ଆରମ୍ଭ ଦେଇଥିଲେ । ପ୍ରଥମ ୱିକେଟ ପାଇଁ ଉଭୟଙ୍କ ମଧ୍ୟରେ ୧୦ ଓଭରରେ ୯୯ ରନର ପାର୍ଟନରସିପ ହୋଇଥିଲା । ମନ୍ଧାନା ମଧ୍ୟ ନିଜର ଅର୍ଦ୍ଧଶତକ ହାସଲ କରିନେଇଥିଲେ । ମନ୍ଧାନା ୪୫ ବଲରୁ ୫ ଚୌକା ଓ ୭ ଛକା ସହାୟତାରେ ୭୯ ରନ କରିଥିବା ବେଳେ ଶେଫାଳୀ ୨୯ ବଲରୁ ୩ ଟି ଲେଖାଏଁ ଚୌକା ଓ ଛକା ମାରି ୪୮ ରନ କରିଥିଲେ । ଏହା ପରେ ଅଧିନାୟିକା ହରମନପ୍ରୀତ କୌର ୧୯ ରନ କରି ପାଭିଲିୟନ ଫେରିଥିବା ବେଳେ ରୀଚା ଘୋଷ ୨୨ ବଲରୁ ୪୯ ରନ କରି ଦଳୀୟ ସ୍କୋରକୁ ୨୦୦ ଅତିକ୍ରମ କରାଇଥିଲେ । ଭାରତୀ ଫୁଲମାଳି ୭ ରନ କରିଥିଲେ । ରୀଚା ଓ ଶେଫାଳୀ ନିଜ ନିଜର ଅର୍ଦ୍ଧଶତକ ଠାରୁ ମାତ୍ର ଅଳ୍ପ ଦୂରରେ ରହିଯାଇଥିଲେ । ତେଣୁ ଭାରତ ୨୦ ଓଭରରେ ୩ ୱିକେଟ ହରାଇ ୨୧୬ ରନ କରିଥିଲା । ଶ୍ରୀଲଙ୍କାର ସୁଗନ୍ଧିକା କୁମାରୀ, କବିସା ଦିଲହାରୀ ଓ ଚାମୁଣ୍ଡି ପ୍ରବୋଡା ପ୍ରତ୍ୟେକ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।

୨୧୭ ରନର ବଡ ସ୍କୋରକୁ ପିଛା କରିଥିବା ଶ୍ରୀଲଙ୍କା ଆରମ୍ଭରୁ ହିଁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଅଧିନାୟିକା ଚାମିରା ଆଟାପଟ୍ଟୁ ୨୧ ବଲରୁ ୨୯ ରନ କରିଥିଲେ । ତାଙ୍କୁ ଶେଫାଳୀ ବର୍ମା ଆଉଟ୍ କରିବା ପରେ ଶ୍ରୀଲଙ୍କାର ବ୍ୟାଟିଂ ବିପର୍ଯ୍ୟୟ ଆରମ୍ଭ ହୋଇଥିଲା । ଶେଫାଳୀଙ୍କ ସହ ଦିପ୍ତୀ ଶର୍ମା ଓ ଶ୍ରୀଚରଣୀ ଶ୍ରୀଲଙ୍କାର ବ୍ୟାଟରଙ୍କୁ ପର୍ଯ୍ୟାୟକ୍ରମେ ପାଭିଲିୟନ ଫେରାଇଥିଲେ । ୧୨ ଓଭରର ସୁଦ୍ଧା ଶ୍ରୀଲଙ୍କା ୭ ୱିକେଟ ହରାଇ ୫୫ ରନ କରିଥିଲା । ଏହା ପରେ ଶ୍ରୀଚରଣୀ ୨ ରନ କରିଥିବା କାବିନ୍ଦୀଙ୍କୁ ଆଉଟ୍ କରିଥିଲେ । ପରବର୍ତ୍ତୀ ଓଭରରେ ଦିପ୍ତୀ ଶର୍ମା ଶ୍ରୀଲଙ୍କାର ସୁଗନ୍ଧିକା କୁମାରୀଙ୍କୁ ଆଉଟ୍ କରିବାରୁ ୬୪ ରନ ମଧ୍ୟରେ ୯ ୱିକେଟ ଝଡିଥିଲା । ଶେଷ ୱିକେଟ ଭାବେ ନିଥାଲି ଅୟୋଧ୍ୟା କାମାଲିନୀଙ୍କ ଦ୍ୱାରା ରନ ଆଉଟ୍ ହୋଇଥିଲେ । ଫଳରେ ଶ୍ରୀଲଙ୍କା ଇନିଂସର ପୂର୍ଣ୍ଣଚ୍ଛେଦ ପଡିଥିଲା । ଶ୍ରୀଲଙ୍କା ଦଳ ୧୫.୪ ଓଭରରେ ୬୯ ରନ କରି ଅଲ ଆଉଟ ହେବାରୁ ଭାରତ ୧୪୭ ରନର ବଡ ବ୍ୟବଧାନରେ ବିଜୟ ଲାଭ କରି ଚଳିତ ଏସିଆଡରେ ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣିମ ସଫଳତା ଆଣିଦେଇଛି । ଭାରତ ପକ୍ଷରୁ ଦିପ୍ତୀ ଶର୍ମା ସର୍ବାଧିକ ୩ ଟି, ଶେଫାଳୀ ବର୍ମା ଓ ଶ୍ରୀୟଙ୍କା ପାଟିଲ ଓ ଶ୍ରୀଚରଣୀ ପ୍ରତ୍ୟେକ ଦୁଇଟି କରି ୱିକେଟ୍ ସଫଳତା ହାସଲ କରିଥିଲେ ।

ଭାରତୀୟ ମହିଳା ଦଳ ଟି -୨୦ରେ ଲଗାତାର ୮ ଟି ମ୍ୟାଚ ଜିତିଛି । ୨୦୧୮ ରେ ଭାରତ ୭ ଟି ଜିତିଥିଲା । ଏହି ପୁରୁଣା ବିଜୟ ରେକର୍ଡକୁ ଚଳିତ ଏସିଆଡରେ ପଛରେ ପକାଇଛନ୍ତି ହରମନପ୍ରୀତ କୌର । ଏହା ସହ ଏସିଆନ ଗେମ୍ସରେ ଭାରତର ପଦକ ସଂଖ୍ୟା ୭ରେ ପହଞ୍ଚିଛି । ସୁଟିଂରୁ ୫ଟି, ମିକ୍ସଡ ମାର୍ସାଲ ଆର୍ଟସରୁ ଗୋଟିଏ ପଦକ ତଥା ଏବେ ମହିଳା କ୍ରିକେଟରୁ ଭାରତ ସ୍ୱର୍ଣ୍ଣ ପଦକ ଜିତିଛି ।

## ମୌସୁମୀ...

କରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡା ଦିବଂଗତଙ୍କ ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

ଶୋକ ପ୍ରସ୍ତାବ ଶେଷ ହେବା କ୍ଷଣି ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଗୃହ ମଧ୍ୟ ଭାଗକୁ ଚାଲି ଆସିଲେ । ହାତରେ ଥିଲା ପ୍ଲା କାର୍ଡ , ପୋଷ୍ଟର । ପାଠ୍ୟ ପୁସ୍ତକରେ ତ୍ରୁଟି ପ୍ରସଙ୍ଗରେ ବିଜେଡି ନାରା ବାଜି କରିଥିବା ବେଳେ କଂଗ୍ରେସ ସଦସ୍ୟମାନେ ଏମଏମଡିଆର ସଂଶୋଧନ ଆଇନ ପ୍ରତ୍ୟାହାର ଦାବିରେ ହଟ୍ଟଗୋଳ କରିଥିଲେ । କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ରିପୋର୍ଟୋର ଟେବୁଲ ଉପରେ ଚଢି ଯାଇଥିଲେ ।

ଫଳରେ ବାଚସ୍ପତି ଗୃହକୁ ୧୧ଟା ୩୭ରୁ ୧ଟା ୧୦ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ । ପୁନର୍ବାର ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ସମାନ ଢଙ୍ଗରେ ପ୍ରତିବାଦ ଜାରି ରଖିଥିଲେ ବିରୋଧୀ ସଦସ୍ୟ । ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ବିଧାୟକମାନଙ୍କୁ ନିଜ ନିଜ ଆସନକୁ ଫେରି ମୁଲତବୀ ପ୍ରସ୍ତାବ ଆଲୋଚନାରେ ଭାଗ ନେବାକୁ ଅନୁରୋଧ କରିଥିଲେ ହେଁ, ବିରୋଧୀ ହଟ୍ଟଗୋଳ ଜାରି ରଖିଥିଲେ । ଫଳରେ ଉପ ବାଚସ୍ପତି ଗୃହକୁ ୧ଟା ୧୧ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ ।

ଅପରାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀଙ୍କ ହଟ୍ଟଗୋଳ ପୁଣି ଜାରି ରହିଥିଲା । ହଟ୍ଟଗୋଳ ଭିତରେ ୬ ଟି ବିଲ ଆଗତ କରାଯାଇ କାର୍ଯ୍ୟ ପରାମର୍ଶ ଦାତା କମିଟିକୁ ତର୍ଜମା ଲାଗି ପଠା ଯାଇଥିଲା । ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଗୃହକାର୍ଯ୍ୟ ମାତ୍ର ୧୧ ମିନିଟ ଚାଲି ଥିଲା ।

## ବର୍ଷା...

ପର୍ଯ୍ୟନ୍ତ ଆହୁରି ବୃଦ୍ଧି ପାଇ ଘଣ୍ଟାପ୍ରତି ୫୫-୬୫ କିମିରୁ ଝଟକା ୭୫ କିମି ପର୍ଯ୍ୟନ୍ତ ହେବାର ସମ୍ଭାବନା ଅଛି । ସମୁଦ୍ର ସ୍ଥିତି ଅଶାନ୍ତରୁ ଅତି ଅଶାନ୍ତ ରହିବାର ସମ୍ଭାବନା ଅଛି । ମତ୍ସ୍ୟଜୀବୀମାନଙ୍କୁ ୨୪ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ପଶ୍ଚିମ-କେନ୍ଦ୍ରୀୟ, ସଂଲଗ୍ନ ଉତ୍ତର-ପଶ୍ଚିମ ଏବଂ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଏବଂ ଆନ୍ଧ୍ରପ୍ରଦେଶ-ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି ।

୨୨.୦୯.୨୦୨୬ ସକାଳ ୮:୩୦ ସୁଦ୍ଧା ଶେଷ ହୋଇଥିବା ବିଗତ ୨୪ ଘଣ୍ଟା ମଧ୍ୟରେ, ରାଜ୍ୟରେ ହାରାହାରି ୧୩.୫ ମିମି ବର୍ଷା ରେକର୍ଡ କରାଯାଇଛି, ଯେଉଁଥିରେ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇଠାରେ ସର୍ବାଧିକ ୭୮.୦ ମିମି ବର୍ଷା ରେକର୍ଡ ହୋଇଛି ।

ଜଳସମ୍ପଦ ବିଭାଗର ୨୨.୦୯.୨୦୨୬ ସକାଳ ୧୦:୦୦ ଟାର ପ୍ରାତଃକାଳୀନ ବନ୍ୟା ବୁଲେଟିନ୍ ଅନୁଯାୟୀ, ଦକ୍ଷିଣ ଓଡ଼ିଶାର ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ବିପଦ ସଙ୍କେତ ତଳେ ରହିଛି । ଋଷିକୂଲ୍ୟା ନଦୀ ସୋରଡ଼ାଠାରେ ୭୬.୮୩ ମିଟର (ବିପଦ ସଙ୍କେତ ୮୧.୯୯ ମିଟର), ମାଧବରିଡ଼ାଠାରେ ୫୫.୯୪ ମିଟର (ବିପଦ ସଙ୍କେତ ୬୦.୬୫ ମିଟର) ଏବଂ ପୁରୁଷୋତ୍ତମପୁରଠାରେ ୧୨.୧୮ ମିଟର (ବିପଦ ସଙ୍କେତ ୧୬.୮ ମିଟର) ରହିଛି । ବଂଶଧାରା ନଦୀ ଗୁଣୁପୁରଠାରେ ୮୦.୯୩ ମିଟର (ବିପଦ ସଙ୍କେତ ୮୪.୦୦ ମିଟର) ଏବଂ କାଶୀନଗରଠାରେ ୫୨.୯୩ ମିଟର (ବିପଦ ସଙ୍କେତ ୫୪.୬୦ ମିଟର) ରହିଛି । ଦକ୍ଷିଣ ଓଡ଼ିଶାର ପ୍ରମୁଖ ଜଳାଶୟଗୁଡ଼ିକରେ ଉପଲବ୍ଧ ଜଳ ଧାରଣ କ୍ଷମତା ମଧ୍ୟରୁ ଉପର ଇନ୍ଦ୍ରାବତୀରେ ୮୩.୬%, ଉପର କୋଲାବରେ ୫୪.୫%, ବାଲିମେଳାରେ ୪୪.୪% ଏବଂ ମାଛକୁଣ୍ଡ (ଜଲାପୁଟ) ରେ ୬୩.୮% ରହିଛି ।

ମୁଖ୍ୟ ଶାସନ ସଚିବ, ଓଡ଼ିଶା ୨୧.୦୯.୨୦୨୬ ରେ ସ୍ୱତନ୍ତ୍ର ରିଲିଫ୍ କମିଶନର, ଅଗ୍ନିଶମ ସେବା ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଜଳସମ୍ପଦ ବିଭାଗ, ପୋଲିସ୍ ଏବଂ ଦକ୍ଷିଣ ଜିଲ୍ଲାଗୁଡ଼ିକର ଜିଲ୍ଲାପାଳମାନଙ୍କ ସହ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ସଂବେଦନଶୀଳ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରିବା, ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ପ୍ରସ୍ତୁତ ରଖିବା, ଅତ୍ୟାବଶ୍ୟକ ସାମଗ୍ରୀ ଗଚ୍ଛିତ ରଖିବା ଏବଂ ବିପର୍ଯ୍ୟୟ ପ୍ରଶମନ ବାହିନୀକୁ ପୂର୍ବରୁ ମୁତୟନ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି, ଯେଉଁଥିରେ ଗଜପତି, ରାୟଗଡ଼ା, ଗଞ୍ଜାମ, କୋରାପୁଟ ଏବଂ ମାଲକାନଗିରିର ଭୂସ୍ଖଳନ ପ୍ରବଣ ଅଞ୍ଚଳଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦେବାକୁ କୁହାଯାଇଛି । ଅଗ୍ନିଶମ ସେବା ୟୁନିଟ୍‌ଗୁଡ଼ିକୁ ମଧ୍ୟ ସଜାଗ ରଖାଯାଇଛି ।

ଆଗାମୀ ଗଭୀର ଅବପାତ ପାଇଁ ମୋଟ ୩୩ଟି ଓଡ୍ରାଫ୍ ଟିମ୍ ନିୟୋଜିତ/ନିର୍ଦ୍ଧାରିତ କରାଯାଇଛି । ଏଥିମଧ୍ୟରୁ ୨୪ଟି ଟିମ୍ ସଂବେଦନଶୀଳ ଜିଲ୍ଲାଗୁଡ଼ିକରେ ମୁତୟନ କରାଯାଇଛି: ଗଞ୍ଜାମ - ୬, ଗଜପତି - ୩, କୋରାପୁଟ - ୬, ମାଲକାନଗିରି - ୩, ରାୟଗଡ଼ା - ୩, କଳାହାଣ୍ଡି - ୨ ଏବଂ ବଲାଙ୍ଗୀର - ୧ । ଏହା ବ୍ୟତୀତ, ୯ଟି ଓଡ୍ରାଫ୍ ଟିମ୍‌କୁ ଗଞ୍ଜାମ ଜିଲ୍ଲାର ଛତ୍ରପୁରସ୍ଥିତ ଓଏସଏପି ୮ମ ବାଟାଲିୟନ, ଓଡ୍ରାଫ୍ ୟୁନିଟ୍‌ରେ ରିଜର୍ଭ ରଖାଯାଇଛି ।

ମେଡିକାଲ ସୁବିଧାଗୁଡ଼ିକର ପ୍ରସ୍ତୁତି ନିଶ୍ଚିତ କରିବାକୁ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ, ବର୍ଷା, ଜଳାଶୟକୁ ଜଳ ପ୍ରବେଶ ଏବଂ ଡ୍ୟାମ୍‌ର ଜଳସ୍ତର ଉପରେ କ୍ରମାଗତ ନଜର ରଖିବାକୁ ଜଳସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନକୁ ମୁଖ୍ୟାଳୟରେ ରହି ନିରନ୍ତର ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ରାଜ୍ୟ ଓ ଜିଲ୍ଲା ସ୍ତରରେ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ସମସ୍ତ ସମ୍ପୃକ୍ତ ବିଭାଗ ଏବଂ କ୍ଷେତ୍ରୀୟ ଅଧିକାରୀ/କର୍ମଚାରୀମାନଙ୍କୁ ଉଚ୍ଚ ସଜାଗତା ଅବଲମ୍ବନ କରିବାକୁ ଏବଂ ଆବଶ୍ୟକ ସ୍ଥଳେ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ସାଧାରଣ ଜନତାଙ୍କୁ ସତର୍କ ରହିବା, ଜଳମଗ୍ନ, ତଳିଆ ଏବଂ ଅନ୍ୟାନ୍ୟ ସଂବେଦନଶୀଳ ଅଞ୍ଚଳକୁ ନ ଯିବା, ସ୍ଥାନୀୟ ପ୍ରଶାସନର ନିର୍ଦ୍ଦେଶାବଳୀ ମାନିବା ଏବଂ ରାଜ୍ୟ ସରକାର ଓ ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଜାରି କରାଯାଉଥିବା ସରକାରୀ ସୂଚନା/ପରାମର୍ଶ ଅନୁସରଣ କରିବାକୁ ପରାମର୍ଶ ଦିଆଯାଉଛି ।

## ବାତ୍ୟା...

ଜଳ, ବିଦ୍ୟୁତ, ଆଲୋକ, ଖାଦ୍ୟ, ଔଷଧ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ସୁନିଶ୍ଚିତ କରିବାକୁ ସେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ସମୁଦ୍ର ନିକଟସ୍ଥ ରମାୟାପାଟଣା ଅଞ୍ଚଳରେ ମତ୍ସ୍ୟଜୀବୀମାନଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଥିଲେ । ଗଭୀର ଅବପାତ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବାର ଆଶଙ୍କା ଥିବାରୁ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ନଯିବା ସହ ପ୍ରଶାସନ ପକ୍ଷରୁ ଜାରି ସୁରକ୍ଷା ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଏଥିସହ ସମୁଦ୍ରକୂଳ ଅଞ୍ଚଳର ସ୍ଥିତି ମଧ୍ୟ ଅନୁଧ୍ୟାନ କରାଯାଇ ସମସ୍ତଙ୍କୁ ସତର୍କ ରହିବାକୁ କୁହାଯାଇଛି । ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୬୦ ଜଣ ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରାଯାଇଛି । ଆବଶ୍ୟକ ସ୍ଥଳେ ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ଓ ଚିକିତ୍ସା ସୁବିଧା ଯୋଗାଇବା ନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି ।

## ପିଇଓଙ୍କ...

ଅଧୀନ ଫିରିଙ୍ଗିମାଲ ଜିପି ଓ ଗୌରେନମୁଣ୍ଡା ଜିପିର ଭାରପ୍ରାପ୍ତ ପିଇଓ ଭାବେ ମଧ୍ୟ ଦାୟିତ୍ୱ ତୁଲାଉଛନ୍ତି ।

ବରଗଡ଼ ଭିଜିଲାନ୍ସର ସ୍ୱତନ୍ତ୍ର ଜଜଙ୍କ ଦ୍ୱାରା ଜାରି ସର୍ଚ୍ଚ ଓ୍ୱାରେଣ୍ଟ ବଳରେ ୫ ଜଣ ଡିଏସ୍‌ପି, ୮ ଜଣ ଇନ୍ସପେକଟର, ୨ ଜଣ ଏଏସଆଇ ଏବଂ ଅନ୍ୟ ସହାୟକ କର୍ମଚାରୀଙ୍କୁ ନେଇ ଗଠିତ ଭିଜିଲାନ୍ସ ଟିମ ଏହି ଚଢ଼ଉ କରୁଛି । ୬ଟି ସ୍ଥାନରେ ଏକକାଳୀନ ଚଢ଼ଉ ମଧ୍ୟରେ ରହିଛି ଗାଇସିଲେଟ ନିକଟ କନ୍ଦାଗଡ଼ରେ ଥିବା ଶ୍ରୀ ବେହେରାଙ୍କ ଦୁଇ ମହଲା ବିଶିଷ୍ଟ ଆବାସିକ କୋଠା । କନ୍ଦାଗଡ଼ରେ ଥିବା ୬ଟି କୋଠରୀ ବିଶିଷ୍ଟ ଏକ ମାର୍କେଟ କମ୍ପ୍ଲେକ୍ସ । କନ୍ଦାଗଡ଼ରେ ଥିବା ୩ଟି କୋଠରୀ ବିଶିଷ୍ଟ ଏକ ଗୋଦାମ । ଗାଇସିଲେଟ୍ରେ ନିର୍ମାଣାଧୀନ ୪ ମହଲା ବିଶିଷ୍ଟ କୋଠା । କନ୍ଦାଗଡ଼ସ୍ଥିତ ତାଙ୍କ ପୈତୃକ ଗାଁରେ ଥିବା ଘର । ବରଗଡ଼ ଜିଲ୍ଲା କଟାଭାଲ ଗ୍ରାମ ପଞ୍ଚାୟତରେ ଥିବା ପିଇଓଙ୍କ କାର୍ଯ୍ୟାଳୟ କକ୍ଷ । ବର୍ତ୍ତମାନ ସୁଦ୍ଧା ଚଢ଼ଉ ଜାରି ରହିଛି ।

## ଭାରରେ...



ହେବାର ଥିଲା । ହେଲେ ମଙ୍ଗଳବାର ହଠାତ୍ ପ୍ରସବ ବେଦନା ଆରମ୍ଭ ହେବାରୁ ପରିବାର ଲୋକେ ୧୦୨ ଆମ୍ବୁଲାନ୍ସକୁ ଫୋନ କରିଥିଲେ । ଆମ୍ବୁଲାନ୍ସ ଆସିଲା କିନ୍ତୁ ଗାଁରେ ପହଞ୍ଚିପାରିଲା ନାହିଁ । କାରଣ ରାସ୍ତା ନାହିଁ । ଗାଁଠାରୁ ପ୍ରାୟ ୩ କିଲୋମିଟର ଦୂର ମୁଖ୍ୟ ରାସ୍ତାରେ ଅଟକି ରହିଲା ଆମ୍ବୁଲାନ୍ସ । ପରିସ୍ଥିତି ଜଟିଳ ହେଉଥିବା ଦେଖି ଆମ୍ବୁଲାନ୍ସ ଚାଳକ ସୁରେଶ ଡାଙ୍ଗେଟି ଚାଲି ଗାଁରେ ପହଞ୍ଚିଥିଲେ । ପରିବାର ଲୋକ ଓ ଗ୍ରାମବାସୀଙ୍କ ସହାୟତାରେ ଶୁସେଣୀଙ୍କୁ ଭାରରେ ବୋହି ପଥୁରିଆ ରାସ୍ତା ଦେଇ ଆମ୍ବୁଲାନ୍ସ ନିକଟକୁ ଅଣାଯାଇଥିଲା । ତା'ପରେ ଆରମ୍ଭ ହୋଇଥିଲା ହସ୍ପିଟାଲ ଅଭିମୁଖେ ଯାତ୍ରା । ପ୍ରାୟ ୮ କିଲୋମିଟର ଯିବା ପରେ କେନ୍ଦୁଗୁଡ଼ା ନିକଟରେ ତାଙ୍କ ପ୍ରସବ ବେଦନା ଆହୁରି ତୀବ୍ର ହୋଇଥିଲା । ଆମ୍ବୁଲାନ୍ସରେ କୌଣସି ସ୍ୱାସ୍ଥ୍ୟକର୍ମୀ ନଥିବାବେଳେ ଚାଳକ ସୁରେଶ ପରିସ୍ଥିତି ସମ୍ଭାଳିଥିଲେ । ଶେଷରେ ଆମ୍ବୁଲାନ୍ସ ଭିତରେ ହିଁ ଶୁସେଣୀ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ । ପରେ ଉଭୟ ମା' ଓ ନବଜାତ ଶିଶୁଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଉଭୟ ସୁସ୍ଥ ଥିବା ହସ୍ପିଟାଲ ସୂତ୍ରରୁ ଜଣାପଡ଼ିଛି । ଏଭଳି ସମୟରେ ଆମ୍ବୁଲାନ୍ସ ଚାଳକ ସୁରେଶଙ୍କ ତତ୍ପରତାକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି । ତେବେ ପ୍ରଶ୍ନ ଉଠୁଛି ବର୍ଷ ବର୍ଷ ଧରି ବିକାଶର ନାରା ଶୁଣୁଥିବା ଦୁର୍ଗମ ଗାଁଗୁଡ଼ିକୁ ଏଯାଏ ପକ୍କା ରାସ୍ତା କାହିଁକି ପହଞ୍ଚିପାରିଲା ନାହିଁ । ଯେଉଁଠି ଜରୁରୀ ସମୟରେ ଆମ୍ବୁଲାନ୍ସ ପହଞ୍ଚିବା ପରିବର୍ତ୍ତେ ରୋଗୀଙ୍କୁ ଭାରରେ ବୋହି ଆମ୍ବୁଲାନ୍ସ ପାଖକୁ ନେବାକୁ ପଡୁଛି, ସେଠାରେ ସଡ଼କ ସଂଯୋଗ ଓ ସ୍ୱାସ୍ଥ୍ୟସେବାର ବିକାଶ କେତେ ଦୂର ପହଞ୍ଚିଛି, ତାହା ଏହି ଘଟଣା ହିଁ କହୁଛି ।

ଉଲ୍ଲେଖଯୋଗ୍ୟ, ଗତ ୧୨ ତାରିଖରେ ଗୁଡ଼ାରୀ ବ୍ଲକ ଶିରିଗୁଡ଼ା ଅଞ୍ଚଳରୁ ମଧ୍ୟ ପ୍ରସୂତିଙ୍କୁ ଭାରରେ ବୋହି ନେବା ଭଳି ଏକ ଘଟଣା ସାମ୍ନାକୁ ଆସିଥିଲା । ଏହାର ମାତ୍ର ୧୦ ଦିନ ପରେ ପଦ୍ମପୁର ବ୍ଲକରୁ ସମାନ ଚିତ୍ର ସାମ୍ନାକୁ ଆସିବା ଦୁର୍ଗମ ଅଞ୍ଚଳରେ "ବିକାଶ'ର ଦାବି ଓ ବାସ୍ତବତା ମଧ୍ୟରେ ଥିବା ଦୂରତାକୁ ନେଇ ପ୍ରଶ୍ନ ଉଠିଛି ।

## ସାମରିକ...

ଆମେରିକା ସହ କୂଟନୈତିକ ଆଲୋଚନା ପୁନର୍ବାର ଆରମ୍ଭ କରିବା ପାଇଁ ଏହି ପ୍ରତିନିଧିମଣ୍ଡଳକୁ ପୂର୍ଣ୍ଣ ଅଧିକାର ଦିଆଯାଇଥିବା ଅଧିକାରୀ ଜଣକ କହିଛନ୍ତି ।

ଇରାନର ରାଷ୍ଟ୍ରପତି ମସୌଦ ପେଜେସ୍କିଆନ୍ ମଙ୍ଗଳବାର ସକାଳେ ତେହରାନରୁ ନ୍ୟୁୟର୍କ ଯାତ୍ରା କରିଛନ୍ତି । ତେବେ ସେ ଜାତିସଂଘ ମୁଖ୍ୟାଳୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବେ ନାହିଁ ବୋଲି ଇରାନୀ ଅଧିକାରୀ କହିଛନ୍ତି ।

ଆମେରିକା ସହ ଶତ୍ରୁତା ଶେଷ କରିବା ସମ୍ପର୍କିତ ଚୁକ୍ତିର ବିଭିନ୍ନ ଦିଗ ନ୍ୟୁୟର୍କରେ ମଧ୍ୟସ୍ଥଙ୍କ ମାଧ୍ୟମରେ ଆଲୋଚନା କରାଯାଇପାରିବ । ଇରାନ ପକ୍ଷରୁ ଏନେଇ ଏକ ପ୍ରସ୍ତାବ ସେପ୍ଟେମ୍ବର ୧୬ ତାରିଖରେ ମଧ୍ୟସ୍ଥଙ୍କ ଜରିଆରେ ଆମେରିକାକୁ ପଠାଯାଇଥିବା ଅଧିକାରୀ କହିଛନ୍ତି । ଇରାନୀ ଅଧିକାରୀଙ୍କ ମତରେ, ଜାତିସଂଘ ସାଧାରଣ ପରିଷଦ ବୈଠକ ଆମେରିକା ପାଇଁ କୂଟନୈତିକ ଆଲୋଚନାକୁ ଫେରିବାର ଏକ ବଡ଼ ସୁଯୋଗ । ଆମେରିକା ଯଦି ଦୃଶ୍ୟମାନ ଓ ବାସ୍ତବ ପଦକ୍ଷେପ ନିଏ, ତେବେ ତେହରାନ ପକ୍ଷରୁ ପୁନର୍ବାର କୂଟନୈତିକ ଆଲୋଚନାକୁ ସ୍ୱାଗତ କରାଯିବ ବୋଲି ସେ କହିଛନ୍ତି ।

## ସଲିସେଟର...

କରିବା ଧର୍ମନିରପେକ୍ଷତା ଓ ବ୍ୟକ୍ତିର ବିବେକ ସ୍ୱାଧୀନତା ସମ୍ପର୍କିତ ପ୍ରଶ୍ନ ଉଠାଉଛି । ଶୁଣାଣି ସମୟରେ ଖଣ୍ଡପୀଠ ୧୯୮୬ର 'ବିଜୋ ଇମାନୁଏଲ୍ ବନାମ କେରଳ' ରାୟର ଉଲ୍ଲେଖ କରିଥିଲେ । ସେହି ମାମଲାରେ ଧାର୍ମିକ ବିଶ୍ୱାସ କାରଣରୁ ଜାତୀୟ ସଙ୍ଗୀତ ନଗାଇ ଶ୍ରଦ୍ଧାପୂର୍ବକ ଠିଆ ହୋଇଥିବା କିଛି ସ୍କୁଲ୍ ଛାତ୍ରଛାତ୍ରୀଙ୍କୁ ସୁପ୍ରିମକୋର୍ଟ ସୁରକ୍ଷା ଦେଇଥିଲେ ।

ଏହି ମାମଲାରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଜବାବ ଦାଖଲ କରିବାକୁ କହିଛନ୍ତି । 'ବନ୍ଦେ ମାତରମ୍'କୁ ଜାତୀୟ ଗୀତ ଭାବେ ମାନ୍ୟତା କିମ୍ବା ଏହାର ଦୁଇ କିମ୍ବା ଛଅଟି ସ୍ତବକ ମଧ୍ୟରୁ କେଉଁଟି ଗାନ କରାଯିବ, ସେହି ପ୍ରସଙ୍ଗରେ ଏହି ପର୍ଯ୍ୟାୟରେ କୋର୍ଟ ନିଷ୍ପତ୍ତି ନେବାକୁ ଯାଇନାହାନ୍ତି; ବରଂ ଗାନ ନକରିବାକୁ ଦଣ୍ଡନୀୟ କରାଯାଇପାରିବ କି ନାହିଁ, ତାହାର ଆଇନଗତ ପ୍ରଶ୍ନକୁ ଯାଞ୍ଚ କରାଯିବ ବୋଲି କହିଛନ୍ତି ।

# ବଜ୍ରପାତରେ ନାବାଳିକା ମୃତ, ୭ ଗୁରୁତର

ମୁରିବାହାଲ,(ସବ୍ୟ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ ଉପଖଣ୍ଡ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ ପ୍ରବଳ ବର୍ଷା ସହ ସ୍ଥାନେ ସ୍ଥାନେ ବଜ୍ରପାତ ହୋଇଥିଲା । ଏହି ସମୟରେ ଜଗୁଆ ଗ୍ରାମ ପଞ୍ଚାୟତର ଭାଟିପଡା ଗ୍ରାମର ବିଲରେ ଆଠ ଜଣ ମହିଳା ଘାସ ବାଛୁଥିବା ବେଳେ ହଠାତ୍ ବଜ୍ରପାତ ହେବା ଯୋଗୁଁ ଗୀତାଞ୍ଜଳି ଖର୍ସେଲ(୧୬) ନାମକ ଜଣେ ନାବାଳିକାଙ୍କ ଘଟଣା ସ୍ଥଳରେ ପ୍ରାଣବାୟୁ ଉଡିଯାଇଥିଲା । ତାଙ୍କ ସହ ଥିବା କାନ୍ତି ଖର୍ସେଲ ( ୨୧) ଓ ମଥୁରା ଖର୍ସେଲ ( ୪୫) ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ଚାରି ଜଣ ସାମାନ୍ୟ ଆହତ ହୋଇଛନ୍ତି । ଗ୍ରାମର ତିଳୋତ୍ତମା ଖର୍ସେଲ, ଗୁଲାପି ଖର୍ସେଲ, ବର୍ଷା ଖର୍ସେଲ ଓ ପ୍ରୀତି ଖର୍ସେଲ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ତେବେ ଗୁରୁତର ଅବସ୍ଥାରେ ଥିବା ମୃତକଙ୍କ ଭଉଣୀ ରାକ୍ଷୀ ଖର୍ସେଲଙ୍କୁ ଶେଷ ଖବର ସୁଦ୍ଧା ବଲାଙ୍ଗୀର ଭୀମଭୋଇ ମେଡିକାଲ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି ।

# ସତ୍ୟନଗର ଫୋରମର ମାଗଣା ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର, (ସବ୍ୟ): ଅଞ୍ଚଳରେ ଜନସାଧାରଣଙ୍କ ଲାଗି ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ସତ୍ୟନଗର ସିନିଅର ସିଟିଜେନ ଫୋରମର ବରିଷ୍ଠ ନାଗରିକ ସଂଘ ଏହାର ଆୟୋଜନ କରିଥିଲେ । ଫୋରମର ସଦସ୍ୟ ଶ୍ୟାମସୁନ୍ଦର ପଟ୍ଟନାୟକଙ୍କ ଅଧ୍ୟକ୍ଷତା ଓ ସ୍ୱର୍ଶ ହସ୍ପିଟାଲର ସହାୟତାରେ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ସ୍ୱାସ୍ଥ୍ୟ ସେବା ଶିବିରରେ ମାଗଣା ଔଷଧ ବଣ୍ଟନ କରାଯାଇଥିଲା । ସିନିଅର ସିଟିଜେନ ଫୋରମର ଶହେରୁ ଅଧିକ ବରିଷ୍ଠ ନାଗରିକ ମାନେ ଜନ ହିତକାରୀ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ। ମେୟର ସୁଲୋଚନା ଦାସ ଏହି ସ୍ୱାସ୍ଥ୍ୟ ଶିବିର ଉଦଘାଟନ କରି କହିଥିଲେ ଯେ, ବରିଷ୍ଠ ନାଗରିକ ମାନେ ସମାଜର ଅଭିଜ୍ଞ ମାନବ ସମ୍ପରି ଓ ସେମାନଙ୍କ ଦିଗ ଦର୍ଶନରେ ଯୁବ ପିଢି ପ୍ରେରଣା ପାଇଥାନ୍ତି ଓ ସରକାରଙ୍କ ଦ୍ୱାରା ଆୟୋଜିତ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଯେଉଁ ସବୁ କାର୍ଯ୍ୟକ୍ରମ



ହେଉଛି, ସେଥିରେ ସମସ୍ତେ ଯୋଗଦାନ କରିବା ପାଇଁ ପରାମର୍ଶ ଦେଇଥିଲେ । ସତ୍ୟନଗର ଅଞ୍ଚଳ ବାସୀଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିରରେ ପାଞ୍ଚ ଜଣ ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଫୋରମର ସଭାପତି ଗୋପାଳ ଚନ୍ଦ୍ର ବିଶୋଇ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଏଥିରେ ୩୪ ନମ୍ବର ୱାର୍ଡ କର୍ପୋରେଟର ପୁଷ୍ପାଞ୍ଜଳି ସେଠୀ ଯୋଗ ଦେଇଥିଲେ । ସ୍ୱର୍ଶ ହସ୍ପିଟାଲର ସିଏମଡି ଡଃ ପ୍ରିୟବ୍ରତ ଧୀର ଫୋରମର ସଦସ୍ୟ ମାନଙ୍କ ପାଇଁ କରାଯାଇଥିବା ସ୍ୱାସ୍ଥ୍ୟ ସଚେତନତା ଶିବିରକୁ ଉଦଘାଟନ କରିଥିଲେ। ଫୋରମର ସମ୍ପାଦକ ଶିବଦତ୍ତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

# ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ସମ୍ବଲପୁର, (ସବ୍ୟ): ସମ୍ବଲପୁର ଜିଲ୍ଲା ଶାସନ ଥାନା ଅନ୍ତର୍ଗତ ଗିରିପାଲି ସ୍ଥିତ ଏକ କ୍ରସର ନିକଟରୁ ଯୁବକର ଗଳିତ ଶବ ଉଦ୍ଧାର ହୋଇଛି । ଏହା କବରାପାଲି ମିର୍ଦ୍ଧାପଡାର କିଶୋର ମିର୍ଦ୍ଧା(୪୨) ବୋଲି ଜଣାପଡିଛି । ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ହତ୍ୟା ସନ୍ଦେହରେ ତୁରୀପଡାର ଡେଭିଡ ଭୋସାଗରଙ୍କୁ ଅଟକ ରଖି ପଚରାଉଚରା କରୁଛି । ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଓ ସଦର ଏସ୍‌ଡିପିଓ ତୋଫାନ ବାଗ ପହଞ୍ଚି ପ୍ରାଥମିକ ତଦନ୍ତ କରୁଛନ୍ତି ।

ସୂଚନାଯୋଗ୍ୟ, କବରାପାଲି ଗାଁର କିଶୋର ମିର୍ଦ୍ଧା ଗତ ୧୯ ତାରିଖ ରାତିରୁ ନିଖୋଜ ଥିଲେ । ଘଟଣାଦିନ କିଶୋର ନିଜ ସାଙ୍ଗ ଡେଭିଡ ସହ ସ୍କୁଟିରେ ଘରୁ ବାହାରିଥିଲେ । ତେବେ ସେ ରାତି ପର୍ଯ୍ୟନ୍ତ ଘରକୁ ଫେରି ନଥିବାରୁ ତାଙ୍କ ପତ୍ନୀ ମଞ୍ଜରୀ ମିର୍ଦ୍ଧା ଥାନାରେ ଅଭିଯୋଗ କରିଥିଲେ । ନିଖୋଜ ପୂର୍ବଦିନ ମୃତ କିଶୋର ଜୟନ୍ତପୁର ସୋସାଇଟିରୁ କିଛି ଟଙ୍କା ଉଠାଇଥିଲେ । ଏହି ଅର୍ଥ ଲୋଭରେ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି ।

e-mail: gmwatcosbp@gmail.com
GOVERNMENT OF ODISHA
WATER CORPORATION OF ODISHA
OFFICE OF THE GENERAL MANAGER,
WATCO DIVISION, SAMBALPUR
13001/1911/2627
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. GMWATCOSBP-01/2026-27 Dt. 19.09.2026

| | | |
|---|---|---|
| 01. | Name of the Work | 3 nos. work |
| 02. | Type of Bid | Single Bid System |
| 03. | Estimated Cost | Rs 27.41 lakh to 36.45 lakh |
| 04. | Period of Completion | 2 (two) to 3 (three) Calendar Months |
| 05. | Date & Time of availability of bid document in the portal | From 11.00 AM of dt 24 09 2026 to 5 00 PM of 05.10 2026 |
| 06. | Last date / time of receipt of bids in the portal | 5.00 PM of 05.10.2026 |
| 07. | Date & Time of opening of Bids | At 11.30 AM of 06.10.2026 |
| 08. | Name and Address of the Officer Inviting Bid | General Manager. WATCO Division, Sambalpur. Brooks' Hill. Near Stadium. At/Po- Motijharan, Dist- Sambalpur-768001 |

Further details can be seen from the web site http://tenders.ori.nic.in or www.tendersorissa.gov.in.
Sd/- General Manager
WATCO Division. Sambalpur
OIPR : 13001/13247/1/26-27/0001

Phone No. : (0661)-2500224
Email ID : secretaryrda@gmail.com
GOVERNMENT OF ODISHA
RAURKELA DEVELOPMENT AUTHORITY, RAURKELA
NOTICE INVITING TENDERS NATIONAL COMPETITIVE BIDDING
13001/1908/2627 THROUGH e-Procurement
Bid Identification No. 08/Rkl. RDA/2026-27 Dt.18.09.2026

| | | |
|---|---|---|
| 01. | Name of the Work | 1 no. works |
| 02. | Estimated Cost | 72.31 Lakhs |
| 03. | Period of Completion | 150 days |
| 04. | Date & Time of availability of bid document in the portal | From 11.00 AM of dt.21.09.26 to 5.00 PM of dt.07.10.26 |
| 05. | Last date / time of receipt of bids in the portal | 5.00 PM of 07.10.26 |
| 06. | Date & Time of opening of bids | At 11.00 AM of 09.10.26 |
| 07. | Name and Address of the Officer Inviting Bid | Secretary, Raurkela Development Authority Uditnagar, Raurkela-769012. |

Further details can be seen from the website www.tendersodisha.gov.in
Sd/- Secretary
Rourkela Development Authority,
Rourkela
OIPR : 13001/13250/1/26-27/0036

OFFICE OF SUPERINTENDING ENGINEER
MINOR IRRIGATION DIVISION, KATAKA
32001/907/2627 Letter No. 4910 / Dt. 21.09.2026
GOVERNMENT OF ODISHA e-Procurement Notice
Bid Identification No. on line SECMID-14/2026-27
eemidcuttack@yahoo.co.in

| | | |
|---|---|---|
| 1. | Name of work | Improvement of Check Dams under Improvement to Check Dam Scheme in MI Sub-Division Banki, Narasinghpur, and Kataka. |
| 2. | Total Number of work | 13 (Thirteen) nos. |
| 3. | Estimated cost | Varies from Rs. 5.04 to Rs. 12.36 lakh. |
| 4. | Tender paper Cost(Online) | Varies from Rs. 4,000/- to Rs. 6,000/- |
| 5. | Bid Security (Online) | As per DTCN |
| 6. | Period of Completion | As per DTCN |
| 7. | Availability of Bid Document | From 28.09.2026,10.00 AM to 09.10.2026,5.00 PM in website (www.tendersorissa.gov.in) |
| 8. | Last date & Time of receipt | 09.10.2026 at 5.00 PM through online Bid |
| 9. | Date of opening of Technical Bid documents | 12.10.2026 at 11.00 A. M in the office of the SE, M.I. Division, Kataka. |
| 10. | Date of Lottery, if required | 31.10.2026 at 12.00 Noon in the office of the SE, M.I. Division, Kataka. |
| 11. | Name and address of the OIT | Superintending Engineer, M.I. Division, Kataka.. P.O:- Nayabazar, Kataka. Phone:-0671-2443622 PINCODE:- 753004 |

Further details can be seen from the Government of Odisha Web-Site www.tendersorissa.gov. in
Notes:- Corrigendum / Addendum / Modification / Additions if any, can be seen through On-line only.
Sd/- Superintending Engineer
M.I. Division, Kataka
OIPR : 32001/32121/1/26-27/0011

ଦ.ପୂ. ରେଳପଥ-ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ତାଙ୍କ ପାଇଁ କାର୍ଯ୍ୟ କରୁଥିବା ସିନିୟର ଡିଏସଟିଇ/ସିକେପି ନିମ୍ନରେ ଉଲ୍ଲେଖିତ ଟେଣ୍ଡର ନଂ ପାଇଁ ଇ-ଟେଣ୍ଡର ) ଆହ୍ୱାନ କରୁଛନ୍ତି, ଯାହା ୧୨.୧୦.୨୦୨୬ ରିଖ ଅପରାହ୍ନ ୧୫:୦୦ ଘଟିକାରେ ଖୋଲାଯିବ । ଏହି ଟେଣ୍ଡର ପାଇଁ ମାନୁଆଲ (ହସ୍ତଲିଖିତ/ କାଗଜ ଆଧାରିତ) ପ୍ରସ୍ତାବ ଗ୍ରହଣୀୟ ନୁହେଁ ଏବଂ ଏପରି କୌଣସି ମାନୁଆଲ ପ୍ରସ୍ତାବ ଗ୍ରହଣ କରାଗଲେ ତାହାକୁ ବିଚାରକୁ ନିଆଯିବ ନାହିଁ । କ୍ର.ନଂ- ୧, ଟେଣ୍ଡର ବିଜ୍ଞପ୍ତି ନଂ:-ଏସଟି-ସିକେପି-ଓଟି -୨୬-୨୭-୯୬, କାର୍ଯ୍ୟର ନାମ:- ଟାଟାନଗର, ସିନି ଏବଂ ଡାଙ୍ଗୋଆପୋସି ସେକ୍ସନ ଅଧୀନରେ ଫଲ୍ଟ ଲୋକେଟର୍ କିଟ୍ ସହିତ 'ଆର୍ଥ ଲିକେଜ୍ ଡିଟେକ୍ଟର' ଏବଂ 'ଇନସୁଲେସନ୍ ମନିଟରିଂ ଡିଭାଇସ୍'ର ବ୍ୟବସ୍ଥା, ଟେଣ୍ଡର ମୂଲ୍ୟ (ଟଙ୍କା):- ୪,୫୪,୧୯,୭୫୯.୬୦, ଅମାନତ ଅର୍ଥ(ଟଙ୍କା):- ୧,୦୮,୪୦୦.୦୦, କାର୍ଯ୍ୟ ସମାପ୍ତି ଅବଧି:- ୦୩ (ତିନି) ମାସ, କ୍ର.ନଂ:- ୨, ଟେଣ୍ଡର ବିଜ୍ଞପ୍ତି ନଂ:-ଏସଟି-ସିକେପି-ଓଟି-୨୬-୨୭-୯୭, କାର୍ଯ୍ୟର ନାମ:- ଚକ୍ରଧରପୁର, ଡୋଙ୍ଗାମୁଣ୍ଡା ଏବଂ ଆଦସୁଲୁଡ଼ା ସେକ୍ସନ ଅଧୀନରେ ଫଲ୍ଟ ଲୋକେଟର କିଟ୍ ସହିତ 'ଆର୍ଥ ଲିକେଜ୍ ଡିଟେକ୍ଟର' ଏବଂ 'ଇନସୁଲେସନ୍ ମନିଟରିଂ ଡିଭାଇସ୍'ର ବ୍ୟବସ୍ଥା, ଟେଣ୍ଡର ମୂଲ୍ୟ (ଟଙ୍କା):- ୩,୮୮,୯୬,୪୨୪.୨୦, ଅମାନତ ଅର୍ଥ(ଟଙ୍କା):- ୭,୭୨,୯୦୦.୦୦, କାର୍ଯ୍ୟ ସମାପ୍ତି ଅବଧି:- ୦୩ (ତିନି) ମାସ, କ୍ର. ନଂ:- ୩, ଟେଣ୍ଡର ବିଜ୍ଞପ୍ତି ନଂ:- ଏସଟି-ସିକେପି-ଓଟି-୨୬-୨୭-୯୮, କାର୍ଯ୍ୟର ନାମ:- ଡାଙ୍ଗୋଆପୋସିଠାରେ ଲକ୍ସଗ୍ରୀଡରେ ଯାତ୍ରୀ ପ୍ଲାଟଫର୍ମ ନିର୍ମାଣ ସହ ଜଡିତ ଏସଟି କାର୍ଯ୍ୟ, ଟେଣ୍ଡର ମୂଲ୍ୟ (ଟଙ୍କା):- ୩,୨୨,୧୪,୦୫୦.୨୨, ଅମାନତ ଅର୍ଥ (ଟଙ୍କା):- ୬,୫୪,୩୦୦.୦୦, କାର୍ଯ୍ୟ ସମାପ୍ତି ଅବଧି:- ୧୨ (ବାର) ମାସ, କ୍ର.ନଂ:- ୪, ଟେଣ୍ଡର ବିଜ୍ଞପ୍ତି ନଂ:-ଏସଟି-ସିକେପି-ଓଟି-୨୬-୨୭-୯୯, କାର୍ଯ୍ୟର ନାମ:- ବଡବିଲ୍ ଷ୍ଟେସନରେ ଲାଇନ୍ ନଂ-୪ ର ସମ୍ପ୍ରସାରଣ ସହ ଜଡିତ ଏସଟି କାର୍ଯ୍ୟ, ଟେଣ୍ଡର ମୂଲ୍ୟ (ଟଙ୍କା):- ୧,୬୨,୦୮,୩୧୨.୯୨, ଅମାନତ ଅର୍ଥ (ଟଙ୍କା):- ୩,୨୪,୨୦୦.୦୦, କାର୍ଯ୍ୟ ସମାପ୍ତି ଅବଧି:- ୧୨ (ବାର) ମାସ, ଟେଣ୍ଡର ସମ୍ବନ୍ଧୀୟ ବିବରଣୀ http://www.ireps.gov.in ୱେବସାଇଟରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ପାଖରେ 'କ୍ଲାସ-୩ ଡିଜିଟାଲ୍ ସିଗ୍ନେଚର୍ ସାର୍ଟିଫିକେଟ୍' ରହିବା ଏବଂ ସେମାନେ ଆଇଆରଇପିଏସ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ହିଁ ଇ-ଟେଣ୍ଡରିଂ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡର ଫର୍ମଗୁଡ଼ିକ ମାଗଣାରେ ପ୍ରଦାନ କରାଯିବ । (PR-791)

AFFIDAVIT
I, Kumari Seema Mohanty, W/O- Sunil Kumar Ganguly, resident of Plot No- 641/643, 2nd Floor, Shree Vihar, Patia, Bhubaneswar, Odisha, Pin- 751031 declare by this affidavit No- 213/2006, Dtd- 16.09.2026 that, now onwards I shall be known as Seema Mohanty for all future purposes.
Sd/- Seema Mohanty

AFFIDAVIT
By virtue of an affidavit sworn before the Executive Magistrate, Mahakalapara, vide affidavit no 1463, dt 19.9.26, I Mrs Gnaneswari Pradhan, Aged(38), W/o Srikant Pradhan, D/o Rama Rao Duvvu at Plot No. 44, Tinigharia, Jarada, District Ganjam, Odisha- 761209 do hereby declare that my name Gnaneswari Pradhan has recorded in Aadhar and PAN card but has recorded Duvvu Gnaneswari in marriage certificate. Gneneswari Pradhan and Duvvu Gnaneswari refer to one and the same person.

AFFIDAVIT
By virtue of an affidavit sworn before Executive Magistrate,Nayagarh Odisha on dated 21.09.2026 Jhunubala Behera W/o-Niranjan Behera Resident of At-Rental Colony(Part),Jaydev Vihar P.O- IRC Village P.S-Bhubaneswar Dist-Khorda,PIN-751015 declare that I have changed my minor Son's name from Bibhu Behera to Chandan Behera Henceforth, he shall be known as Chandan Behera for all purposes.
Sd/- Jhunubala Behera

AFFIDAVIT
By virtue of an affidavit sworn before Executive Magistrate,Nayagarh Odisha on dated 08.09.2026 Ranjulata Jani W/o-Rabindra Jani Resident of Village-Beladwar P.O-Beruanbari P.S-Odagaon Dist-Nayagarh,PIN-752082 declare that I have changed my minor Son's name from Saharan Jani to Sanatana Jani Henceforth, he shall be known as Sanatana Jani for all purposes.
Sd/- Ranjulata Jani

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର-ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୬୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ଜାତିସଂଘରେ ବୈଦେଶିକ ମନ୍ତ୍ରୀଙ୍କ ବକ୍ତବ୍ୟ

# ସଙ୍କଟର ମୁକାବିଲା ପାଇଁ ବିଶ୍ୱକୁ ଏକଜୁଟ ହେବାକୁ ପଡିବ

ନ୍ୟୁୟର୍କ: ଜାତିସଂଘ ସାଧାରଣ ସଭାର ୮୧ତମ ଅଧିବେଶନରେ, ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ବିଶ୍ୱ ବ୍ୟବସ୍ଥାରେ ବଢୁଥିବା ଉତ୍ତେଜନା ଏବଂ ଭୂରାଜନୈତିକ ପ୍ରତିଯୋଗିତା ମଧ୍ୟରେ ବହୁପାକ୍ଷିକତାକୁ ମଜବୁତ କରିବା ପାଇଁ ଦୃଢ଼ ସମର୍ଥନ କରିଛନ୍ତି। 'ପାର୍ଟନର୍ସ ଫର୍ ମଲ୍ଟିଲାଟ୍ରାଜିମ୍' ସମ୍ମିଳନୀରେ, ଜୟଶଙ୍କର କହିଛନ୍ତି, ବିଶ୍ୱ ଶାନ୍ତି, ସୁରକ୍ଷା, ଜଳବାୟୁ ଆତଙ୍କବାଦ, ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳ ଭଳି ପ୍ରମୁଖ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି, ଯାହାକୁ କେବଳ ମିଳିତ ଭାବରେ କାମ କରି ସମାଧାନ କରାଯାଇପାରିବ। ସେ ଜାତିସଂଘ ସମେତ ଅନ୍ତର୍ଜାତୀୟ ପ୍ରତିଷ୍ଠାନଗୁଡ଼ିକରେ ଅଧିକ ଅଂଶଗ୍ରହଣ ଏବଂ ସ୍ୱଚ୍ଛ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ସହିତ ସଂଶୋଧିତ ବହୁପାକ୍ଷିକତାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। ଜୟଶଙ୍କର କହିଛନ୍ତି ଯେ ବିଶ୍ୱ ବର୍ତ୍ତମାନ ବଡ଼ ସାଂରଚନିକ ପରିବର୍ତ୍ତନ ଦେଇ ଗତି କରୁଛି। ଗତ କିଛି ଦଶନ୍ଧି ଧରି, ବିଶ୍ୱ କ୍ଷମତା ସନ୍ତୁଳନ ଧୀରେ ଧୀରେ ପରିବର୍ତ୍ତନ ହେଉଛି। ତୀବ୍ର ପ୍ରତିଯୋଗିତା, ଭୂରାଜନୈତିକ



ଉତ୍ତେଜନା ଏବଂ ସଂଘର୍ଷ ଏହି ପରିବର୍ତ୍ତନକୁ ଆହୁରି ତୀବ୍ର କରିଛି। ଯଦି ଏହି ପରିସ୍ଥିତିର ସମାଧାନ କରାନଯାଏ, ତେବେ ଅନ୍ତର୍ଜାତୀୟ ସହଯୋଗର ଭାବନା ଉପରେ ପ୍ରଶ୍ନ ଉଠିପାରେ। ତେଣୁ, ବର୍ତ୍ତମାନର ଯୁଗରେ ବହୁପାକ୍ଷିକତାକୁ ଦୃଢ଼ ଭାବରେ ନିଜର ଭୂମିକା ଗ୍ରହଣ କରିବାକୁ ପଡିବ। ଅନ୍ତର୍ଜାତୀୟ ସହଯୋଗର ଆବଶ୍ୟକତା କେବଳ କୂଟନୈତିକ ଆଲୋଚନା ପର୍ଯ୍ୟନ୍ତ ସୀମିତ ନୁହେଁ। ଏହା ବିଶ୍ୱ ଶାନ୍ତି, ସୁରକ୍ଷା ଏବଂ ବିକାଶ ଉପରେ ସିଧାସଳଖ ପ୍ରଭାବ ପକାଇଥାଏ। ବିଶ୍ୱ ଶାନ୍ତି ଏବଂ ଅନ୍ତର୍ଜାତୀୟ ସୁରକ୍ଷା, ଜଳବାୟୁ କାର୍ଯ୍ୟ ଏବଂ ଜଳବାୟୁ ନ୍ୟାୟ, ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ବିକାଶ ପାଇଁ ଆର୍ଥିକ ସହାୟତା, ଆତଙ୍କବାଦ ମୁକାବିଲା, ବିଶ୍ୱ ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବା, ବିପର୍ଯ୍ୟୟ ପରିଚାଳନା ଏବଂ ଭବିଷ୍ୟତର ମହାମାରୀ ପାଇଁ ପ୍ରସ୍ତୁତି ଭଳି ପ୍ରସଙ୍ଗର ସମାଧାନ ଦେଶଗୁଡ଼ିକର ଏକାଠି କାମ କରିବାର ଇଚ୍ଛା ଉପରେ ନିର୍ଭର କରେ। ଆନ୍ତର୍ଜାତୀୟ ବ୍ୟବସ୍ଥାରେ ଏପର୍ଯ୍ୟନ୍ତ ଯାହା ବି ସଫଳତା ମିଳିଛି, ତାହା ସମସ୍ତଙ୍କର ସାମୂହିକ ପ୍ରୟାସର ଫଳାଫଳ। ତେଣୁ, ଆମକୁ ହାସଲ ହୋଇଥିବା ଭଲକାର୍ଯ୍ୟକୁ ସୁରକ୍ଷିତ କରି ଆଗକୁ ଏକ ଉନ୍ନତ ବ୍ୟବସ୍ଥା ଗଠନ କରିବାକୁ ପ୍ରୟାସ କରିବାକୁ ପଡିବ। ଚାଲିଥିବା ସଂଘର୍ଷ ଏବଂ ବିଶ୍ୱ ସଙ୍କଟର ସମାଧାନ ପାଇଁ ବ୍ୟବହାରିକ ଏବଂ ଲକ୍ଷ୍ୟଭେଦୀ ପଦକ୍ଷେପର ଆବଶ୍ୟକତା ରହିଛି। ଏକ ବ୍ୟାପକ ଶାନ୍ତି ଚୁକ୍ତିନାମା ପାଇଁ ପ୍ରୟାସ ଜାରି ରହିଥିଲେ ମଧ୍ୟ, ସଂଘର୍ଷର ନିର୍ଦ୍ଦିଷ୍ଟ ଦିଗଗୁଡ଼ିକୁ ଗୁରୁତ୍ୱ ପ୍ରଦାନ କରି ତୁରନ୍ତ ଏହାର ସମାଧାନ କରାଯାଇପାରିବ। ଇନ୍ଧନ, ଖାଦ୍ୟ, ସାର ଏବଂ ଆର୍ଥିକ ସମସ୍ୟାର ଉଦାହରଣ ଦେଇ ସେ କହିଛନ୍ତି, ଏହି ଚାରୋଟି ସଙ୍କଟକୁ ସେସବୁର ନିଜସ୍ୱ ସ୍ଥିତି ଉପରେ ଛାଡି ଦିଆଯାଇପାରିବ ନାହିଁ। ବିଶ୍ୱକୁ ଅନେକ ପ୍ରସଙ୍ଗରେ ଏକାଠି କାମ କରିବାକୁ ପଡିବ। ସେଥିପାଇଁ ତୁରନ୍ତ ସାମୂହିକ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଏବଂ ନୂତନ କ୍ଷମତା ଦ୍ୱାରା ଚ୍ୟାଲେଞ୍ଜ ଉପୁଜୁଛି। ନୂତନ କ୍ଷମତା ନୂତନ ଚିନ୍ତା ଆଣିଥାଏ, ସ୍ପଷ୍ଟ ଅନ୍ତର୍ଜାତୀୟ ନିୟମ ଏବଂ ସୁରକ୍ଷା ଢାଞ୍ଚା କିମ୍ବା ଗାର୍ଡରେଲ୍ ସ୍ଥାପନ କରିବାର ଦୃଢ଼ ଆବଶ୍ୟକତା ରହିଛି।ବିଶ୍ୱ ଯୋଗାଣ ଶୃଙ୍ଖଳର ଦୁର୍ବଳତା ଉପରେ ମଧ୍ୟ ଆଲୋକପାତ କରି ସେ କହିଛନ୍ତି, ଏକ ନିର୍ଦ୍ଦିଷ୍ଟ ସ୍ଥାନ କିମ୍ବା ବ୍ୟବସ୍ଥା ଉପରେ ଅତ୍ୟଧିକ ନିର୍ଭରଶୀଳତା ସଙ୍କଟ ସୃଷ୍ଟି କରିବାର ଆଶଙ୍କା ସୃଷ୍ଟି କରେ। ତେଣୁ ସେଠାରେ ବିପଦ ହ୍ରାସ କରିବା ଏବଂ ବିବିଧ ଯୋଗାଣ ବିକଳ୍ପ ବିକଶିତ କରିବା ପାଇଁ ପ୍ରୟାସ କରାଯିବା ଉଚିତ୍।

## ଧର୍ମଘଟରୁ ବିରତ ରହିବାକୁ ବ୍ୟାଙ୍କ ସଂଘକୁ ନିବେଦନ

ନୂଆଦିଲ୍ଲୀ: ବିଭିନ୍ନ ଦାବି ପୂରଣ ପାଇଁ ବ୍ୟାଙ୍କ ସଂଘଗୁଡ଼ିକ ଆସନ୍ତା ୨୮ ତାରିଖରୁ ୩ ଦିନିଆ ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଛନ୍ତି। ଧର୍ମଘଟକୁ ନ ଓହ୍ଲାଇ ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନ ପାଇଁ ଅର୍ଥ ମନ୍ତ୍ରାଳୟ ପକ୍ଷରୁ ଗତକାଲି ବ୍ୟାଙ୍କ ସଂଘଗୁଡ଼ିକୁ ପରାମର୍ଶ ଦିଆଯାଇଛି। ବ୍ୟାଙ୍କ ସଂଘର ଦାବିଗୁଡ଼ିକ ମଧ୍ୟରେ ସପ୍ତାହକୁ ୫ ଦିନିଆ କାର୍ଯ୍ୟଦିବସକୁ ଲାଗୁ କରିବା ଏବଂ ପ୍ରଦର୍ଶନଭିତ୍ତିକ ପ୍ରୋତ୍ସାହନ (ପିଏଲ୍ଆଇ) ଯୋଜନାକୁ ପ୍ରତ୍ୟାହାର ରହିଛି। ଅର୍ଥ ମନ୍ତ୍ରାଳୟ କହିଛି, ସଂଘଗୁଡ଼ିକ ସହ ଆଲୋଚନା ପରେ ପିଏଲ୍ଆଇ ଯୋଜନାକୁ ଚଳିତମାସରେ ସ୍ଥଗିତ ରଖାଯାଇଛି। ସପ୍ତାହକୁ ୫ ଦିନିଆ କାର୍ଯ୍ୟଦିବସ ଦାବି ଉପରେ ଆଲୋଚନା ଜାରି ରହିଛି। ତେଣୁ କର୍ମଚାରୀମାନେ ଆନ୍ଦୋଳନକୁ ନ ଓହ୍ଲାଇ ଆଲୋଚନା ମାଧ୍ୟମରେ ଦାବି ସମାଧାନ କରନ୍ତୁ। ଦାବି ପୂରଣ ପାଇଁ ଚଳିତମାସ ୧୧ ତାରିଖରେ ବ୍ୟାଙ୍କ ସଂଘଗୁଡ଼ିକ ଦେଶବ୍ୟାପୀ ଦିନିକିଆ ଧର୍ମଘଟ କରିସାରିଛନ୍ତି। ବ୍ୟାଙ୍କଗୁଡ଼ିକର ଅର୍ଦ୍ଧବାର୍ଷିକ କ୍ଲୋଜିଂ ସେପ୍ଟେମ୍ବର ୩୦ ତାରିଖରେ ରହିଛି। କିନ୍ତୁ ଏହା ପୂର୍ବରୁ ସେପ୍ଟେମ୍ବର ୨୮ ଓ ୨୯ରେ ବ୍ୟାଙ୍କ ଧର୍ମଘଟ ଡାକରା ସରକାରଙ୍କ ଚିନ୍ତା ବଢ଼ାଇଛି।

## ୧୨ ରାଜ୍ୟସଭା, ୨୮ ଏମଏଲସି ଆସନ ପାଇଁ ନିର୍ବାଚନ ଘୋଷଣା

ନୂଆଦିଲ୍ଲୀ: ନିର୍ବାଚନ କମିସନ ବିହାର, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ଉତ୍ତର ପ୍ରଦେଶରେ ୨୮ ବିଧାନ ପରିଷଦ(ଏମଏଲସି) ଆସନରେ ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ଏହି ଆସନଗୁଡ଼ିକ ପାଇଁ ମତଦାନ ଅକ୍ଟୋବର ୨୩ ତାରିଖରେ ହେବ। ଭୋଟ୍ ଗଣତି ଅକ୍ଟୋବର ୨୭ ତାରିଖରେ ହେବ। ଏମଏଲସି ଆସନରେ



ସ୍ନାତକ ଏବଂ ଚାରିଟି ଶିକ୍ଷକ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ କରାଯିବ। ସେଥିମଧ୍ୟରେ ଉତ୍ତର ପ୍ରଦେଶର ୧୧ ବିହାରର ୮, ମହାରାଷ୍ଟ୍ରର ୫ ଏବଂ କର୍ଣ୍ଣାଟକର ୪ ଆସନ ରହିଛି।ଏହା ସହିତ ନିର୍ବାଚନ କମିସନ ଉତ୍ତର ପ୍ରଦେଶର ୧୦, ଉତ୍ତରାଖଣ୍ଡର ଗୋଟିଏ ରାଜ୍ୟସଭା ଆସନ ପାଇଁ ନିର୍ବାଚନ ଘୋଷଣା କରିଛନ୍ତି। ସେହପରି ପଶ୍ଚିମବଙ୍ଗରେ ଖାଲି ପଡ଼ିଥିବା ଗୋଟିଏ ଆସନ ପାଇଁ ଉପନିର୍ବାଚନ ହେବ। ଏହି ସମସ୍ତ ଆସନ ପାଇଁ ମତଦାନ ୧୬ ଅକ୍ଟୋବରରେ ହେବ ଏବଂ ସେହି ଦିନ ଭୋଟ୍ ଗଣତି କରାଯିବ।

## ପ.ବଙ୍ଗରେ ୯୩୩ ସରକାରୀ ସ୍କୁଲ ବନ୍ଦ

କୋଲକାତା: ପଶ୍ଚିମବଙ୍ଗରେ ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ, ଅନେକ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି। ବିଜେପି ସରକାର ସମସ୍ତ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି, କିନ୍ତୁ ଶିକ୍ଷା କ୍ଷେତ୍ର ବର୍ତ୍ତମାନ ଯାଞ୍ଚ ଅଧୀନରେ ଅଛି। ସମ୍ପ୍ରତି ରାଜ୍ୟରେ ୯୩୩ ସ୍କୁଲ ବନ୍ଦ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ସରକାର ଦାବି କରୁଛନ୍ତି ଯେ, ଏକ ଦୁର୍ନୀତିମୁକ୍ତ ସରକାର ଚଳାଇବାକୁ ଏବଂ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାକୁ ଚାହୁଁଛନ୍ତି। ଏହି ସମୟରେ, ସ୍କୁଲ ଶିକ୍ଷା ବିଭାଗ ହଠାତ୍ ଏତେ ସଂଖ୍ୟକ ସ୍କୁଲ ବନ୍ଦ କରିଦେଇଛି। ଏହି ସ୍କୁଲଗୁଡ଼ିକରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ସ୍କୁଲ ଅନ୍ତର୍ଭୁକ୍ତ। ଗତ ୫ ରୁ ୧୨



ବର୍ଷ ମଧ୍ୟରେ ଏହି ସ୍କୁଲଗୁଡ଼ିକରେ ଶୂନ୍ୟ ନାମଲେଖା ହୋଇଥିଲା। ତେଣୁ, ସମ୍ବଳ ଅପଚୟକୁ ଏଡାଇବା ପାଇଁ ସରକାର ସ୍କୁଲଗୁଡ଼ିକୁ ବନ୍ଦ କରିଦେଇଛନ୍ତି । ପୂର୍ବରୁ, ବନ୍ଦ ହେବାକୁ ଥିବା ସ୍କୁଲଗୁଡ଼ିକର କୋଠା ସହିତ କ'ଣ କରାଯିବା ଉଚିତ୍ ତାହା ନିର୍ଣ୍ଣୟ କରିବା ପାଇଁ ଆଦେଶ ଅନୁଯାୟୀ ଏକ କମିଟି ଗଠନ କରାଯାଇଥିଲା। ଏବେ, ସେହି ଆଦେଶକୁ ସଂଶୋଧନ କରାଯାଇଛି। ଶିକ୍ଷା ମନ୍ତ୍ରୀ ଦୀପକ ବର୍ମନ ସ୍କୁଲକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏକ ମାସ ମଧ୍ୟରେ ସରକାରଙ୍କୁ ଏକ ରିପୋର୍ଟ ପ୍ରଦାନ କରାଯିବ। ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ପ୍ରାରମ୍ଭିକ ଯୋଜନା ହେଉଛି ବନ୍ଦ ହେବାକୁ ଥିବା ସ୍କୁଲଗୁଡ଼ିକର କୋଠା, ଖେଳ ପଡ଼ିଆ ଏବଂ ଅନ୍ୟାନ୍ୟ ସମ୍ପତ୍ତି ସରକାରଙ୍କୁ ହସ୍ତାନ୍ତର କରିବା।

### ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର

# 'ଲହରୀ' ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର

ଏକତାନଗର(ଗୁଜରାଟ) : ଗୁଜରାଟର ଏକତା ନଗର (କେୱାଡ଼ିଆ)ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି । ଭାରତୀୟ ସିନେମା ଜଗତର ସର୍ବୋଚ୍ଚ ସମ୍ମାନ 'ଦାଦାସାହେବ ଫାଲ୍କେଦ ପୁରସ୍କାରରେ ବରିଷ୍ଠ ଅଭିନେତା ଅନନ୍ତ ନାଗଙ୍କୁ ସମ୍ମାନିତ କରାଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ହାତରୁ ଏହି ପୁରସ୍କାର ଗ୍ରହଣ କରିବା ପରେ ନିଜର ୫୦ ବର୍ଷର ସିନେମା ଯାତ୍ରା ଓ ନାଟକ ପ୍ରତି ଥିବା ଭଲପାଇବା ସମ୍ପର୍କରେ ସ୍ମରଣ କରି ଅନନ୍ତ ନାଗ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି ପୁରସ୍କାର ଉତ୍ସବରେ 'ଆର୍ଟିକିଲ୍




୩୭୦ଦକୁ ଶ୍ରେଷ୍ଠ ଫିଚର ଫିଲ୍ମ ପୁରସ୍କାର ମିଳିଥିବା ବେଳେ ଏଥିପାଇଁ ଯାମୀ ଗୌତମଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ କରାଯାଇଛି । ଶ୍ରେଷ୍ଠ ଅଭିନେତା ପୁରସ୍କାରକୁ ମାମୁଟି (ବ୍ରମ୍ହଯୁଗମ୍) ଏବଂ କାର୍ତ୍ତିକ ଆର୍ଯ୍ୟନ (ଚନ୍ଦୁ ଚାମ୍ପିୟନ) ଯୁଗ୍ମ ଭାବେ ଜିତିଛନ୍ତି । 'ଅମରନ୍ଦ ଚଳଚ୍ଚିତ୍ର ପାଇଁ ରାଜକୁମାର ପେରିୟାସାମୀଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଏବଂ 'ସ୍ୱାତନ୍ତ୍ର୍ୟ ବୀର ସାବରକରଦ ପାଇଁ ରଣଦୀପ ହୁଦାଙ୍କୁ ଶ୍ରେଷ୍ଠ ଡେବ୍ୟୁ ନିର୍ଦ୍ଦେଶକ ଆୱାର୍ଡ ମିଳିଛି । 'ଭକ୍ଷକଦ ପାଇଁ ସଞ୍ଜୟ ମିଶ୍ର ଶ୍ରେଷ୍ଠ ସହ-ଅଭିନେତା ଏବଂ ରୂପାଶ୍ରୀ ଭାର୍କାଡି ( ମିଥ୍ୟା ) ଓ ସଚନା ନାମିଦାସ ( ମହାରାଜା ) ଯୁଗ୍ମ ଭାବେ ଶ୍ରେଷ୍ଠ ସହ-ଅଭିନେତ୍ରୀ ପୁରସ୍କାର ପାଇଛନ୍ତି । ଅନ୍ୟାନ୍ୟ ମୁଖ୍ୟ ବର୍ଗରେ 'କଲ୍କୀ ୨୮୯୮ ଏଡିଦକୁ ଶ୍ରେଷ୍ଠ ମନୋରଞ୍ଜନଧର୍ମୀ ଫିଲ୍ମ, 'କ୍ୟାପ୍ଟେନ୍ ମିଲରଦକୁ ଶ୍ରେଷ୍ଠ ସାମାଜିକ/ମୂଲ୍ୟବୋଧ ଭିତ୍ତିକ ଫିଲ୍ମ ଏବଂ '୩୫ ଚିନ୍ନା କଥା କାଡୁଦକୁ ଶ୍ରେଷ୍ଠ ଶିଶୁ ଚଳଚ୍ଚିତ୍ର ଭାବେ ଚୟନ କରାଯାଇଛି । ଆଞ୍ଚଳିକ ଭାଷା ଶ୍ରେଣୀରେ 'ଲହରୀଦକୁ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ମିଳିଥିବା ବେଳେ 'ଶ୍ରୀକାନ୍ତଦ (ହିନ୍ଦୀ), 'ରାୟାନ୍ଦ (ତାମିଲ), 'ମିଥ୍ୟାଦ(କନ୍ନଡ), 'ଫେମିନିଚି ଫାତିମାଦ (ମାଲାୟାଲମ୍) ଓ 'କମିଟି କୁର୍ରୋଲୁଦ(ତେଲୁଗୁ) ଭାଷାର ଶ୍ରେଷ୍ଠ ଫିଲ୍ମ ଭାବେ ପୁରସ୍କୃତ ହୋଇଛନ୍ତି । 'ପୁଷ୍ପା ୨ଦପାଇଁ ସୁକୁମାରଙ୍କୁ ଶ୍ରେଷ୍ଠ କାହାଣୀକାର ଏବଂ ସଙ୍ଗୀତ କ୍ଷେତ୍ରରେ ଶାଶ୍ୱତ ସଚଦେବ ( ଆର୍ଟିକିଲ ୩୭୦ ) ଓ ଜି.ଭି. ପ୍ରକାଶ (ଅମରନ୍ ) ପ୍ରମୁଖ ବିଜେତା ହୋଇଛନ୍ତି ।

## କାନାଡାରେ ଚାଟ୍ ଜିପିଟି ବିରୋଧରେ ମାମଲା ରୁଜୁ

ଓଟାୱା: କାନାଡାରେ ଚାଟ୍ ଜିପିଟି ବିରୋଧରେ ମାମଲା ରୁଜୁ ହୋଇଛି। ବ୍ରିଟିଶ କଲମ୍ବିଆରେ ଦାୟର ହୋଇଥିବା ଏହି ମାମଲା ଅନୁଯାୟୀ, କମ୍ପାନି ଜୀବନ ପ୍ରତି ବିପଦପୂର୍ଣ୍ଣ ଧମକକୁ ଅଣଦେଖା କରିଛି। ଏଥିରେ କୁହାଯାଇଛି ଯେ, ଟମ୍ବଲର ରିଜ୍ ସ୍କୁଲ ଗୁଳିକାଣ୍ଡ ଘଟାଇଥିବା ଗୁଳିକାଣ୍ଡକାରୀ ପୂର୍ବରୁ ଚାଟ୍ ଜିପିଟିରେ ଧମକ ଦେଇଥିଲେ, କିନ୍ତୁ କମ୍ପାନି ପୁଲିସକୁ ଜଣାଇବାରେ ବିଫଳ ହୋଇଥିଲା। ସାନ ଫ୍ରାନ୍ସିସ୍କୋର ଫେଡେରାଲ କୋର୍ଟରେ ଦାୟର ହୋଇଥିବା ଏହି ମାମଲାଟି ଓପନଏଆଇ ଏବଂ ଏହାର ସିଇଓ ସାମ୍ ଅଲ୍ଟମ୍ୟାନ୍ ଉଭୟଙ୍କୁ ଅଭିଯୁକ୍ତ କରିଛି। କୋର୍ଟ ହିଂସା ଧମକ ଦେଉଥିବା ବାର୍ତ୍ତାଗୁଡ଼ିକୁ ଚିହ୍ନଟ ଏବଂ ସମାଧାନ କରିବା ପଦ୍ଧତିରେ ଉନ୍ନତି ଆଣିବାକୁ ମଧ୍ୟ ଅନୁରୋଧ କରିଛନ୍ତି। କାନାଡାର କୃତ୍ରିମ ବୁଦ୍ଧିମତ୍ତା ମନ୍ତ୍ରୀ ଇଭାନ୍ ସଲୋମୋନ୍ କହିଛନ୍ତି, ଏଆଇର ବଢୁଥିବା ଚାହିଦା ଭଲ । ତେବେ ଆମେ ସମସ୍ତ ବିପଦ ଆଶଙ୍କାକୁ ଗମ୍ଭୀରତାର ସହ ନେଉଛୁ।

## ନିଆଁଲିଭା ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ: ୨ ପାଇଲଟ ମୃତ

ୱାଶିଂଟନ: ଆମେରିକାର କାଲିଫର୍ନିଆର ୟୋସେମାଇଟ୍ ନ୍ୟାସନାଲ୍ ପାର୍କରେ ଜଙ୍ଗଲ ନିଆଁ ଲିଭାଇବା ପାଇଁ ପାଣି ପକାଉଥିବା ସମୟରେ ଏକ ହେଲିକପ୍ଟରର ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ହେଲିକପ୍ଟରରେ ଥିବା ଦୁଇ ପାଇଲଟ୍ଙ୍କର ମୃତ୍ୟୁ ଘଟିଛି। ସେମାନେ ପ୍ରେସିସନ୍ ନାମକ ଏକ ଚୁକ୍ତିଭିତ୍ତିକ ବିମାନ କମ୍ପାନିରେ କାମ କରୁଥିଲେ। ଏଜେନ୍ସି ମୁଖପାତ୍ର ଏମେରି ଜନସନ୍ କହିଛନ୍ତି ଯେ, ପାଇଲଟଙ୍କ ମଧ୍ୟରୁ ଜଣେ ଗ୍ରେଗ୍ କିଙ୍ଗ ଥିଲେ, ଯିଏ ପ୍ରେସିସନରେ ଯୋଗଦେବା ପୂର୍ବରୁ ଆଲାସ୍କାର ବନ ଏବଂ ଅଗ୍ନି ସୁରକ୍ଷା ବିଭାଗରେ କାର୍ଯ୍ୟ କରୁଥିଲେ। ସେ ରାଜ୍ୟରେ ଅନେକ ଜଙ୍ଗଲ ନିଆଁ ଲିଭାଇବା କାର୍ଯ୍ୟରେ ସାମିଲ ଥିଲେ। ଅଗ୍ନି ନିର୍ବାପନ ପ୍ରୟାସ ତଦାରଖ କରୁଥିବା ଫେଡେରାଲ୍ କମ୍ପ୍ଲେକ୍ସ ଇନସିଡେଣ୍ଟ୍ ମ୍ୟାନେଜମେଣ୍ଟ ଦଳର ମୁଖପାତ୍ର ବେଞ୍ଜାମିନ୍ କୋସେଲ୍ କହିଛନ୍ତି ଯେ ସୁପର ପୁମା ହେଲିକପ୍ଟରଟି ନିଆଁ ଲିଭାଇବା ପାଇଁ ପାଣିର ବାଲ୍ଟି ବ୍ୟବହାର କରୁଥିବା ସମୟରେ ଏକ ହ୍ରଦ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫେଡେରାଲ୍ ଏଭିଏସନ୍ ପ୍ରଶାସନ ଏବଂ ଜାତୀୟ ପରିବହନ ସୁରକ୍ଷା ବୋର୍ଡ ତଦନ୍ତ କରୁଛନ୍ତି।ସରକାରୀ ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ଆମେରିକାରେ ଜଙ୍ଗଲ ନିଆଁ ଲିଭାଇବାରେ ସାହାଯ୍ୟ କରିବା ସମୟରେ ୧୪ ଜଣଙ୍କର ମୃତ୍ୟୁ ହୋଇଛି। ୨୦୨୨ରେ ୨୫ ଜଣଙ୍କର ମୃତ୍ୟୁ ଘଟିଥିଲା।

### ଜାତିସଂଘରେ ଟ୍ରମ୍ପଙ୍କ ଧମକପୂର୍ଣ୍ଣ ଚେତାବନୀ

# ଚୁକ୍ତି ନ ହେଲେ ଇରାନ୍ ସମ୍ପୂର୍ଣ୍ଣ ଧ୍ୱଂସ ହେବ

ୱାଶିଂଟନ୍: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୮୧ତମ ଜାତିସଂଘ ସାଧାରଣ ପରିଷଦ ଅଧିବେଶନରେ ୩୭ ମିନିଟ୍ର ଉଦ୍ବୋଧନରେ ଇରାନ୍କୁ କଡ଼ା ଚେତାବନୀ ଦେଇଛନ୍ତି। ଇରାନ୍ ବିରୋଧରେ ଆହୁରି ସାମରିକ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିବା ସହ ୭ ମାସର ଆମେରିକା-ଇରାନ୍ ଯୁଦ୍ଧ ଇରାନ୍କୁ ପରମାଣୁ ଶକ୍ତି ହାସଲରୁ ଅଟକାଇଛି ଏବଂ ମଧ୍ୟପ୍ରାଚ୍ୟରେ ଏହାର ସ୍ଥିତି ଦୁର୍ବଳ କରିଛି ବୋଲି ଦାବି କରିଛନ୍ତି।ତେବେ ନଭେମ୍ବର ୩ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ପରେ ଆମେରିକା ଓ ଇରାନ୍ ମଧ୍ୟରେ ଚୁକ୍ତି ହୋଇପାରେ ବୋଲି ଟ୍ରମ୍ପ ଆଶା ପ୍ରକଟ କରିଛନ୍ତି। ସେ କହିଛନ୍ତି, ଇରାନ୍ ସହ ଏକ ଚୁକ୍ତି ହୋଇପାରେ, ନଚେତ୍ ଇସ୍ଲାମିକ୍ ରିପବ୍ଲିକ୍କୁ ସମ୍ପୂର୍ଣ୍ଣ ଧ୍ୱଂସ କରାଯିବ।



ଇରାନ୍ ଉପରେ ଅର୍ଥନୈତିକ ଚାପ ବଢ଼ାଇବାକୁ ସେ ଅନ୍ୟ ଦେଶଗୁଡ଼ିକୁ ଅନୁରୋଧ କରିବା ସହ ଇରାନ୍ ଆତଙ୍କବାଦୀ କାର୍ଯ୍ୟକଳାପର ପୃଷ୍ଠପୋଷକ ବୋଲି ଅଭିଯୋଗ କରିଛନ୍ତି।ବାଣିଜ୍ୟିକ ଜାହାଜ ଉପରେ ଇରାନ୍ର ଆକ୍ରମଣକୁ ନିନ୍ଦା କରିଥିବାରୁ ସେ ଜାତିସଂଘ ସୁରକ୍ଷା ପରିଷଦକୁ ଧନ୍ୟବାଦ ଦେଇଛନ୍ତି। ଏଥିସହ ଦୀର୍ଘଦିନର ଯୁଦ୍ଧ ଯୋଗୁଁ ଆମେରିକାର ଅସ୍ତ୍ରଶସ୍ତ୍ର ଅଭାବ ଥିବା ଖବରକୁ ଟ୍ରମ୍ପ ଖଣ୍ଡନ କରିଛନ୍ତି। ଆମେରିକା ରେକର୍ଡ ସ୍ତରରେ ଅସ୍ତ୍ରଶସ୍ତ୍ର ଉତ୍ପାଦନ କରୁଛି ଏବଂ ନୂଆ ଅସ୍ତ୍ରଶସ୍ତ୍ର କେନ୍ଦ୍ର ନିର୍ମାଣ କରୁଛି ବୋଲି ସେ କହିଛନ୍ତି। ଆଇସିସି (ଅନ୍ତର୍ଜାତୀୟ ଅପରାଧ ଅଦାଲତ) କୁ ମଧ୍ୟ ସେ କଡ଼ା ସମାଲୋଚନା କରିଛନ୍ତି। ଉଲ୍ଲେଖଯୋଗ୍ୟ, ଇରାନ୍ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍ ଓ ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘଚି ଜାତିସଂଘ ବୈଠକ ପାଇଁ ନ୍ୟୁୟର୍କରେ ଥିଲେ ମଧ୍ୟ ଟ୍ରମ୍ପଙ୍କ ଉଦ୍ବୋଧନ ସମୟରେ ଉପସ୍ଥିତ ନ ଥିଲେ। ତାଙ୍କ ଉଦ୍ବୋଧନ ସମୟରେ ସାଧାରଣ ପରିଷଦ କକ୍ଷରେ ଥିବା ଇରାନୀୟ ପ୍ରତିନିଧିମାନେ କକ୍ଷତ୍ୟାଗ କରିଥିଲେ।

### ବିହାର ଜମୁଇ ନାବାଳିକା ନିର୍ଯାତନା ମାମଲା

## ମୁଖ୍ୟ ଅଭିଯୁକ୍ତକୁ ଏନକାଉଣ୍ଟର

ପାଟନା : ବିହାରର ଜମୁଇ ଜିଲ୍ଲାରେ ଦଶମ ଶ୍ରେଣୀର ଜଣେ ନାବାଳିକା ଛାତ୍ରୀ ଓ ତାଙ୍କ ବନ୍ଧୁଙ୍କୁ ନିର୍ଜନ ରାସ୍ତାରେ ଅଟକାଇ ନିଷ୍ଠୁର ଭାବେ ଆକ୍ରମଣ ଓ ଅତ୍ୟାଚାର କରିବା ମାମଲାରେ ମୁଖ୍ୟ ଅଭିଯୁକ୍ତ ନନ୍ଦନ ଯାଦବକୁ ପୁଲିସ ଏନକାଉଣ୍ଟର ପରେ ଗିରଫ କରାଯାଇଛି। ମଙ୍ଗଳବାର ଅଭିଯୁକ୍ତ ନନ୍ଦନକୁ କାବୁ କରିବା ପାଇଁ ପୁଲିସ ପିଛା କରିବା ସହ ଗୁଳିଚାଳନା କରିଥିଲା। ଏହି ଗୁଳିବିନିମୟରେ ଅଭିଯୁକ୍ତର ଗୋଡ଼ରେ ଗୁଳି ବାଜିବାରୁ ତାକୁ ଚିକିତ୍ସା ପାଇଁ ଜମୁଇ ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଛି।ଏହି ସମ୍ବେଦନଶୀଳ ଅପରାଧିକ ଘଟଣାରେ ଜମୁଇ ପୁଲିସ ପୋକ୍ସୋ ଆକ୍ଟ ଏବଂ ବିଏନଏସର ବିଭିନ୍ନ ସଂଗୀନ୍ ଧାରା ଆଧାରରେ ଏଫଆଇଆର୍ ରୁଜୁ କରିଛି। ଏସଡିପିଓ ଦୀପ୍ତି ମୋନାଲିଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ପୂର୍ବରୁ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିସାରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ନନ୍ଦନକୁ ଗୁଳିବିଦ୍ଧ କରି କାବୁ କରାଯାଇଛି। ଅନ୍ୟପଟେ, ସୋସିଆଲ ମିଡିଆରୁ ଏହି ଅପରାଧର ଭିଡିଓ ହଟାଇବା ପାଇଁ ଆଇନଗତ ପ୍ରକ୍ରିୟା ଜାରି ରହିଛି।ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୧୯ ସନ୍ଧ୍ୟାରେ କୋଚିଂ କ୍ଲାସ୍ ସାରି ଫେରୁଥିବା ଦୁଇ ନାବାଳକ-ନାବାଳିକାଙ୍କୁ କିଛି ଦୁର୍ବୃତ୍ତ ରାସ୍ତାକଡ଼ରେ ଘେରିଯାଇ ଅତ୍ୟାଚାର ଓ ନିର୍ଯାତନା ଦେଇଥିଲେ। ମୁଖ୍ୟ ଅଭିଯୁକ୍ତ ନନ୍ଦନ ଯାଦବ ନିଜ ମୁହଁ ଢାଙ୍କି ନାବାଳିକା ଓ ତାଙ୍କ ବନ୍ଧୁଙ୍କୁ ମାରପିଟ୍ କରିବା ସହ ଅମାନୁଷିକ ଅପରାଧ ଘଟାଇଥିଲା। ଏହି ନୃଶଂସ କାଣ୍ଡର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୁଲିସ ଭାଇରାଲ ଭିଡିଓ ଆଧାରରେ ୭ ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା।

## ଦୁର୍ଘଟଣାରେ ଡାକ୍ତର ଦମ୍ପତି ଓ ୨ ପିଲାଙ୍କ ମୃତ୍ୟୁ

ଜୟପୁର: ରାଜସ୍ଥାନର ବାରନ୍ ଜିଲ୍ଲାରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଡାକ୍ତର ଦମ୍ପତି ଓ ସେମାନଙ୍କ ୨ ପିଲାଙ୍କର ମୃତ୍ୟୁ ହୋଇଛି। କୱାଇ-ଅତ୍ରୁ ରାଜପଥରେ ଡାକ୍ତର ଦମ୍ପତିଙ୍କ କାର୍ ସହ ଏକ ଦ୍ରୁତଗାମୀ ଟ୍ରକ୍ ମୁହାଁମୁହିଁ ଧକ୍କା ହେବାରୁ କାର୍ରେ ଥିବା ସମସ୍ତ ୪ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକମାନେ ହେଉଛନ୍ତି ଭିଲୱାଡ଼ା ଜିଲ୍ଲାର ମଣ୍ଡଳରେ ପିଏମ୍ଓ (ପ୍ରମୁଖ ମେଡିକାଲ ଅଫିସର) ଥିବା ଡାକ୍ତର ସୁରେଶ ଗଜରାଜ (୩୮), ତାଙ୍କ ପତ୍ନୀ ଡାକ୍ତର ଶାଳିନୀ ମୌର୍ଯ୍ୟ (୩୫), ସେମାନଙ୍କ ୧୨ ବର୍ଷୀୟ ପୁଅ ସ୍ୱପ୍ନିଳ ଓ ୭ ବର୍ଷୀୟା ଝିଅ ନୀଳିଶା। ଡାକ୍ତର ଦମ୍ପତିଙ୍କ ଘର ଝୁନଝୁନୁ ଜିଲ୍ଲାର ସୁରଜଗଡ଼ରେ ହୋଇଥିବାବେଳେ ସେମାନେ ଜୟପୁରରେ ରହୁଥିଲେ। ସେମାନେ ଛାବ୍ରା ଯାଉଥିବାବେଳେ ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା ବୋଲି ସର୍କଲ ଇନ୍ସପେକ୍ଟର ରାଜପାଲ ସିଂହ କହିଛନ୍ତି। ଦୁର୍ଘଟଣା ଘଟାଇବା ପରେ ଟ୍ରକ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପୁଲିସକୁ ଖବର ଦେଇଥିଲେ। ସେମାନେ କାର୍ ଭିତରୁ ଦମ୍ପତି ଓ ସେମାନଙ୍କ ପିଲାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ପରେ କୱାଇ ଥାନାରୁ ପୁଲିସ ଟିମ୍ ପହଞ୍ଚି କାର୍ ଭିତରୁ ମୃତଦେହଗୁଡ଼ିକୁ ବାହାର କରି ଅତ୍ରୁ ଉପଜିଲ୍ଲା ହସ୍ପିଟାଲକୁ ନେଇଥିଲା। ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ।

## ଭିସା-ଫ୍ରି ଏଣ୍ଟ୍ରିରେ ମାଲେସିଆ ଯାଉଥିବା ଲୋକଙ୍କୁ ସତର୍କ କଲା ଭାରତ

କୁଆଲାଲମ୍ପୁର: ମାଲେସିଆର କୁଆଲାଲମ୍ପୁରରେ ଥିବା ଭାରତୀୟ ହାଇ କମିସନ ଭାରତୀୟ ନାଗରିକମାନଙ୍କୁ ଚାକିରି ଅନ୍ୱେଷଣ ପାଇଁ ମାଲେସିଆର ୩୦ ଦିନିଆ ଭିସା-ମୁକ୍ତ ପ୍ରବେଶ(ଭିସା-ଫ୍ରି ଏଣ୍ଟ୍ରି) ସୁବିଧାର ଲାଭ ନ ନେବାକୁ ପରାମର୍ଶ ଦେଇଛନ୍ତି। ଏହା ମଧ୍ୟ ଚେତାବନୀ ଦେଇଛି ଯେ ଏପରି କରୁଥିବା ଲୋକମାନେ ଅଧିକ ସମୟ ଧରି ବାସ କରିବା, ଅବୈଧ ସ୍ଥିତି, ଶୋଷଣ, ଅଟକ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇପାରନ୍ତି। ମଙ୍ଗଳବାର ଦିନ ଜାରି କରାଯାଇଥିବା ଏକ ପରାମର୍ଶରେ, କମିସନ କହିଛନ୍ତି ଯେ, ଚାକିରି ଖୋଜିବା ପାଇଁ ଭିସା-ମୁକ୍ତ ସୁବିଧା ମାଧ୍ୟମରେ ମାଲେସିଆକୁ ଆସୁଥିବା ଭାରତୀୟ ନାଗରିକଙ୍କ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ଲକ୍ଷ୍ୟ କରାଯାଇଛି।କମିସନ କହିଛନ୍ତି ଯେ, ଅନେକ ଲୋକଙ୍କୁ ଚାକିରିର ମିଥ୍ୟା ପ୍ରତିଶ୍ରୁତି ଦେଇ ଅସାଧୁ ଏଜେଣ୍ଟମାନେ ଭ୍ରମିତ କରୁଛନ୍ତି। ୩୦ ଦିନିଆ ଭିସା-ମୁକ୍ତ ସୁବିଧା ପର୍ଯ୍ୟଟନ ଏବଂ ସାମାଜିକ ପରିଦର୍ଶନ ପାଇଁ। ଏହା ନିଯୁକ୍ତିକୁ ଅନୁମତି ଦିଏ ନାହିଁ। କାମ ପାଇଁ ମାଲେସିଆ ଯାଉଥିବା ଭାରତୀୟ ନାଗରିକମାନଙ୍କର ଏକ ବୈଧ କାର୍ଯ୍ୟ ପରମିଟ୍ କିମ୍ବା ରେଫରେନ୍ସ ସହିତ ଭିସା ରହିବା ଆବଶ୍ୟକ। ଭାରତୀୟ ମିଶନ୍ ପ୍ରକୃତ ପର୍ଯ୍ୟଟକମାନଙ୍କୁ ମାଲେସିଆର ଇମିଗ୍ରେସନ୍ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯାଇପାରୁଥିବା ଡକ୍ୟୁମେଣ୍ଟ ବହନ କରିବାକୁ ପରାମର୍ଶ ଦେଇଛି। ଏଥିରେ ଏକ ନିଶ୍ଚିତ ରିଟର୍ଣ୍ଣ ଟିକେଟ୍, ହୋଟେଲ ବୁକିଂ ଏବଂ ଅତି କମରେ ଛଅ ମାସ ପାଇଁ ବୈଧ ପାସପୋର୍ଟ ଅନ୍ତର୍ଭୁକ୍ତ।ପରାମର୍ଶ ଅନୁଯାୟୀ, ଯାତ୍ରୀମାନେ ମାଲେସିଆରେ ପହଞ୍ଚିବାର ତିନି ଦିନ ପୂର୍ବରୁ ସେମାନଙ୍କର ମାଲେସିଆ ଡିଜିଟାଲ୍ ଆଗମନ କାର୍ଡ(ଏମଡିଏସି) ଅନଲାଇନରେ ଦାଖଲ କରିବାକୁ ପଡିବ। ଏହି ଚେତାବନୀ କେତେକ ଉଦାହରଣକୁ ଦୃଷ୍ଟିରେ ରଖି ଦିଆଯାଇଛି।

# କମୁଛି ଟ୍ରମ୍ପଙ୍କ ଲୋକପ୍ରିୟତା : ଜୀବନଧାରଣ ଖର୍ଚ୍ଚ ନେଇ ଅସନ୍ତୋଷ

ୱାଶିଂଟନ୍ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟକୁ ସମର୍ଥନ କରୁଥିବା ଆମେରିକୀୟଙ୍କ ସଂଖ୍ୟା ୩୨ ପ୍ରତିଶତକୁ ଖସିଛି। ରଏଟର୍ସ/ଇପ୍ସୋସର ନୂଆ ସର୍ଭେ ଅନୁସାରେ, ଏହା ଟ୍ରମ୍ପଙ୍କ ରାଜନୈତିକ ଜୀବନର ସବୁଠାରୁ କମ୍ ଅନୁମୋଦନ ହାର। ସେପ୍ଟେମ୍ବର ୧୭ରୁ ୨୦ ମଧ୍ୟରେ ହୋଇଥିବା ଏହି ସର୍ଭେରେ ୧,୨୭୭ ଜଣ ଆମେରିକୀୟ ବୟସ୍କଙ୍କ ମତ ନିଆଯାଇଥିଲା। ସର୍ଭେର ମାର୍ଜିନ୍ ଅଫ୍ ଏରର୍ ପ୍ରାୟ ୩ ପ୍ରତିଶତ ପଏଣ୍ଟ ରହିଛି।



ଗତ ସପ୍ତାହର ସମାନ ସର୍ଭେରେ ଟ୍ରମ୍ପଙ୍କ ଅନୁମୋଦନ ହାର ୩୫ ପ୍ରତିଶତ ଥିଲା। ଅର୍ଥାତ୍ ଗୋଟିଏ ସପ୍ତାହ ମଧ୍ୟରେ ଏହା ୩ ପ୍ରତିଶତ ପଏଣ୍ଟ ହ୍ରାସ ପାଇଛି। ତାଙ୍କ ନିଜ ଦଳ ରିପବ୍ଲିକାନଙ୍କ ମଧ୍ୟରେ ମଧ୍ୟ ସମର୍ଥନ ୮୨ ପ୍ରତିଶତରୁ ୭୩ ପ୍ରତିଶତକୁ ଖସିଛି। ଜାନୁଆରି ୨୦୨୫ରେ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ହେବା ପରେ ଟ୍ରମ୍ପଙ୍କ ଅନୁମୋଦନ ହାର ୪୭ ପ୍ରତିଶତ ଥିଲା। ସର୍ଭେରେ ଜୀବନଧାରଣ ଖର୍ଚ୍ଚକୁ ନେଇ ଟ୍ରମ୍ପଙ୍କ ନୀତି ପ୍ରତି ଅସନ୍ତୋଷର ଚିତ୍ର ମଧ୍ୟ ସାମ୍ନାକୁ ଆସିଛି। ମାତ୍ର ୧୭ ପ୍ରତିଶତ ଲୋକ ଏହି ପ୍ରସଙ୍ଗରେ ଟ୍ରମ୍ପଙ୍କ କାର୍ଯ୍ୟକୁ ଅନୁମୋଦନ କରିଛନ୍ତି। ରିପବ୍ଲିକାନଙ୍କ ମଧ୍ୟରେ ମଧ୍ୟ ଜୀବନଧାରଣ ଖର୍ଚ୍ଚ ପ୍ରସଙ୍ଗରେ ଟ୍ରମ୍ପଙ୍କୁ ଅସମର୍ଥନ କରୁଥିବା ଲୋକଙ୍କ ହାର ୫୧ ପ୍ରତିଶତ ଥିବାବେଳେ ସମର୍ଥନ କରୁଥିବା ଲୋକଙ୍କ ହାର ୪୪ ପ୍ରତିଶତ ରହିଛି। ଅର୍ଥନୀତି ପରିଚାଳନା ପ୍ରସଙ୍ଗରେ ରିପବ୍ଲିକାନଙ୍କ ସମର୍ଥନ ମଧ୍ୟ ହ୍ରାସ ପାଇଛି। ଫେବ୍ରୁଆରିରୁ ଇରାନ ସହ ଯୁଦ୍ଧ ଯୋଗୁଁ ଇନ୍ଧନ ଦର ବଢ଼ିବା ଏବଂ ତାହାର ପ୍ରଭାବରେ ମୁଦ୍ରାସ୍ଫୀତି ବଢ଼ିବା ନେଇ ମଧ୍ୟ ସର୍ଭେରେ ଆଲୋଚନା ହୋଇଛି। ଇରାନ ଉପରେ ଆମେରିକାର ଆକ୍ରମଣକୁ ମାତ୍ର ୩୪ ପ୍ରତିଶତ ଲୋକ ସମର୍ଥନ କରିଛନ୍ତି। ୮୨ ପ୍ରତିଶତ ଲୋକ ଯୁଦ୍ଧ ଦୀର୍ଘ ସମୟ ଧରି ଚାଲିବ ବୋଲି ମତ ଦେଇଛନ୍ତି। ଅପରପକ୍ଷରେ ଆପ୍ରବାସନ ପ୍ରସଙ୍ଗରେ ଟ୍ରମ୍ପଙ୍କ ନୀତିକୁ ୩୬ ପ୍ରତିଶତ ଏବଂ ଅପରାଧ ନିୟନ୍ତ୍ରଣ ପଦକ୍ଷେପକୁ ୩୫ ପ୍ରତିଶତ ଲୋକ ସମର୍ଥନ କରିଛନ୍ତି। ନଭେମ୍ବର ୩ରେ ହେବାକୁ ଥିବା ଆମେରିକାର ମଧ୍ୟବର୍ତ୍ତୀ ନିର୍ବାଚନ ପୂର୍ବରୁ ଏହି ସର୍ଭେ ପ୍ରକାଶ ପାଇଛି।

# ଏସିଆନ୍ ଗେମ୍ସ : କ୍ରିକେଟରେ ସ୍ୱର୍ଣ୍ଣ, ବ୍ୟାଡମିଣ୍ଟରେ ପଦକ ନିଶ୍ଚିତ

**ଏସିଆନ୍ ଗେମ୍ସ ୨୦୨୬ରେ ମଙ୍ଗଳବାର ଭାରତ ପାଇଁ ରହିଲା ରୋମାଞ୍ଚକର ଓ ସଫଳତାଭରା ଦିନ। ମହିଳା କ୍ରିକେଟ୍ ଦଳ ଶ୍ରୀଲଙ୍କାକୁ ୧୪୭ ରନ୍ରେ ପରାସ୍ତ କରି ଭାରତ ପାଇଁ ଚଳିତ ଏସିଆଡର ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛି। ଅନ୍ୟପଟେ ପୁରୁଷ ବ୍ୟାଡମିଣ୍ଟନ ଦଳ ଆୟୋଜକ ଜାପାନକୁ ୩-୦ରେ ହରାଇ ସେମିଫାଇନାଲରେ ପ୍ରବେଶ କରିବା ସହ ଅତିକମରେ ବ୍ରୋଞ୍ଜ ପଦକ ନିଶ୍ଚିତ କରିଛି। ୱୁଶୁରେ ରୋଶିବିନା ଦେବୀ ମଧ୍ୟ ସେମିଫାଇନାଲରେ ପହଞ୍ଚି ପଦକ ପକ୍କା କରିଛନ୍ତି।**

## କ୍ରିକେଟରେ ପ୍ରଥମ ସ୍ୱର୍ଣ୍ଣ

ମହିଳା କ୍ରିକେଟ୍ ଫାଇନାଲରେ ଭାରତ ଶ୍ରୀଲଙ୍କାକୁ ୧୪୭ ରନର ବଡ଼ ବ୍ୟବଧାନରେ ହରାଇ ଟାଇଟଲ୍ ବଜାୟ ରଖିଛି। ପ୍ରଥମେ ବ୍ୟାଟିଂ କରି ଭାରତ ୨୦ ଓଭରରେ ୩ ୱିକେଟ୍ ହରାଇ ୨୧୬ ରନ୍ କରିଥିଲା। ସ୍ମୃତି ମନ୍ଧାନା ୪୫ ବଲ୍ରୁ ୭୯ ରନ୍ କରିଥିବା ବେଳେ ଶେଫାଳି ବର୍ମା ୨୯ ବଲ୍ରୁ ୪୮ ରନ୍ କରିଥିଲେ। ରିଚା ଘୋଷ ମାତ୍ର ୨୨ ବଲରୁ ଅପରାଜିତ ୪୯ ରନ୍ କରି ଭାରତକୁ ୨୦୦ ରନ୍ ପାର କରାଇଥିଲେ। ୨୧୭ ରନର ବିଜୟ ଲକ୍ଷ୍ୟ ପିଛା କରି ଶ୍ରୀଲଙ୍କା ଭାରତୀୟ ବୋଲରଙ୍କ ସାମ୍ନା କରିପାରିନଥିଲା। ଦଳ ମାତ୍ର ୬୯ ରନରେ ଅଲଆଉଟ୍ ହୋଇଥିଲା। ଏହି ବିଜୟ ସହ ଭାରତ ଲଗାତାର ଦ୍ୱିତୀୟ ଏସିଆନ୍ ଗେମ୍ସରେ ମହିଳା କ୍ରିକେଟ୍ ସ୍ୱର୍ଣ୍ଣ ଜିତିଛି।

## ଜାପାନକୁ ହରାଇ ବ୍ୟାଡମିଣ୍ଟନରେ ପଦକ

ପୁରୁଷ ବ୍ୟାଡମିଣ୍ଟନ ଦଳ ଦିନର ଅନ୍ୟତମ ବଡ଼ ସଫଳତା ହାସଲ କରିଛି। କ୍ୱାର୍ଟରଫାଇନାଲରେ ଜାପାନକୁ ୩-୦ରେ ପରାସ୍ତ କରି ଭାରତ ସେମିଫାଇନାଲକୁ ଉଠିଛି। ଲକ୍ଷ୍ୟ ସେନ୍ ବିଶ୍ୱ ନମ୍ବର-୭ କୋଡାଇ ନାରାଓକାଙ୍କ ବିପକ୍ଷରେ ଧୀର ଆରମ୍ଭ ପରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ୧୧-୨୧, ୨୧-୫, ୨୧-୧୯ରେ ବିଜୟୀ ହୋଇଥିଲେ। ପରେ ସାତ୍ୱିକସାଇରାଜ ରଙ୍କିରେଡ୍ଡୀ-ଚିରାଗ ସେଟ୍ଟୀ ଯୋଡ଼ି ତାକୁରୋ ହୋକି-ୟୁଗୋ କୋବାୟାଶିଙ୍କୁ ୨୧-୧୮, ୨୪-୨୨ରେ ହରାଇଥିଲେ। ତୃତୀୟ ମ୍ୟାଚରେ ଆୟୁଷ ସେଟ୍ଟୀ ୨୧-୧୦, ୨୧-୧୯ରେ କୋକି ୱାତାନାବେଙ୍କୁ ହରାଇ ଭାରତର ବିଜୟ ନିଶ୍ଚିତ କରିଥିଲେ। ତେବେ ମହିଳା ବ୍ୟାଡମିଣ୍ଟନ ଦଳ ପାଇଁ ଦିନଟି ନିରାଶାଜନକ ରହିଥିଲା। କ୍ୱାର୍ଟରଫାଇନାଲରେ ଭାରତ ଜାପାନଠାରୁ ୧-୩ରେ ପରାସ୍ତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛି। ପିଭି ସିନ୍ଧୁ, ଉନ୍ନତି ହୁଡ୍ଡା ଓ ତନଭୀ ଶର୍ମା ନିଜ ନିଜ ମ୍ୟାଚରେ ହାରିଥିବା ବେଳେ ଟ୍ରିସା ଜଲି-ଗାୟତ୍ରୀ ଗୋପୀଚାନ୍ଦ ଯୋଡ଼ି ଭାରତ ପାଇଁ ଏକମାତ୍ର ବିଜୟ ହାସଲ କରିଥିଲେ।

## ଉଶୁରେ ରୋଶିବିନାଙ୍କ ପଦକ ପକ୍କା



ମହିଳା ସାଣ୍ଡା ୬୦ କେଜି ବର୍ଗରେ ଭାରତର ରୋଶିବିନା ଦେବୀ ମାକାଓର ଚୁ ମାନ୍ ସିନଙ୍କୁ ହରାଇ ସେମିଫାଇନାଲରେ ପହଞ୍ଚିଛନ୍ତି। ଏହା ସହ ତାଙ୍କର ଲଗାତାର ତୃତୀୟ ଏସିଆନ୍ ଗେମ୍ସ ପଦକ ନିଶ୍ଚିତ ହୋଇଛି। ସେ ୨୦୧୮ ଜାକର୍ତ୍ତାରେ ବ୍ରୋଞ୍ଜ ଏବଂ ୨୦୨୩ ହାଙ୍ଗଝୋଉରେ ରୌପ୍ୟ ପଦକ ଜିତିଥିଲେ।

## ହକିରେ ଗୋଲର ବର୍ଷା :

ପୁରୁଷ ହକିରେ ଭାରତର ଦମଦାର ଅଭିଯାନ ଜାରି ରହିଛି। ପୁଲ୍-ଏ ମ୍ୟାଚରେ ଭାରତ ଶ୍ରୀଲଙ୍କାକୁ ୧୬-୧ ଗୋଲରେ ହରାଇଛି। ଜୁଗରାଜ ସିଂହ ୪ଟି ଗୋଲ୍ କରିଥିବା ବେଳେ ଅଭିଷେକ ସିଂହ ଓ ଦିଲପ୍ରୀତ ସିଂହ ହ୍ୟାଟ୍ରିକ୍ କରିଥିଲେ। ହରମନପ୍ରୀତ ସିଂହ ମଧ୍ୟ ୨ଟି ଗୋଲ୍ ଦେଇଥିଲେ। ଏହା ପୂର୍ବରୁ ଭାରତ ଇଣ୍ଡୋନେସିଆକୁ ୧୩-୧ରେ ହରାଇଥିଲା। ଦୁଇଟି ମ୍ୟାଚରେ ଭାରତର ଗୋଲ୍ ବ୍ୟବଧାନ +୨୭ ରହିଛି।




## ବକ୍ସିଂରେ ଭାରତର ଅପରାଜେୟ ଧାରା :

ବକ୍ସିଂରେ ମଧ୍ୟ ଭାରତୀୟ ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ମହିଳା ୫୧ କେଜି ବର୍ଗରେ ସାକ୍ଷୀ ଚୌଧୁରୀ ପ୍ୟାରିସ୍ ଅଲିମ୍ପିକ୍ ବ୍ରୋଞ୍ଜ ପଦକ ବିଜୟିନୀ ଆଇରା ଭିଲେଗାସଙ୍କୁ ହରାଇ ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ୫୫ କେଜି ବର୍ଗରେ ଜଦୁମଣି ସିଂହ ନେପାଳର ଚନ୍ଦ୍ର ବାହାଦୁର ଥାପାଙ୍କୁ ୫-୦ରେ ହରାଇ ଶେଷ ୧୬ରେ ପହଞ୍ଚିଛନ୍ତି।




## ଟେବୁଲ୍ ଟେନିସରେ ମିଶ୍ର ଫଳ

ଭାରତୀୟ ମହିଳା ଟେବୁଲ୍ ଟେନିସ୍ ଦଳ ଥାଇଲାଣ୍ଡକୁ ୩-୨ରେ ହରାଇ କ୍ୱାର୍ଟରଫାଇନାଲରେ ପହଞ୍ଚିଛି। ଅନ୍ୟପଟେ ପୁରୁଷ ଦଳ ଦକ୍ଷିଣ କୋରିଆଠାରୁ ୦-୩ରେ ହାରି ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛି। ଗ୍ରୁପ୍ ପର୍ଯ୍ୟାୟରେ ଇରାନଠାରୁ ମଧ୍ୟ ଭାରତୀୟ ପୁରୁଷ ଦଳ ପରାଜିତ ହୋଇଥିଲା।

## ଶୁଟିଂରେ ପଦକରୁ ଅଳ୍ପ ଦୂରରେ

୧୦ ମିଟର ଏୟାର ରାଇଫଲ୍ ମିକ୍ସଡ୍ ଟିମ୍ ଇଭେଣ୍ଟରେ ଏଲାଭେନିଲ୍ ଭାଲାରିଭାନ୍ ଓ ପାର୍ଥ ମାନେ ଚତୁର୍ଥ ସ୍ଥାନରେ ରହିଛନ୍ତି। ଯୋଗ୍ୟତା ପର୍ଯ୍ୟାୟରେ ଦ୍ୱିତୀୟ ସ୍ଥାନରେ ଥିବା ଏହି ଯୋଡ଼ି ଫାଇନାଲରେ ୩୭୬.୩ ସ୍କୋର କରିଥିଲେ। ତେବେ ସ୍କିଟରେ ଅନନ୍ତଜୀତ ସିଂହ ନରୁକା ୪ ରାଉଣ୍ଡ ପରେ ୯୬/୧୦୦ ସ୍କୋର ସହ ଚାରିଜଣିଆ ଶୀର୍ଷସ୍ଥାନରେ ରହିଛନ୍ତି।

## ଜିମ୍ନାଷ୍ଟିକ୍ସରେ ପ୍ରଣତି ନାୟକ ଫାଇନାଲରେ

ଜିମ୍ନାଷ୍ଟିକ୍ସର ମହିଳା ଭଲ୍ଟ ଇଭେଣ୍ଟରେ ପ୍ରଣତି ନାୟକ ଫାଇନାଲକୁ ଯୋଗ୍ୟତା ହାସଲ କରିଛନ୍ତି। ୧୯ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ସେ ସପ୍ତମ ସ୍ଥାନରେ ରହି ୧୨.୯୧୬ ସ୍କୋର କରିଛନ୍ତି। ଭଲ୍ଟ ଫାଇନାଲ୍ ସେପ୍ଟେମ୍ବର ୨୪ରେ ଅନୁଷ୍ଠିତ ହେବ।

## ସନ୍ତରଣରେ ରିଲେ ଦଳ ଅଷ୍ଟମ

ସନ୍ତରଣରେ ଭାରତୀୟ ପୁରୁଷ ୪x୧୦୦ ମିଟର ମେଡ୍ଲେ ରିଲେ ଦଳ ଫାଇନାଲରେ ଅଷ୍ଟମ ତଥା ଶେଷ ସ୍ଥାନରେ ରହିଛି। ଏହି ଇଭେଣ୍ଟରେ ଭାରତୀୟ ଦଳ ପଦକ ଦୌଡ଼ରେ ରହିପାରିନଥିଲା। ଏଭଳି ଭାବେ ଦିନ-୩ରେ କ୍ରିକେଟର ସ୍ୱର୍ଣ୍ଣ ସଫଳତା, ବ୍ୟାଡମିଣ୍ଟନ ଓ ୱୁଶୁରେ ପଦକ ନିଶ୍ଚିତତା, ହକିରେ ଲଗାତାର ବଡ଼ ବିଜୟ, ବକ୍ସିଂ ଓ ଜିମ୍ନାଷ୍ଟିକ୍ସରେ ଅଗ୍ରଗତି ସହ ଭାରତୀୟ ଅଭିଯାନ ଗତି ଧରିଛି। ତେବେ ମହିଳା ବ୍ୟାଡମିଣ୍ଟନ, ପୁରୁଷ ଟେବୁଲ୍ ଟେନିସ୍, ଶୁଟିଂ ଓ ସନ୍ତରଣରେ ମିଶ୍ର ଫଳାଫଳ ମଧ୍ୟ ଦେଖିବାକୁ ମିଳିଛି।

# ଭାରତୀୟ ଖେଳାଳିଙ୍କ ପାଇଁ ୨୪ ଘଣ୍ଟିଆ ମେଡିକାଲ୍ ଡ୍ୟୁଟି

ଆଇଚି-ନାଗୋୟା, ୨୨।୯ (ଏଜେନ୍ସି) : ଏସିଆନ୍ ଗେମ୍ସରେ ଭାରତୀୟ ଦଳର ପ୍ରାୟ ୭୦୦ ଖେଳାଳି ଓ ଅଧିକାରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦାୟିତ୍ୱରେ ରହିଛି ଡା. ଦିନଶା ପାର୍ଡିୱାଲାଙ୍କ ନେତୃତ୍ୱାଧୀନ ୬ ଜଣିଆ ମେଡିକାଲ୍ ଟିମ୍। ଏଥର ଏସିଆନ୍ ଗେମ୍ସରେ ଏକ କେନ୍ଦ୍ରୀୟ ଆଥଲେଟ୍ସ ଭିଲେଜ୍ ନଥିବାରୁ ଭାରତୀୟ ଦଳ ନାଗୋୟା, ଆଇଚି ପ୍ରିଫେକ୍ଚର ଓ ଟୋକିଓର ବିଭିନ୍ନ ହୋଟେଲରେ ରହୁଛି। ଫଳରେ ମେଡିକାଲ୍ ଟିମ୍ ପାଇଁ ସମନ୍ୱୟ ଓ ତୁରନ୍ତ ଚିକିତ୍ସା ସେବା ଦେବା ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି। ଭାରତ ଏଥର ପ୍ରାୟ ୧୨୦ କିଲୋଗ୍ରାମ୍ ଔଷଧ ଓ ୪୫୦ କିଲୋଗ୍ରାମ୍ ରିକଭରି ଏବଂ ଫିଜିଓଥେରାପି ଉପକରଣ ଜାପାନକୁ ନେଇଛି। ପ୍ରତିଦିନ ମେଡିକାଲ୍ ଟିମ୍ ପାଖକୁ ହାରାହାରି ୧୫-୧୬ ଜଣ ଖେଳାଳିଙ୍କ ସମ୍ପର୍କିତ କଲ୍ ଆସୁଛି। ଏପରିକି ରାତି ୨ଟାରେ ମଧ୍ୟ ଜରୁରୀ କଲ୍ ଆସିଥିବା ଡା. ପାର୍ଡିୱାଲା କହିଛନ୍ତି। ଦୂରଦୂରାନ୍ତରେ ଥିବା ଖେଳାଳିଙ୍କୁ ଟେଲି-କନସଲଟେସନ୍ ମଧ୍ୟ ଦିଆଯାଉଛି। ପ୍ରତିଦିନ ରାତି ୯ଟାରେ ପ୍ରାୟ ୪୫ ଜଣଙ୍କ ସହ ଭର୍ଚୁଆଲ୍ ମିଟିଂ କରି ଦିନର ସ୍ୱାସ୍ଥ୍ୟ ସମସ୍ୟା, ପରବର୍ତ୍ତୀ ଦିନର ଆବଶ୍ୟକତା ଓ ଜରୁରୀ ପଦକ୍ଷେପ ଉପରେ ଆଲୋଚନା ହେଉଛି। ମେଡିକାଲ୍ ଟିମ୍ ଶ୍ୱାସଜନିତ ସଂକ୍ରମଣ, ଶରୀରରେ ଯନ୍ତ୍ରଣା, ପେଟ ସମସ୍ୟା ଓ ଆଘାତ ଭଳି ସାଧାରଣ ସମସ୍ୟା ଉପରେ ନଜର ରଖିଛି। ଖେଳାଳିଙ୍କ ରିକଭରି ପାଇଁ ୫ଟି ପୋର୍ଟେବଲ୍ ଆଇସ୍ ବାଥ୍, କ୍ରାଏାକମ୍ପ୍ରେସନ୍ ଡିଭାଇସ୍, ନର୍ମାଟେକ୍ କମ୍ପ୍ରେସନ୍ ଡିଭାଇସ୍, ଥେରାପିଉଟିକ୍ ଅଲ୍ଟ୍ରାସାଉଣ୍ଡ ଓ ଇଲେକ୍ଟ୍ରୋଥେରାପି ଉପକରଣ ରହିଛି। ହସ୍ପିଟାଲ୍ ଆବଶ୍ୟକତା ପାଇଁ ଆଇଚି ଓ ନାଗୋୟା ଅଞ୍ଚଳରେ ହସ୍ପିଟାଲଗୁଡ଼ିକୁ ମଧ୍ୟ ପୂର୍ବରୁ ଚିହ୍ନଟ କରାଯାଇଛି। ଭାରତର ୨୦୨୬ ଏସିଆନ୍ ଗେମ୍ସ ଦଳରେ ୫୦୩ ଜଣ ଆଥଲେଟ୍ ସହ ମୋଟ ୭୬୮ ଜଣଙ୍କ ଦଳ ଅନୁମୋଦିତ ହୋଇଥିଲା।

# ଜାପାନ ବିପକ୍ଷରେ ରୋମାଞ୍ଚକର ବିଜୟ

ନାଗୋୟା, ୨୨।୯ (ଏଜେନ୍ସି) : ଚଳିତ ଏସିଆନ ଗେମ୍ସରେ ଭାରତୀୟ ପୁରୁଷ ଦଳ ଆୟୋଜକ ଜାପାନକୁ ଟି -୨୦ ମୁକାବିଲାରେ ହରାଇବାରେ ନାକେଦମ ହୋଇଛି। ବର୍ଷା ବାଧାପ୍ରାପ୍ତ ଏକ ରୋମାଞ୍ଚକର ୫ ଓଭର ବିଶିଷ୍ଟ ମ୍ୟାଚରେ ଭାରତୀୟ ଦଳ ଆୟୋଜକ ଜାପାନକୁ ମାତ୍ର ୨ ରନରେ ହରାଇଛି। ମ୍ୟାଚର ଶେଷ ଓଭରରେ ଅକ୍ଷର ପଟେଲ ଚମତ୍କାର ପ୍ରଦର୍ଶନ କରି ଭାରତକୁ ନାଟକୀୟ ବିଜୟ ଦେଇଛନ୍ତି। ଟସ୍ ଜିତି ଭାରତୀୟ ଅଧିନାୟକ ଶ୍ରେୟାସ ଆୟର ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଓଦା ଆଉଟ ଫିଲ୍ଡ ଯୋଗୁ ମ୍ୟାଚକୁ ୫ ଓଭର ବିଶିଷ୍ଟ କରାଯାଇଥିଲା। ଜାପାନର ସ୍ପିନରଙ୍କ ବୋଲିଂ ଆଗରେ ଭାରତୀୟ ବ୍ୟାଟର ସଂଘର୍ଷ



କରିଥିଲେ। ଭାରତ ନିର୍ଦ୍ଧାରିତ ୫ ଓଭରରେ ୪ ୱିକେଟ ହରାଇ ମାତ୍ର ୩୨ ରନ କରିପାରିଥିଲା। ଦଳ ପକ୍ଷରୁ ଅଧିନାୟକ ଶ୍ରେୟାସ ଆୟର ସର୍ବାଧିକ ୧୬ ରନ କରିପାରିଥିବା ବେଳେ ଓପନର ଅଭିଶେକ ଶର୍ମା ୦ ରନରେ ଆଉଟ୍ ହୋଇଥିଲେ। ଜାପାନ ପକ୍ଷରୁ ଚାର୍ଲି ହାରା ୨ ୱିକେଟ ନେଇଥିଲେ। ୩୩ ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ଜାପାନ ଦଳ ଆରମ୍ଭରୁ ୱିକେଟ ହରାଇଥିଲେ ବି ଶେଷ ପର୍ଯ୍ୟନ୍ତ କଡା ସଂଘର୍ଷ କରିଥିଲା। ଜାପାନକୁ ଶେଷ ଓଭରକୁ ଜିତିବା ପାଇଁ ୮ ରନର ଆବଶ୍ୟକତା ଥିଲା। ଅକ୍ଷର ପଟେଲ ଧୈର୍ଯ୍ୟର ସହ ବୋଲି କରି ଜାପାନକୁ ୩୦/୩ ରେ ଅଟକାଇ ଦେଇଥିଲେ।

# ହକି ଆସୋସିଏସନ୍ ଅଫ୍ ଓଡ଼ିଶାର ନିର୍ବାଚନ ସ୍ଥଗିତ

ଭୁବନେଶ୍ୱର, ୨୨।୯ (ସବ୍ୟୁ) : ହକି ଆସୋସିଏସନ୍ ଅଫ୍ ଓଡ଼ିଶା (ଏଚଏଓ)ର ନିର୍ବାଚନ ତଦାରଖ କରିବା ପାଇଁ ନିଯୁକ୍ତ ନିର୍ବାଚନ ଅଧିକାରୀ ନିର୍ବାଚନ ପ୍ରକ୍ରିୟାକୁ ସ୍ଥଗିତ ରଖିଛନ୍ତି । ଅନେକ ଜିଲ୍ଲା ୟୁନିଟର ଗଠନ ଓ ପ୍ରଶାସନିକ ପରିଚାଳନା ସମ୍ପର୍କିତ ଗୁରୁତର ପ୍ରଶ୍ନ ଉପରେ ସେ ହକି ଇଣ୍ଡିଆର ମାର୍ଗଦର୍ଶନ ଲୋଡ଼ିଛନ୍ତି । ହକି ଇଣ୍ଡିଆର ସଭାପତି ଓ ସାଧାରଣ ସମ୍ପାଦକଙ୍କ ନିକଟରେ ଦାଖଲ କରାଯାଇଥିବା ଏକ ରିପୋର୍ଟରେ, ନିର୍ବାଚନ ଅଧିକାରୀ ଅଞ୍ଜନୀ କୁମାର ମିଶ୍ର, ଆଇଏଏସ (ଅବସରପ୍ରାପ୍ତ), ପ୍ରଶ୍ନ ଉଠାଇଛନ୍ତି ଯେ ଅନେକ ସ୍ଥାୟୀ ଅନୁବନ୍ଧିତ ଜିଲ୍ଲା ୟୁନିଟ୍ର ପରିଚାଳନା କମିଟିଗୁଡ଼ିକ ଯଥାବିଧି, ନିରପେକ୍ଷ ଓ ଗଣତାନ୍ତ୍ରିକ ନିର୍ବାଚନ ମାଧ୍ୟମରେ ଗଠିତ ହୋଇଛି କି ନାହିଁ । ରିପୋର୍ଟରେ ଦର୍ଶାଯାଇଛି ଯେ ଅନେକ ଜିଲ୍ଲାରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ସଭାପତି ଏବଂ/କିମ୍ବା ସମ୍ପାଦକ ଭାବେ ଦର୍ଶାଯାଇଛି। କେତେକ କ୍ଷେତ୍ରରେ ସେମାନଙ୍କୁ "ପଦାନୁସାରେ" ପଦାଧିକାରୀ ଭାବେ ଦର୍ଶାଯାଇଛି। ଅନେକ ମାମଲାରେ ନିର୍ବାଚନ କାର୍ଯ୍ୟବିବରଣୀ ଓ ସହାୟକ ଦସ୍ତାବିଜ ଦାଖଲ କରାଯାଇନଥିବା କଥା ମଧ୍ୟ ରିପୋର୍ଟରେ ଉଲ୍ଲେଖ ରହିଛି। ଏହାସହ ନିର୍ବାଚନ ଅଧିକାରୀ କହିଛନ୍ତି ଯେ "ବର୍ତ୍ତମାନ ପ୍ରାପ୍ତ ଦସ୍ତାବିଜଗୁଡ଼ିକ ଏହା ପ୍ରମାଣିତ କରୁନାହିଁ" ଯେ ଅନେକ ଜିଲ୍ଲା ୟୁନିଟର ପରିଚାଳନା କମିଟିଗୁଡ଼ିକ ପ୍ରଯୁଜ୍ୟ ନିୟମାବଳୀ ଅନୁଯାୟୀ ଯଥାବିଧି ଅନୁଷ୍ଠିତ ନିର୍ବାଚନ ମାଧ୍ୟମରେ ଗଠିତ ହୋଇଛି। ଏହା ପରେ ରିପୋର୍ଟରେ ନିର୍ବାଚନ ମଣ୍ଡଳୀ ସମ୍ପର୍କରେ ଏକ ସିଧାସଳଖ ପ୍ରଶ୍ନ ଉଠାଯାଇଛି। ଏଥିରେ ପଚରାଯାଇଛି ଯେ ଏପରି ପଦାଧିକାରୀମାନଙ୍କ ଦ୍ୱାରା ମନୋନୀତ କିମ୍ବା ଅଧିକୃତ ପ୍ରତିନିଧିମାନଙ୍କୁ ସେମାନଙ୍କ ନିଯୁକ୍ତିର ଆଇନଗତ ଓ ପ୍ରଶାସନିକ ଆଧାର ପ୍ରଥମେ ସ୍ଥାପିତ ନକରି ଚୂଡ଼ାନ୍ତ ନିର୍ବାଚନୀ ତାଲିକାରେ ସାମିଲ କରାଯାଇପାରିବ କି ନାହିଁ । ନିର୍ବାଚନ ଅଧିକାରୀ ବିଶେଷ ଭାବେ ହକି ଇଣ୍ଡିଆର ମାର୍ଗଦର୍ଶନ ଲୋଡ଼ିଛନ୍ତି ଯେ ପଦାନୁସାରେ ନିଯୁକ୍ତ ସଭାପତି କିମ୍ବା ସମ୍ପାଦକଙ୍କ ଦ୍ୱାରା ଅଧିକୃତ ପ୍ରତିନିଧିମାନେ ଚୂଡ଼ାନ୍ତ ନିର୍ବାଚନୀ ତାଲିକାର ଅଂଶ ହୋଇପାରିବେ କି ନାହିଁ; ସରକାରୀ ପ୍ରଶାସନିକ ଅଧିକାରୀମାନଙ୍କୁ ପଦାନୁସାରେ ପଦାଧିକାରୀ ଭାବେ ନିଯୁକ୍ତ କରିବା ଏଚଏଓର ଉପନିୟମ ଓ ହକି ଇଣ୍ଡିଆର ଆବଶ୍ୟକତା ସହ ସମନ୍ୱୟପୂର୍ଣ୍ଣ କି ନାହିଁ; ଏବଂ ଏହି ପ୍ରସଙ୍ଗଗୁଡ଼ିକର ସମାଧାନ ନହେବା ପର୍ଯ୍ୟନ୍ତ ନିର୍ବାଚନ ଆଗକୁ ବଢ଼ିପାରିବ କି ନାହିଁ। ରିପୋର୍ଟର ଶେଷ ଭାଗରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବଲୋକନ ରହିଛି। ସେଠାରେ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ମାର୍ଗଦର୍ଶନ ଓ ପରବର୍ତ୍ତୀ ଯାଞ୍ଚ ହେବା ପର୍ଯ୍ୟନ୍ତ "୦୩ ଅକ୍ଟୋବର ୨୦୨୬ରେ ହକି ଆସୋସିଏସନ୍ ଅଫ୍ ଓଡ଼ିଶାର ନିର୍ବାଚନ କରିବା ସମ୍ଭବ ହେବ ନାହିଁ।

# ଜାଡେଜାଙ୍କୁ ଆଦର୍ଶ ମାନେ : ବାଦଲ

କଟକ, ୨୨।୯ (ସବ୍ୟୁ) : ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍ ସିଏମ ଟ୍ରଫିରେ ଭୁବନେଶ୍ୱର ଟାଇଗର୍ସ ବିଜୟରୁ ନିଜ ଅଭିଯାନ ଆରମ୍ଭ କରିଛି। ବାରବାଟୀ ଷ୍ଟାଡିୟମରେ ବର୍ଷା ବାଧାପ୍ରାପ୍ତ ମ୍ୟାଚରେ କେନ୍ଦୁଝର ମାଇନର୍ସକୁ ଡିଏଲ୍ଏସ୍ ପଦ୍ଧତିରେ ୭ ରନରେ ପରାସ୍ତ କରି ଟାଇଗର୍ସ ଲିଗରେ ଦମଦାର ଆରମ୍ଭ କରିଛି। ଏହି ବିଜୟରେ ଯୁବ ବାମହାତୀ ସ୍ପିନର ବାଦଲ ବିଶ୍ୱାଳଙ୍କ ବୋଲିଂ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ବର୍ଷା ଯୋଗୁଁ ମ୍ୟାଚ୍ ଓଭର ସଂଖ୍ୟା କମିଥିବା ବେଳେ ବାଦଲ ମାତ୍ର ୨ ଓଭର ବୋଲିଂ କରି ୧୫ ରନ୍ ଦେଇ ୨ଟି ମୂଲ୍ୟବାନ ୱିକେଟ୍ ହାସଲ କରିଥିଲେ। ତାଙ୍କ ନିୟନ୍ତ୍ରିତ ବୋଲିଂ ଦଳକୁ ଚାପପୂର୍ଣ୍ଣ ପରିସ୍ଥିତିରେ ଲକ୍ଷ୍ୟ ରକ୍ଷା କରିବାରେ ସହାୟତା କରିଥିଲା। ଅନ୍ୟପଟେ ଅଧିନାୟକ ସ୍ୱସ୍ତିକ ସାମଲ ମାତ୍ର ୧୮ ବଲରୁ ୪୨ ରନର ବିସ୍ଫୋରକ ଇନିଂସ୍ ଖେଳି ଦଳର ସ୍କୋରକୁ ଲଢୁଆ ସ୍ଥିତିରେ ପହଞ୍ଚାଇଥିଲେ। ବିଜୟ ପରେ ବାଦଲ ଦଳ ଭିତରର ସକାରାତ୍ମକ ପରିବେଶକୁ ସଫଳତାର ଏକ ବଡ଼ କାରଣ ବୋଲି କହିଛନ୍ତି। କୋଚ୍, ଅଧିନାୟକ, ସପୋର୍ଟ ଷ୍ଟାଫ୍ ଓ ମାଲିକମାନଙ୍କ ସମର୍ଥନ ଖେଳାଳିମାନଙ୍କୁ ଚାପ ମଧ୍ୟରେ ନିଜ ଖେଳ ଖେଳିବାର ସ୍ୱାଧୀନତା ଦେଇଛି ବୋଲି ସେ କହିଛନ୍ତି। "ଦଳର ପ୍ରତ୍ୟେକ ସଦସ୍ୟ ବହୁତ ସହଯୋଗ କରୁଛନ୍ତି। ଆରମ୍ଭରୁ ପରିବେଶ ବହୁତ ସକାରାତ୍ମକ ରହିଛି। କୋଚ୍, ଅଧିନାୟକ, ସପୋର୍ଟ ଷ୍ଟାଫ୍ ଏବଂ ମାଲିକମାନେ ଆମ ଉପରେ ବହୁତ ବିଶ୍ୱାସ ରଖିଛନ୍ତି। ଫଳାଫଳ ଯାହା ହେଉ, ସେମାନେ ଆମକୁ ସମର୍ଥନ କରିଛନ୍ତି। ଏହି ବିଶ୍ୱାସ ଆମକୁ ମଇଦାନରେ ନିଜ ଖେଳ ଖେଳିବାର ସ୍ୱାଧୀନତା ଦେଇଥାଏ," ବୋଲି ବାଦଲ କହିଛନ୍ତି। ସେ କହିଛନ୍ତି, ଲକ୍ଷ୍ୟ ଡିଫେଣ୍ଡ କରିବା ବେଳେ ଦଳୀୟ ବିଶ୍ୱାସ ଖେଳାଳିଙ୍କୁ ଶାନ୍ତ ଓ ଫୋକସ୍ଡ ରହିବାରେ ସହାୟତା କରିଥିଲା। "ଆମର ଲକ୍ଷ୍ୟ ସ୍ପଷ୍ଟ ଆମେ ଏହି ଟୁର୍ଣ୍ଣାମେଣ୍ଟ ଜିତିବାକୁ ଚାହୁଁଛୁ। ପ୍ରତ୍ୟେକ ମ୍ୟାଚ୍କୁ ସେହି ଲକ୍ଷ୍ୟ ଦିଗରେ ଆଉ ଗୋଟିଏ ପାଦ ଆଗକୁ ବଢ଼ିବାର ସୁଯୋଗ ଭାବେ ନେବୁ," ସେ କହିଛନ୍ତି। ବାଦଲଙ୍କ ବୋଲିଂ ରଣନୀତି ମଧ୍ୟ ସରଳ ଥିଲା ଅଧିକରୁ ଅଧିକ ଡଟ୍ ବଲ୍ ପକାଇ ଚାପ ସୃଷ୍ଟି କରିବା। ତାଙ୍କ ମତରେ, ଟି-୨୦ କ୍ରିକେଟରେ ଗୋଟିଏ-ଦୁଇଟି ବାଉଣ୍ଡାରୀ ପାଇଁ ଆତ୍ମବିଶ୍ୱାସ ହରାଇବା ଉଚିତ ନୁହେଁ।"ଡଟ୍ ବଲ୍ ଚାପ ସୃଷ୍ଟି କରେ ଏବଂ ସେହି ଚାପରୁ ୱିକେଟ୍ ମିଳିଥାଏ। ଟି -୨୦ ରେ ବେଳେବେଳେ ଛକା ଦେବାକୁ ପଡ଼ିପାରେ, ଏହା ଖେଳର ଅଂଶ। ଗୋଟିଏ ବାଉଣ୍ଡାରୀ ଯୋଗୁଁ ଆତ୍ମବିଶ୍ୱାସ ହରାଇବା ଉଚିତ ନୁହେଁ। ନିଜ ଯୋଜନା ଓ କୌଶଳ ଉପରେ ବିଶ୍ୱାସ ରଖି ସଠିକ୍ ଲେଙ୍ଥରେ ବୋଲିଂ କରିବା ହିଁ ମୋର ଲକ୍ଷ୍ୟ ଥିଲା," ବୋଲି ସେ କହିଛନ୍ତି। ବାଦଲ ଦିଲ୍ଲୀରେ ଜନ୍ମ ଓ ବଡ଼ ହୋଇଥିବା ବେଳେ ପରେ ଓଡ଼ିଶା ଆସିଥିଲେ। ପ୍ରାୟ ୧୨ ବର୍ଷ ବୟସରୁ ସେ କ୍ରିକେଟ୍ ଖେଳିଆସୁଛନ୍ତି। ଜଣେ ଅଲରାଉଣ୍ଡର ଭାବେ ସେ ବ୍ୟାଟିଂ, ବୋଲିଂ ଓ ଫିଲଡିଂ ଖେଳର ପ୍ରତ୍ୟେକ ବିଭାଗରେ ନିଜକୁ ଉନ୍ନତ କରିବାକୁ ଚାହୁଁଛନ୍ତି। ପ୍ରତ୍ୟେକ ସୁଯୋଗରୁ ଶିଖି ନିଜ ଖେଳକୁ ଆହୁରି ମଜବୁତ କରିବା ତାଙ୍କ ଲକ୍ଷ୍ୟ। ନିଜ କ୍ରିକେଟିଂ ଆଦର୍ଶ ସମ୍ପର୍କରେ ବାଦଲ କହିଛନ୍ତି, "ରବୀନ୍ଦ୍ର ଜାଡେଜା ମୋର କ୍ରିକେଟିଂ ଆଇଡଲ୍। ଏହା ସହିତ ମୁଁ ଡାନିଏଲ ଭେଟୋରୀଙ୍କୁ ମଧ୍ୟ ବହୁତ ନିକଟରୁ ଅନୁସରଣ କରିଛି। ସର୍ବୋଚ୍ଚ ସ୍ତରରେ ନିରନ୍ତର ଭଲ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କଠାରୁ ମୁଁ ଶିଖିବାକୁ ପସନ୍ଦ କରେ।" ଜାଡେଜା ଓ ଭେଟୋରୀଙ୍କ ଭଳି ବାମହାତୀ ସ୍ପିନରଙ୍କୁ ଅନୁସରଣ କରିବା ସହ ବାଦଲ ନିଜ ଅଲରାଉଣ୍ଡ କ୍ଷମତାକୁ ବିକଶିତ କରିବା ଉପରେ ଜୋର୍ ଦେଉଛନ୍ତି। ଓଡ଼ିଶା ଟି-୨୦ ଲିଗର ଆରମ୍ଭିକ ମ୍ୟାଚରେ ୨ ୱିକେଟ୍ ନେଇ ସେ ନିଜ ଦକ୍ଷତାର ଝଲକ ଦେଇଛନ୍ତି।

### ଜାହିର ସିଏସକେ କୋଚ୍

# ନିଯୁକ୍ତି ପଛରେ ଧୋନୀଙ୍କ ହାତ

ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି) : ଆଇପଏଲ ୨୦୨୭ ପୂର୍ବରୁ ଚେନ୍ନାଇ ସୁପର କିଙ୍ଗସ୍ ଏକ ବଡ ନିଷ୍ପତ୍ତି ନେଇଛି। ଦଳ ପୂର୍ବତନ ଦ୍ରୁତ ବୋଲର ଜାହିର ଖାନଙ୍କୁ ମୁଖ୍ୟ କୋଚ୍ ଭାବେ ନିଯୁକ୍ତି କରିଛି। ଏହି ଖବର ସାମ୍ନାକୁ ଆସିବା ପରେ ଅନେକ ପ୍ରଶ୍ନ ଉଠିଛି। କୁହାଯାଇଛି ଯେ, ଜାହାରଙ୍କୁ କୋଚ ନିଯୁକ୍ତି କରିବା ପଛରେ ମହେନ୍ଦ୍ର ସିଂ ଧୋନୀଙ୍କ ହାତ ରହିଛି। କିନ୍ତୁ ଏହାରି ଭିତରେ ସିଏସକେର ଏମଡି କାଶି ବିଶ୍ୱନାଥ ସ୍ପଷ୍ଟ କରିଛନ୍ତି ଯେ, ନିଯୁକ୍ତିରେ ଧୋନୀଙ୍କ ହାତ ରହିଛି। ଜାହିରଙ୍କ ନିକଟରେ ଆଇପିଏର ଦୀର୍ଘ ଦିନର ଅଭିଜ୍ଞତା ରହିଛି। ସେ ଭଲ ଭାବେ ବୋଲିଂ ଏବଂ ବ୍ୟାଟିଂକୁ ବୁଝିଛନ୍ତି। ଯାହାର ଲାଭ ଚେନ୍ନାଇକୁ ମିଳିବ। ଏହି ନିଷ୍ପତ୍ତି ସମୟରେ ଧୋନୀଙ୍କୁ ପଚରା ଯାଇଥିଲା। ଧୋନୀ ସହମତି ଜଣାଇଥିଲେ । ଧୋନୀଙ୍କ ବ୍ୟତୀତ ଦଳର ମାଲିକ ରୂପା ଗୁରୁନାଥ ଏବଂ ଅଧିନାୟକ ଋତୁରାଜ ଗାଏକ୍ୱାର୍ଡ ମଧ୍ୟ ସହମତି ଜଣାଇଥିଲେ। ୨୦୨୭ରେ ଧୋନୀ ଆଇପିଏଲ ଖେଳିବେ ନା ନାହିଁ ପ୍ରଶ୍ନରେ ବିଶ୍ୱନାଥନ କହିଛନ୍ତି ମାହି ଏବେ ସିଏସକେର ଖେଳାଳି ଅଛନ୍ତି। ମାହିଙ୍କ ପ୍ରଶଂସକଙ୍କ ପାଇଁ ଏହା ଭଲ ଖବର । ସେ ଖେଳାଳି ଭାବେ ଦଳରେ ସାମିଲ ରହିବେ। ଦଳ ଜାହିର ଖାନଙ୍କୁ ନିଜ ପସନ୍ଦର ସର୍ପୋଟିଂ ଷ୍ଟାଫ ବାଛିବାର ଅଧିକାର ଦେଇଛିବୋଲି ବିଶ୍ୱନାଥନ୍ କହିଛନ୍ତି। ଗତ ତିନୋଟି ସିଜନରେ ଚେନ୍ନାଇ ସୁପର କିଙ୍ଗସ୍ ପ୍ରଦର୍ଶନ ଅତି ନୈରାଶ୍ୟ ଜନକ ରହିଛି। ଦଳ ଲିଗ୍ ପର୍ଯ୍ୟାୟରୁ ବିଦା ହେଉଛି। ତେଣୁ ଦଳରେ ପରିବର୍ତ୍ତନ ଜରୁରୀ। ଷ୍ଟିଫେନ୍ ଫ୍ଲେମିଙ୍ଗଙ୍କ ୧୮ ବର୍ଷର ଲମ୍ବା କାର୍ଯ୍ୟକାଳ ପରେ ଏବେ ଜାହିର ଖାନ ବଡ ଦାୟିତ୍ୱ ଗ୍ରହଣ କରିଛନ୍ତି।

# ଏସୀୟ କ୍ରୀଡ଼ାରେ ଭାଗନେଇ ଇତିହାସ ରଚିଲେ ସନ୍ଧ୍ୟାରାଣୀ

ବାରିପଦା, (ସବ୍ୟୁ) : ପ୍ରତିକୂଳ ପରିସ୍ଥିତି ଏବଂ ଆର୍ଥିକ ଅନଟନ କେବେ ବି ପ୍ରତିଭାର ପ୍ରତିବନ୍ଧକ ସାଜି ପାରେନି, ଏହା ପୁଣିଥରେ ପ୍ରମାଣିତ କରିଛନ୍ତି ମୟୂରଭଞ୍ଜ ଜିଲ୍ଲାର ପ୍ରତିଭାବାନ ଖେଳାଳି ସନ୍ଧ୍ୟାରାଣୀ ଟୁଡୁ । ସଂଘର୍ଷର ପାହାଡ଼ ଚଢ଼ି ସେ ଏବେ ସିଧାସଳଖ ଆନ୍ତର୍ଜାତୀୟ କ୍ରୀଡ଼ା ମହାକୁମ୍ଭ, ଏସୀୟ କ୍ରୀଡ଼ା ପାଇଁ ଭାରତୀୟ ମହିଳା ରଗବୀ ଦଳରେ ସ୍ଥାନ ପାଇଛନ୍ତି ଓ ଆସନ୍ତା ଅକେଟାବର ୧ ରୁ ୩, ୨୦୨୬ ପର୍ଯ୍ୟନ୍ତ ଜାପାନର ନାଗୋୟା ସହର ସ୍ଥିତ ମିଜୁହୋ ପାର୍କ ରଗବୀ ଫିଲ୍ଡ ଠାରେ ଅନୁଷ୍ଠିତ ହେବାକୁଥିବା ଏହି ପ୍ରତିଷ୍ଠିତ କ୍ରୀଡ଼ା ମହାକୁମ୍ଭରେ ସେ ଦେଶର ପତାକା ଉଡ଼ାଇବେ । ମୟୂରଭଞ୍ଜର ଏକ ସାଧାରଣ ପରିବାରୁ ଆସିଥିବା ସନ୍ଧ୍ୟାରାଣୀଙ୍କ ଏହି ସଫଳତା ପଛରେ ରହିଛି ବାରିପଦା ସ୍ଥିତ ଫ୍ୟୁଚର୍ ଷ୍ଟାର୍ ସ୍ପୋର୍ଟସ୍ ଏକାଡେମୀର ପ୍ରଶିକ୍ଷଣ ଏବଂ ସମର୍ଥନ ଓ ଅଭାବ ଅସୁବିଧା ଏବଂ ସୀମିତ ସମ୍ବଳ କେବେ ବି ତାଙ୍କ ଲକ୍ଷ୍ୟ ପଥରେ ବାଧା ସାଜିପାରି ନଥିଲା ଓ ନିଜର ଦୃଢ଼ ମନୋବଳ ଏବଂ କଠିନ ପରିଶ୍ରମ ବଳରେ ସେ ଜାତୀୟ ରଗବୀ ଦଳରେ ନିଜର ସ୍ଥାନ ବଜାୟ ରଖି ପାରିଛନ୍ତି। ଅଲିମ୍ପିକ୍ସ ପରେ ଏସୀୟ କ୍ରୀଡ଼ା ହେଉଛି ବିଶ୍ୱର ଦ୍ୱିତୀୟ ସର୍ବବୃହତ ବହୁ-କ୍ରୀଡ଼ା ମହାକୁମ୍ଭ ଓ "ଏସିଆଡ୍' ଭାବେ ପରିଚିତ ଏହି ପ୍ରତିଯୋଗିତା ଏସିଆ ମହାଦେଶର ସବୁଠୁ ବଡ଼ କ୍ରୀଡ଼ା ଆୟୋଜନ ଅଟେ, ଯାହାକୁ "ଓଲିମ୍ପିକ୍ କାଉନସିଲ୍ ଅଫ୍ ଏସିଆ' ଦ୍ୱାରା ପରିଚାଳନା କରାଯାଇଥାଏ। ଏଭଳି ଏକ ବିଶ୍ୱସ୍ତରୀୟ ମଞ୍ଚରେ ଫ୍ୟୁଚର୍ ଷ୍ଟାର୍ ସ୍ପୋର୍ଟସ୍ ଏକାଡେମୀର ପ୍ରତିଭା ଭାରତକୁ ପ୍ରତିନିଧିତ୍ୱ କରିବା ସମଗ୍ର ଜିଲ୍ଲା ତଥା ରାଜ୍ୟ ପାଇଁ ଏକ ଗର୍ବ ଓ ଗୌରବର ବିଷୟ ଓ ସନ୍ଧ୍ୟାରାଣୀଙ୍କ ଏହି ଅସାଧାରଣ ସଫଳତା ପାଇଁ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ, ମୟୂରଭଞ୍ଜ ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ବିଜୟ କୁମାର ଦାସ, ବାରିପଦା ପୌରପରିଷଦ ଅଧକ୍ଷ କୃଷ୍ଣାନନ୍ଦ ମହାନ୍ତି, ଏକାଡେମୀ ନିର୍ଦ୍ଦେଶକ ଅମର କୁମାର ସେଠି, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଳ ହାଁସଦାଃ, ସହ-ପ୍ରତିଷ୍ଠାତା ରୂପାଲୀ ସୋରେନ, ସାଇ କିରଣ ନାୟକ, ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ ଏବଂ କୋଚ୍ ଚନ୍ଦନ ସିଂ, ରାଜକିଶୋର ପାତ୍ର ଓ ଅଜିତ କୁମାର ହାଁସଦାଃ ଶୁଭେଚ୍ଛା ଜଣାଇଛନ୍ତି । ମୟୂରଭଞ୍ଜ ଜିଲ୍ଲା ରଗବୀ ସଙ୍ଘ, ଓଡ଼ିଶା ରଗବୀ ସଂଘ ଏବଂ ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗର ସହଯୋଗ ପାଇଁ ଏକାଡେମୀର ସମସ୍ତ ଖେଳାଳୀ ଓ ପ୍ରତିଷ୍ଠାତା ଶ୍ରୀ ଦାସ କୃତଜ୍ଞତା ଜ୍ଞାପନ କରିଛନ୍ତି।







Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Dr. Gurukalyan Mohapatra,ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି